


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୧୯ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 AUGUST 2022
Vol.No. 35 ■ No. 217 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ବିଶ୍ୱରେ ଭାରତକୁ ଏକ ନମ୍ବର କରିବାକୁ ଅରବିନ୍ଦ କେଜ୍ରିୱାଲଙ୍କ 'ମେକ୍ ଇଣ୍ଡିଆ ନମ୍ବର-ୱାନ୍' ମିଶନ

ନୂଆଦିଲ୍ଲୀ, ୧୮/୦୮ : ବିଶ୍ୱରେ ଭାରତକୁ ଏକ ନମ୍ବର କରିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ 'ମେକ୍ ଇଣ୍ଡିଆ ନମ୍ବର-ୱାନ୍' ମିଶନର ଶୁଭାରମ୍ଭ କରିଛନ୍ତି । ଯୁବପିଢିଙ୍କୁ ନିଯୁକ୍ତି, ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ସେବା ସହ ୫ ପଏଣ୍ଟ ଉପରେ ଗୁରୁତ୍ୱ ଦେଇଛନ୍ତି ଏହି ଆପ୍ ନେତା । ଏହାକୁ ଏକ ଅଣରାଜନୈତିକ ମିଶନ କହିବା ସହ ମିଶନରେ ଯୋଡିହେବାକୁ ଜନସାଧାରଣଙ୍କ ସହ ରାଜନୈତିକ ଦଳଗୁଡିକୁ କେଜ୍ରିୱାଲଙ୍କ ଆହ୍ୱାନ୍ ଦେଇଛନ୍ତି । ଭାରତ ପରେ ସିଙ୍ଗାପୁର, ଜାପାନ, ଜର୍ମାନୀ ସ୍ୱାଧୀନତା ପାଇଥିଲେ ହେଲେ ସେମାନେ ଆଜି ଆଗରେ ଅଛନ୍ତି ଭାରତ କାହିଁକି ନୁହେଁ ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି । ଯାହାର ଯବାବ ରଖିଛି ବିଜେପି । ୫ ପଏଂଟ୍ ଉପରେ କେଜ୍ରିୱାଲଙ୍କ ଗୁରୁତ୍ୱ - ମାଗଣା ଶିକ୍ଷା-ଦେଶର ସବୁ ପିଲାଙ୍କୁ ଭଲ ଏବଂ ମଗଣା ଶିକ୍ଷା ଯୋଗାଇଦେବାକୁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବା । ଅଧିକ ସରକାରୀ ସ୍କୁଲ ଖୋଲିବା ସହ ଗେଷ୍ଟ ଶିକ୍ଷକଙ୍କୁ ସ୍ଥାୟୀ କରିବା । ମାଗଣା ସ୍ୱାସ୍ଥ୍ୟସେବା-ଭାରତର ୧୩୦ କୋଟି ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା । ଏଥିପାଇଁ ଅଢେଇ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବା । ସାରା ଦେଶରେ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ କରିବା । ଯୁବପିଢିଙ୍କୁ ନିଯୁକ୍ତି-ଯୁବପିଢି ଦେଶର ଭବିଷ୍ୟତ । ତେଣୁ ସବୁ ଯୁବକ, ଯୁବତୀଙ୍କ ପାଇଁ ନିଯୁକ୍ତିର ବ୍ୟବସ୍ଥା କରିବା । ଦେଶର ସବୁ ଗରିବଙ୍କୁ ଧନୀ କରିବା ଉପରେ କେଜ୍ରିୱାଲ ଗୁରୁତ୍ୱ ଦେବାକୁ କହିଛନ୍ତି । ମହିଳାଙ୍କୁ ସମାନ ଅଧିକାର-ଦେଶର ମହିଳାମାନଙ୍କୁ ସମାନ ଅଧିକାର ଦେବା ସହ ମର୍ଯ୍ୟାଦାର ସହ ବଂଚିବା ସୁନିଶ୍ଚିତ କରିବା । ମହିଳାଙ୍କ ସୁରକ୍ଷା ଏବଂ ସମାନ ଅଧିକାର ଦେବାକୁ କେଜ୍ରିୱାଲ କହିଛନ୍ତି । କୃଷକଙ୍କୁ ଉପଯୁକ୍ତ ମୂଲ୍ୟ-କୃଷକମାନେ ଯାହା ଖାଦ୍ୟ, ଶସ୍ୟ ଉତ୍ପାଦନ କରୁଛନ୍ତି ତାର ଉଚିତ୍ ମୂଲ୍ୟ ଦେବା । ଯେପରି ଜଣେ କୃଷକ କୃଷକ ବୋଲି ପରିଚୟ ଦେବାକୁ ଗର୍ବ ଅନୁଭବ କରିବ । ଭାରତ ପରେ ସିଙ୍ଗାପୁର, ଜାପାନ, ଜର୍ମାନୀ ସ୍ୱାଧୀନତା ପାଇଥିଲେ ହେଲେ ସେମାନେ ଆଜି ଆଗରେ ଅଛନ୍ତି ଭାରତ କାହିଁକି ନୁହେଁ ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି । ଆଉ ଏହାର ଯବାବ ରଖିଛନ୍ତି ▶▶ପୃଷ୍ଠା ୭




## ଜମ୍ମୁକାଶ୍ମୀରରେ ଅଣସ୍ଥାନୀୟ ଲୋକଙ୍କ ଭୋଟଦାନ ଅଧିକାର ପ୍ରସଙ୍ଗ

# ସର୍ବଦଳୀୟ ବୈଠକ ଡାକିଲେ ମେହେବୁବା ମୁଫତି

ନୂଆଦିଲ୍ଲୀ, ୧୮/୦୮ : ଜମ୍ମୁକାଶ୍ମୀରରେ ଅଣସ୍ଥାନୀୟ ଲୋକଙ୍କୁ ଭୋଟଦାନ ଅଧିକାର ମିଳିଛି । ଏହାକୁ ବିରୋଧ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ ମେହବୁବା ମୁଫତି । ବୁଧବାର କାଶ୍ମୀରରେ ଅଣସ୍ଥାନୀୟ ଲୋକଙ୍କୁ ଭୋଟଦାନର ଅଧିକାର ନେଇ ଘୋଷଣା ହୋଇଥିଲା । ଏହାକୁ ବିରୋଧ କରି ମେହବୁବା ମୁଫତି ସର୍ବଦଳୀୟ ବୈଠକ ଡାକିଛନ୍ତି । ପ୍ରେସମିଟ କରି ମେହବୁବା ମୁଫତି କହିଛନ୍ତି, ଏ ବାବଦରେ ସେ ନ୍ୟାସନାଲ କନଫରେନ୍ସ ମୁଖ୍ୟ ଡ, ଫାରୁକ ଅବଦୁଲ୍ଲାଙ୍କ ସହ ଆଲୋଚନା କରିସାରିଛନ୍ତି । ଅନ୍ୟଦଳମାନଙ୍କ ସହ ସେ ଆଲୋଚନା କରିବା ପାଇଁ ସର୍ବଦଳୀୟ ବୈଠକ ଡାକିଛନ୍ତି । ନିର୍ବାଚନ ଆୟୋଗ ବୁଧବାର ଜମ୍ମୁ-କଶ୍ମୀରରେ ଅଣସ୍ଥାନୀୟ ଲୋକଙ୍କୁ ମତଦାନ ପାଇଁ ଅଧିକାର ପ୍ରଦାନ କରିଥିଲେ । ସେ ଆହୁରି ମଧ କହିଥିଲେ, ଏହା ସେହି ସମୟ ଯେତେବେଳେ ଆମକୁ ନିର୍ବାଚନ ଠାରୁ ଅଧିକ କାଶ୍ମୀର ପ୍ରସ୍ତାବ ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଆମ ଯୁବକଙ୍କୁ କଟ୍ଟରପନ୍ଥୀ କରାଯାଉଛି, ଆମ କାଶ୍ମୀର ପଣ୍ଡିତ ଭାଇଙ୍କୁ ହତ୍ୟା କରାଯାଉଛି । ପୋଲିସ ଓ ସୁରକ୍ଷାବଳର ଯବାନଙ୍କୁ ମାରିଦିଆଯାଉଛି । ୨୦୨୪ ନିର୍ବାଚନ ପରେ ଭାଜପା ଦେଶରୁ ସମ୍ବିଧାନକୁ ହଟାଇଦେବ ଏବଂ ଦେଶର ▶▶ପୃଷ୍ଠା ୭



# ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଂଚଳ ପରିଦର୍ଶନ

## ବନ୍ୟା କ୍ଷତିଗ୍ରସ୍ତ ଅଂଚଳରେ ୧୫ ଦିନ ପାଇଁ ରିଲିଫ୍ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ଆକାଶମାର୍ଗରୁ ରାଜ୍ୟର ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟାଂଚଳରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଅଂଚଳ ପାଇଁ ରିଲିଫ ସହାୟତା ଘୋଷଣା କରିଛନ୍ତି। ଖୋର୍ଦ୍ଧା , ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜ଼ିଲ୍ଲା ଯେଉଁ ଗାଁ ମାନଙ୍କ ରେ ପାଣି ପଶିଛି ସେଠାରେ ବିପନ୍ନ ଲୋକ ମାନଙ୍କୁ ୧୫ଦିନ ରିଲିଫ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଓ ଅନୁଗୁଳ ଜ଼ିଲ୍ଲା ର ପାଣି ପଶିଥିବା ଗାଁ ର ଲୋକମାନଙ୍କୁ ୭ ଦିନ ପାଇଁ ରିଲିଫ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପାଣି ଛାଡିବାର ୭ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରିବା ଏବଂ ତାର ୧୫ଦିନ ଭିତରେ ଘରଭଙ୍ଗା ଓ ଫସଲ କ୍ଷତି ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବିତ ଅଂଚଳରେ ଚାଲିଥିବା ସମସ୍ତ ପ୍ରକାର ସହାୟତା ଯଥା; ରିଲିଫ୍ ଓ ରନ୍ଧା ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରଭାବିତ ଗୋରୁଗାଈମାନଙ୍କୁ ଆବଶ୍ୟକୀୟ ଗୋଖାଦ୍ୟ ଓ ପଶୁଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭



# ଦୁର୍ଗା ପୂଜା ପାଇଁ ମୂର୍ତ୍ତି ନିର୍ମାଣ ଲାଗି ମାଟି ଅନୁକୂଳ

କଟକ/ଭୁବନେଶ୍ୱର,୧୮/୦୮ (ନି.ପ୍ର): ଆଗକୁ ଆସୁଛି ପାର୍ବଣ ଋତୁ । ଶାରଦୀୟ ଦୁର୍ଗା ପୂଜା ପାଇଁ ଆଜିଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି । ଦୁର୍ଗା ପୂଜା ପାଇଁ ମୂର୍ତି ନିର୍ମାଣ ଲାଗି ମାଟି ଅନୁକୂଳ କରାଯାଇଛି। କଟକ ଓ ଭୁବନେଶ୍ୱରର ପୂଜା ମଣ୍ଡପ ସଦସ୍ୟ ପରମ୍ପରା ଅନୁଯାୟୀ ଜନ୍ମାଷ୍ଟମୀରେ ନଦୀ କୂଳରେ ବିଧି ଅନୁସାରେ ପୂର୍ଜାର୍ଚ୍ଚନା କରିବା ପରେ ପବିତ୍ର ମାଟି ଉଠାଇଛନ୍ତି । ପୂଜାର କର୍ତ୍ତା ନଦୀରେ ବୁଡ ପକାଇ ପୂଜାର୍ଚ୍ଚନା ପରେ ଉଠାଇଛନ୍ତି ମାଙ୍କ ମୃଣୟମୟୀ ମୂର୍ତି ତିଆରି ପାଇଁ ପବିତ୍ର ମାଟି । ଗତ ୨ ବର୍ଷ ଧରି କୋଭିଡ୍ କଟକଣା ଯୋଗୁଁ ପୂଜା ଫିକା ପଡିଥିଲା। ଏଥର କଟକଣା କୋହଳ ହୋଇଥିବାରୁ ଚଳିତ ବର୍ଷ ଧୂମ୍ ଧାମ୍ ରେ ଦୁର୍ଗା ପୂଜା ପାଳନ କରିବାକୁ ଆଶା ରଖିଛନ୍ତି ଦୁର୍ଗା ମଣ୍ଡପ ସଦସ୍ୟ।

# ବିଗିଡିଲା ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟାବସ୍ଥା

ନୂଆଦିଲ୍ଲୀ, ୧୮/୦୮ : ପରିଚିତ କମେଡିଆନ ରାଜୁ ଶ୍ରୀବାସ୍ତବଙ୍କୁ ନେଇ ଏବେ ବଡ ଖବର ଆସିଛି । କୁହାଯାଉଛି କି, ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟବାସ୍ଥା ପୂର୍ବଠାରୁ ଅଧିକ ଖରାପ ହେବାରେ ଲାଗିଛି । ତାଙ୍କ ବ୍ରେନ ପାଖା ପାଖି ଡେଡ୍ ସ୍ଥିତିରେ ରହିଛି । ଏନେଇ ରାଜୁଙ୍କ ମୁଖ୍ୟ ପରାମର୍ଶଦାତା ଅଜିତ ସକ୍ସେନା ସୂନା ଦେଇଛନ୍ତି । ସେ କହିଛନ୍ତି କି ଆମେ ଆମର ସମସ୍ତ ପ୍ରଚେଷ୍ଟା ଜାରି ରଖିଛୁ , ଏବେ କେବଳ ଭଗବାନ ଭରଶା । ଅଜିତଙ୍କ କହିବା ମୁତାବକ ରାଜୁ ଶ୍ରୀବାସ୍ତବଙ୍କୁ ଚିକିତ୍ସା କରୁଥିବା ଏମ୍ସ ଡାକ୍ତରମାନେ କହିଛନ୍ତି କି, ରାଜୁଙ୍କ ବ୍ରେନ ଡେଡ୍ ଅବସ୍ଥାରେ ରହିଛି । ଏହାସହ ▶▶ପୃଷ୍ଠା ୭



# ହୀରାକୁଦର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି

ଭୁବନେଶ୍ୱର,୧୮/୦୮ (ନି.ପ୍ର): ହୀରାକୁଦ ଜଳଭଣ୍ଡାରରୁ ଗୁରୁବାର ୧୨ଟି ଗେଟ୍ ବନ୍ଦ କରି ଦିଆଯାଇଛି। ଏବେ ହୀରାକୁଦର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ସଂନ୍ଧ୍ୟା ୬ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୬୨୩.୬୦ ଫୁଟ୍ ରହିଛି। ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩,୯୫,୮୪୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୪,୮୧,୪୯୭ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ସଂନ୍ଧ୍ୟା ୬ ଟା ସୁଦ୍ଧା ଖଇରାମାଳ ଦେଇ ୮ ଲକ୍ଷ ୫୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୁଳ ଠାରେ ୮ ଲକ୍ଷ ୬୨ ହଜାର ୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳି ଠାରେ ୧୦ ଲକ୍ଷ ୨ ହଜାର ୮୨୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

# ପୁଟିନଙ୍କୁ ଘାରିଛି ଦେଶର ଜନସଂଖ୍ୟା ଚିନ୍ତା

ନୂଆଦିଲ୍ଲୀ, ୧୮/୦୮ : କୋଭିଡ ମହାମାରୀ ଏବଂ ୟୁକ୍ରେନ ସହ ଯୁଦ୍ଧ ଯୋଗୁ ଖାଲିଯେ ଋଷର ଅର୍ଥନୀତି ବାଧାପ୍ରାପ୍ତ ହୋଇଛି ତାହା ନୁହେଁ ଋଷର ଜନସଂଖ୍ୟା ମଧ ଦୃତ ଗତିରେ ହ୍ରାସ ପାଇଛି । ଯାହା ରାଷ୍ଟ୍ରପତି ଭ୍ଲାଦମିର ପୁଟିନଙ୍କୁ ଚିନ୍ତା ବଢାଇଦେଇଛି । ତେଣୁ ଦେଶର ଜନସଂଖ୍ୟା ବଢାଇବାକୁ ନୂଆ ଯୋଜନା ଆରମ୍ଭ କରିଛନ୍ତି ପୁଟିନ୍ । ଯେଉଁ ମହିଳାଙ୍କର ୧୦ ଅବା ତାଠାରୁ ଅଧିକ ପିଲା ଅଛନ୍ତି ସେମାନଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିଛନ୍ତି ପୁଟିନ୍ । ୧୦ ପିଲା ଥିବା ମହିଳାଙ୍କୁ ଏକ ଲକ୍ଷ ରୁବେଲ ଅର୍ଥାତ୍ ପ୍ରାୟ ୧୩ ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ହେଲେ ଏଥିରେ ଏକ ସର୍ତ ରଖାଯାଇଛି । ୧୦ ତମ ସନ୍ତାନର ବୟସ ବର୍ଷଟେ ପୁରିଲେ ଏବଂ ବାକି ୯ ପିଲା ଜୀବୀତ ଥିଲେ ଉକ୍ତ ମହିଳା ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି କୁହାଯାଇଛି । ଜନସଂଖ୍ୟା ବଢାଇବାକୁ ଋଷର ଏହି ନୂଆ ଯୋଜନା ଉପରେ ଟାଇମ୍ସ ରେଡିଓକୁ ସୂଚନା ଦେଇଛନ୍ତି ଋଷର ସୁରକ୍ଷା ଏବଂ ରାଜନୈତିକ ରଣନୀତିକାର ଡକ୍ଟର ଜେନି ମାଥର୍ସ । ଏହି ଯୋଜନାର ନାଁ ରଖାଯାଇଛି ମଦର ହିରୋଇନ । ଏହି ନା ଅନୁସାରେ ୧୦ ଛୁଆ ଜନ୍ମ କରିପାରୁଥିବା ମାକୁ ହିରୋଇନର ଆଖ୍ୟା ଦିଆଯାଇଛି । ଯାହାକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି । ▶▶ପୃଷ୍ଠା ୭

# ୬ ବରିଷ୍ଠ ପର୍ଯ୍ୟବେକ୍ଷକଙ୍କୁ ଜିଲ୍ଲା ଦ୍ୱାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟର ୩୦ ଟି ଜିଲ୍ଲାପାଇଁ ୬ ଜଣ ବରିଷ୍ଠ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଛି ବିଜେଡି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ଼ ଦାୟିତ୍ୱ ଦିଆଯାଇଛି। ସେହିପରି ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କୁ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଦାୟିତ୍ୱ ଦିଆଯାଇଛି। ମନ୍ତ୍ରୀ ପ୍ରମିଳା ମଲ୍ଲିକ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଦାୟିତ୍ୱରେ ରହିବେ । ସେହିପରି ଦେବୀପ୍ରସାଦ ମିଶ୍ରଙ୍କୁ ମିଳିଛି ଗଞ୍ଜାମ, ନୟାଗଡ଼, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଓ ବୌଦ୍ଧ ଦାୟିତ୍ୱ ମିଳିଛି। ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲା ସମ୍ଭାଳିବେ ମହେଶ୍ୱର ମହାନ୍ତି । ସେହିପରି ପ୍ରତାପ ଜେନାଙ୍କୁ ମିଳିଛି ସର୍ବାଧିକ ୭ଟି ଜିଲ୍ଲାର ଦାୟିତ୍ୱ। ସେଗୁଡ଼ିକ ହେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳ।

# ୧୯ ଓ ୨୦ ରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଉତର-ପୂର୍ବ ଏବଂ ପାର୍ଶ୍ୱବର୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ସ୍ପଷ୍ଟ ରୂପରେ ଚିହ୍ନିତ ହେବ । କାଲି ସକାଳେ ଏହା ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ ଆସନ୍ତା ୧୯ ଓ ୨୦ ତାରିଖରେ ରାଜ୍ୟରେ ପ୍ରବଳରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି ଲଘୁଚାପ ନେଇ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଆଜି ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯିବ। ତେବେ କାଲି ଓ ପଅରଦିନ ଆଡ଼କୁ ବେଶୀ ବର୍ଷିବ। ୧୯ ତାରିଖରେ ଓଡ଼ିଶାରେ ସବୁଠାରୁ ଅଧିକ ବର୍ଷା ହେବ। ଆସନ୍ତାକାଲି ଉତର ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ସେହିପରି ୨୦ରେ ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଛତିଶଗଡ଼ରେ ମଧ ଅତିପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ନଦୀରେ ବନ୍ୟା ଜଳ ଥିବା ବେଳେ ପୁଣି ବର୍ଷା ପ୍ରଭାବ ପକାଇପାରେ। ସହରାଂଚଳରେ ଅର୍ବାନ୍ ଫ୍ଲଡ, ପାହାଡିଆ ଅଂଚଳରେ ଭୂସ୍ଖଳନ ଘଟିବାର ଅନେକ ଆଶଙ୍କା ରହିଛି । ୨୧ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ କମିବ ବୋଲି ଆଇଏମଡି ଡିଜି କହିଛନ୍ତି। ଅପରପକ୍ଷରେ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଶୁକ୍ରବାର, ସକାଳ ୮ଟା ସୁଦ୍ଧା ଲଘୁଚାପ ଅବପାତରେ ପରିଣତ ହେବା ସହ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତିକରିବ। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୧୯ ଅଗଷ୍ଟ ଠାରୁ ୨୦ ଅଗଷ୍ଟ ସକାଳ ପର୍ଯ୍ୟନ୍ତ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳରୁ ଅତି ପ୍ରବଳ ବର୍ଷା (୨୦ ସେମି)ରୁ ଅଧିକ ଏବଂ ଆଉ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ ରୁ ୨୦ ସେମି) ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ୨ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ କେନ୍ଦ୍ରପଡ଼ା, ▶▶ପୃଷ୍ଠା ୭



# ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ବାଲେଶ୍ୱର, ୧୮/୦୮ (ନି.ପ୍ର): ମାନସିଂବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ ଦୈନିକ ଖବର କାଗଜ ଧ୍ୱନିପ୍ରତିଧ୍ୱନି ତଥା ମାସିକ ସାହିତ୍ୟ ପତ୍ରିକା ସାଗରିକାର ସମ୍ପାଦିକା, ସାହିତ୍ୟିକା ସୈରିନ୍ଧ୍ରୀ ସାହୁ, ରାଜ୍ୟ ଶିକ୍ଷା ପ୍ରଶିକ୍ଷିକା ଗୀତାଞ୍ଜଳି ପାଣିଗ୍ରାହୀ, କବି ଡା. କୁମାର ଗୋପାଳ ପ୍ରମୁଖ ଉପସ୍ଥିତ ରହି ଆଜିର ଦିବସରେ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ସଂପାଦକ ଗୟାଧର କର ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସହପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ, ରାଧା, ବସୁଦେବ, ଦେବକୀ, ସୁଦାମା ଆଦି ବିଭିନ୍ନ କୌତୁକିଆ ବେଶ ପରିଧାନ କରି ଆସିଥିଲେ । ପ୍ରଥମେ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା ପରେ ବେଶଧାରୀମାନଙ୍କୁ ବନ୍ଦାପନା କରାଯାଇଥିଲା । ଏହାପରେ ସେମାନେ ନଗର ପରିକ୍ରମା କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଏକ ଭାବାମୟ ପରିବେଶ ସୃଷ୍ଟି ହୋଇଥିଲା । ପ୍ରତିଯୋଗୀମାନେ ନାଚ, ଗୀତ ଓ ବିଭିନ୍ନ ପ୍ରକାର ଅଭିନୟ କରି ସମସ୍ତଙ୍କୁ ବିମୋହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଗୁରୁମା ବିଜୟଲକ୍ଷ୍ମୀ ଜେନା, ଗୁରୁଜୀ ନରୋତ୍ତମ ଦତ୍ତ, ଗୁରୁମା ହରପ୍ରିୟା ଭୂୟାଁ, ନିରୂପମା ନାୟକ, ଆରତୀ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଅପା ପ୍ରଭାସିନୀ ପଣ୍ଡା, ଜ୍ୟୋତ୍ସ୍ନା ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କ ପିତାମାତା, ଅଭିଭାବକମାନେ ଉପସ୍ଥିତ ଥିଲେ ।



# ଶେରଗଡ଼ ମିଡ଼ିଆ ହାଉସ ପକ୍ଷରୁ ୨ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ,୧୮/୦୮ (ନି.ପ୍ର): ଶେରଗଡ ବ୍ଲକର ୬ଜଣ ୨ ଟପ୍ପର ଛାତ୍ରଛାତ୍ରୀଙ୍କୁ ଶେରଗଡ ମିଡିଆ ହାଉସ ପକ୍ଷରୁ ଉଦୟ ପ୍ରତାପ ବିଜ୍ଞାନ କଲେଜରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସଂବର୍ଦ୍ଧନା ଦିଆଯାଇଛି । ଶେରଗଡ଼ ବ୍ଲକ ଅଧିନସ୍ଥ ପିତଳ ବିଜ୍ଞାନ ମହାବିଦ୍ୟାଳୟ ଓ ଶେରଗଡ଼ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ସର୍ବାଧିକ ନମ୍ବର ରଖି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ପ୍ରାପ୍ତ କରିଥିବା ଛଅ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମିଡ଼ିଆ ହାଉସ ତରଫରୁ ଉତରୀୟ, ମାନ ପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅନୁକ୍ରମେ ପିତଳ ମହାବିଦ୍ୟାଳୟର ୨ କଳା ବିଭାଗର ପବିତ୍ର ମୋହନ ବଡତ୍ୟା ୫୧୪ନଂ ଓ ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଲିଜା ସ୍ୱାଇଁ ୫୧୩ନଂ,ବାଣିଜ୍ୟ ବିଭାଗର ଦୀପକ ସ୍ୱାଇଁ ୪୩୫ ଓ ସଂଗ୍ରାମ ଗୌଡ଼ ୪୦୯ନଂ ଏବଂ ବିଜ୍ଞାନ ବିଭାଗର ସାଇରାମ ସାବତ ୪୫୫ନଂ ଓ ସ୍ମୃତିରେଖା ପାଢ଼ୀ ୪୧୫ନଂ ହାସଲ କରି କୃତିତ୍ୱ ଅର୍ଜନ କରି ଶେରଗଡ଼ ବ୍ଲକ, ଅଧ୍ୟାପକ ଓ ଅଧ୍ୟାପିକା ତଥା ପିତା ମାତାଙ୍କ ନିମନ୍ତେ ଗୌରବ ସୃଷ୍ଟି କରିଛନ୍ତି ।

ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ମନରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରି ସର୍ବୋଚ୍ଚ ସ୍ଥାନ ଗ୍ରହଣ କରିବା ନିମନ୍ତେ କିପରି ଅଧ୍ୟୟନ କରିବେ ଏହା ହେଉଛି ମିଡ଼ିଆ ହାଉସର ମୁଖ୍ୟ ପ୍ରୟାସ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ତହସିଲଦାର ଦୟାସିନ୍ଧୁ ପରିଡା, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ସମାଜସେବି ଅଶୋକ କୁମାର ଦାସ, ୨ ଅଧ୍ୟକ୍ଷ ଉପେନ୍ଦ୍ର ବଡ଼ତ୍ୟା, ୩ ଅଧ୍ୟକ୍ଷ ଅଶୋକ କୁମାର ଜେନା, ଅବସର ପ୍ରାପ୍ତ ଅଧ୍ୟାପକ ହୃଷିକେଶ ପାତ୍ର, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଶିଶିର କୁମାର, ମିଡିଆ ହାଉସର ଉପଦେଷ୍ଟା ଡାକ୍ତର ହୃଷୀକେଶ ମହାନ୍ତି, ଦିଗଦ୍ରଷ୍ଟା ମେଘନାଦ ଦାସ, ଇଂ. ବିଚିତ୍ରାନଂଦ ମୁନୀ, ଅଧ୍ୟାପକ ଶିଶିର କୁମାର ତ୍ରିପାଠୀ, କୃତୀ ଛାତ୍ରଛାତ୍ରୀଙ୍କ ଅଭିଭାବକ, ସମସ୍ତ ଛାତ୍ର ଛାତ୍ରୀ ଓ ମିଡ଼ିଆ ହାଉସର ସମସ୍ତ ସାମ୍ବାଦିକ ବନ୍ଧୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ବୈଠକ

କେନ୍ଦ୍ରାପଡ଼ା,୧୮/୦୮ (ନି.ପ୍ର): କେନ୍ଦ୍ରାପଡ଼ାରେ ଏକମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନା ପାଇଁ ଦୀର୍ଘ ଦିନରୁ ଦାବିହୋଇ ଆସୁଥିବାବେଳେ ଏହି ଦାବିକୁ ଜୋରଦାର କରିବା ପାଇଁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜରୁରୀ କାଳୀଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସେପ୍ଟେମ୍ବର ୨ ତାରିଖ ଦିନ ଏକ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ପ୍ରତ୍ୟେକ ବ୍ଲକ ଓ ମୁନିସିପାଲିଟିରୁ ୧୦ଜଣ ସଭ୍ୟ ଯୋଗ ଦେବେ ।

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ : ଅନ୍ନପୂର୍ଣ୍ଣା ବେହେରା ଶ୍ରେଷ୍ଠ ଗ୍ରାଜୁଏଟ୍

କେନ୍ଦୁଝର,୧୮/୦୮ (ନି.ପ୍ର): ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ବୁଧବାର ଦିନ ପ୍ରକାଶ ପାଇଛି । ଯୁକ୍ତ ୩ ରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଶତକଡା ୯୩.୭୧ ପ୍ରତିଶତ ଫଳାଫଳ ହୋଇଥିବା ବେଳେ କଳାରେ ୯୫.୮୮, ବିଜ୍ଞାନରେ ୯୪.୭୩, ବାଣିଜ୍ୟରେ ୮୮.୨୩ ପ୍ରତିଶତ ରେଜଲ୍ଟ ହୋଇଛି । ଚଳିତବର୍ଷ ଯୁକ୍ତ ୩ ଭୂତତ୍ୱ ବିଜ୍ଞାନ ସମ୍ମାନ ଛାତ୍ରୀ ଅନ୍ନପୂର୍ଣ୍ଣା ବେହେରା ମୋଟ ୨୬୦୦ ନମ୍ବରରୁ ୨୩୬୬ ନମ୍ବର ରଖି ବିଜ୍ଞାନରେ ଟପର ହେବା ସହ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ୍ ବିବେଚିତ ହୋଇଛନ୍ତି । ସେହିଭଳି କଳାରେ ଲତିକା ମହାନ୍ତ ୨୬୦୦ ନମ୍ବରରୁ ୨୨୦୬ ନମ୍ବର ରଖି ଯୁକ୍ତ ୩ କଳାରେ ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ଲକ୍ଷ୍ମୀ ଯାଦବ ୨୬୦୦ରୁ ୨୦୯୪ ନମ୍ବର ରଖି ଟପ୍ପର ହୋଇଛନ୍ତି । ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁଙ୍କଠାରୁ ପ୍ରକାଶ ଯେ, +୩ କଳାରେ ୨୬୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫୬ ଜଣ, ବିଜ୍ଞାନରେ ୨୨୩ ଜଣଙ୍କ ମଧ୍ୟରୁ ୨୧୬ ଜଣ, ବାଣିଜ୍ୟ ଶ୍ରେଣୀରେ ୧୪୯ଜଣଙ୍କ ମଧ୍ୟରୁ ୧୩୫ ଜଣ ପାସ୍ କରିଛନ୍ତି । ଅନୁରୁପ ଭାବେ ସେଲଫ୍ ଫାଇନାନ୍ସ ବିବିଏ ଅନର୍ସରେ ୪ ଜଣରୁ ୪ ଜଣ ପାସ୍ କରି ଶତ ପ୍ରତିଶତ ଫଳାଫଳ ହୋଇଥିବା ଜଣାପଡିଛି । ମହାବିଦ୍ୟାଳୟର +୩ ପରୀକ୍ଷାରେ ୬୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୧୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ନୃତତ୍ୱ ଅନର୍ସରେ ସୁବାଷ ଚନ୍ଦ୍ର ସାହୁ ୧୪୦୦ରୁ ୧୨୧୨ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଅର୍ଥନୀତି ସମ୍ମାନରେ ସୁମନ୍ତ ସାହୁ ୧୪୦୦ରୁ ୧୧୯୪ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଇଂରାଜୀ ସମ୍ମାନରେ ପ୍ରୀତି ପଲ ୧୪୦୦ ରୁ ୧୧୧୨ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଇତିହାସ ସମ୍ମାନରେ ଜ୍ୟୋତିରାଣୀ ଓରାମ ୧୪୦୦ରୁ ୧୧୫୪ ନମ୍ବର ରଖି ପ୍ରଥମ, ଓଡିଆ ସମ୍ମାନରେ ରତନ କୁମାର ମହାକୁଡ ୧୪୦୦ ରୁ ୧୧୭୯ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଦର୍ଶନଶାସ୍ତ୍ର ସମ୍ମାନରେ ପଙ୍କଜୀନି ମହାନ୍ତ ୧୪୦୦ ରୁ ୧୦୩୩ ନମ୍ବର ରଖି ପ୍ରଥମ ହୋଇଛନ୍ତି । ରାଜନୀତି ବିଜ୍ଞାନରେ ମୋନିକା ବେହେରା ୧୪୦୦ ରୁ ୧୦୯୧ ନମ୍ବର ରଖି ପ୍ରଥମ ହୋଇଛନ୍ତି । ସଂସ୍କୃତ ସମ୍ମାନରେ ସୁଭଦ୍ରା ଖଟୁଆ ୧୪୦୦ ରୁ ୧୧୪୫ ନମ୍ବର ରଖି ପ୍ରଥମ ହୋଇଛନ୍ତି । ସମାଜ ବିଜ୍ଞାନରେ ସୌଭାଗ୍ୟ ରଞ୍ଜନ ଘଣା ୧୪୦୦ ରୁ ୧୧୧୦ ନମ୍ବର ଏବଂ ଶିକ୍ଷା ଶାସ୍ତ୍ରରେ ଲତିକା ମହାନ୍ତ ୧୪୦୦ ରୁ ୧୨୨୬ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଉଦ୍ଭିଦ ବିଜ୍ଞାନ ସମ୍ମାନରେ ପ୍ରତ୍ୟୁଷ କୁମାର ମହାନ୍ତ ୧୪୦୦ରୁ ୧୨୮୨ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ରସାୟନ ବିଜ୍ଞାନରେ ଜ୍ଞାନରଞ୍ଜନ ବାରିକ ୧୪୦୦ରୁ ୧୨୫୮ନମ୍ବର, କମ୍ପ୍ୟୁଟର ବିଜ୍ଞାନରେ ସୌଭାଗ୍ୟଲକ୍ଷ୍ମୀ ସାହୁ ୧୪୦୦ରୁ ୧୧୯୪ ନମ୍ବର, ଭୂତତ୍ୱ ସମ୍ମାନର ଅନ୍ନପୂର୍ଣ୍ଣା ବେହେରା ୧୪୦୦ ରୁ ୧୨୯୮ ନମ୍ବର, ଗଣିତ ସମ୍ମାନରେ ଅସିତ୍ କୁମାର ସାହୁ ୧୪୦୦ରୁ ୧୨୭୯ ନମ୍ବର, ପଦାର୍ଥ ବିଜ୍ଞାନ ସମ୍ମାନରେ ସରସ୍ୱତୀ ସୋରେନ ୧୪୦୦ରୁ ୧୨୬୮ ନମ୍ବର, ପ୍ରାଣୀ ବିଜ୍ଞାନ ସମ୍ମାନରେ ରୁକସାର ବାନୋ ୧୪୦୦ରୁ ୧୨୯୬ ନମ୍ବର ରଖି ପ୍ରଥମ ହୋଇଛନ୍ତି । ବାଣିଜ୍ୟ ବିଭାଗ ସମ୍ମାନରେ ଲକ୍ଷ୍ମୀ ଯାଦବ ୧୪୦୦ରୁ ୧୧୪୨ ନମ୍ବର ରଖି ପ୍ରଥମ ହୋଇଛନ୍ତି ବୋଲି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି ।

## ପାଣିନାଳ ଉପରେ ଗୃହ ନିର୍ମାଣ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ,୧୮/୦୮ (ନି.ପ୍ର): ପୁରୀ ସଦରବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ ପଂଚାୟତ ମୁକୁନ୍ଦ ମିଶ୍ର ନଗର ସଂଲଗ୍ନ ପାଣି ନାଳ ଉପରେ ଗୋପୀନାଥପୁର ମହିଳା ମହାସଂଘର ଗୃହ ନିର୍ମାଣକୁ ବିରୋଧ କରି ମହିଳାମାନେ ଜିଲ୍ଲାପାଳଙ୍କୁ ଆଜି ଦାବିପତ୍ର ଦେଇଛନ୍ତି ।

ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ମୌଜା ସମଙ୍ଗ ଖାତା-୧, ପ୍ଲଟ ନମ୍ବର-୧, କିସମ ନୟନ ଯୋରି ରହିଛି । ଯାହା ନିକଟରେ ମୁକୁନ୍ଦ ମିଶ୍ର ନଗରର ଅଢେଇ ହଜାରରୁ ଉର୍ଦ୍ଧ୍ୱ ବାସିନ୍ଦା ରହୁଛନ୍ତି । ସେହି ଅଂଚଳର ପାଣି ଯେଉଁ ନାଳ ଦେଇ ନିଷ୍କାସିତ ହେଉଥିଲା ସେହି ନାଳ ଉପରେ ମହାସଂଘର ଗୃହ ନିର୍ମାଣ ହେବା ଯୋଗୁଁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି । ଏହି ଅଂଚଳ ପଙ୍କୁଆ ଓ ଖାଲୁଆ ଅଂଚଳ ହୋଇଥିବାରୁ ନିର୍ମାଣ ଗୃହଟି ଭାଙ୍ଗି ଯିବାର ଆଶଙ୍କା ରହିଛି । ତେଣୁ ଏହି ସ୍ଥାନରୁ ଗୃହକୁ ଭାଙ୍ଗିବା ସହ ଅନ୍ୟ ସ୍ଥାନରେ କରିବା ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳ ଘଟଣାସ୍ଥଳ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳାମାନେ ନିବେଦନ କରିଛନ୍ତି । ଦାବିପତ୍ର ଦେବାକୁ ଯାଇଥିବା ମହିଳାମାନଙ୍କ ମଧ୍ୟରେ ମମତା ମିଶ୍ର, ଦୁଃଖୀ ଦାସ, ସ୍ୱର୍ଣ୍ଣଲତା ସାମନ୍ତରାୟ, ପୁଷ୍ପଲତା ପ୍ରଧାନ, ରୋଜି ମଲ୍ଲିକ, ସୋନାଲି ମଲ୍ଲିକ, ମୀତା ପାଟଶାଣୀ, କୁନି ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବ୍ରହ୍ମଗିରି ବିକାଶ ମଂଚର ବୃକ୍ଷରୋପଣ

ପୁରୀ,୧୮/୦୮ (ନି.ପ୍ର): ବ୍ରହ୍ମଗିରିର ବିକାଶ ପାଇଁ ବ୍ରହ୍ମଗିରି ବିକାଶ ମଂଚ ନାମରେ ଏକ ନୂତନ ଅନୁଷ୍ଠାନ ସୃଷ୍ଟି ହୋଇଛି । ଏହି ଅନୁଷ୍ଠାନ ପକ୍ଷରୁ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଗୋଖରା ଦରିଆ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମଗିରି ମାଟିର ପୁଅ ତଥା ଜିଲ୍ଲାପରିଷଦ ସଭ୍ୟ କୈଳାଶ ପରିଡ଼ା ଯୋଗଦେଇ ବ୍ରହ୍ମଗିରିର ଉନ୍ନତି ପାଇଁ ମୂଲ୍ୟବାନ ମତ ପ୍ରକାଶ କରିଥିଲେ । ବ୍ରହ୍ମଗିରିର ଅନେକ ଯୁବକ ଏହି ଅନୁଷ୍ଠାନରେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସ୍ୱାଭିମାନ ବ୍ରହ୍ମଗିରି -ସଙ୍କଳ୍ପ ଆମରି ସ୍ଲୋଗାନ ଦେଇ ବ୍ରହ୍ମଗିରିର ଉନ୍ନତି ପାଇଁ ଶପଥ ନେଇଥିଲେ । ଏହି କାର୍ଯ୍ୟକୁ ଅଂଚଳବାସୀ, ବୁଦ୍ଧିଜୀବୀ ଓ ଯୁବକମାନେ ପ୍ରଶଂସା କରିଥିଲେ ।

# ବୀମା ରାଶି ପ୍ରଦାନ ଦାବିରେ ଦୁଇଦିନ ହେଲା ହଲଦଠାରେ ୫୯ ଜାତୀୟ ରାଜପଥ ଅବରୋଧ

ବଲାଙ୍ଗିର,୧୮/୦୮ (ନି.ପ୍ର): ପୂର୍ବ ସୂଚନା ମୁତାବକ ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ହଲଦି ଛକ ଠାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶିରୁ ବଞ୍ଚିତ ଥିବା ଚାଷୀ ବୃନ୍ଦ ଙ୍କ ୨୫ ଘଣ୍ଟାରୁ ଉର୍ଦ୍ଧ ହେବ ରାଜରାସ୍ତା କୁ ଅବରୋଧ ଜାରି ରହିଛି । ଫସଲ ବୀମା ରାଶି ପ୍ରଦାନରେ ଅହେତୁକ ବିଳମ୍ବ ଯୋଗୁଁ ହଲଦି ଗ୍ରାମ ପଞ୍ଚାୟତ, ଲେବଡ଼ା ଗ୍ରାମ ପଞ୍ଚାୟତ ଓ ବାଙ୍କେଲ୍ ଗ୍ରାମ ପଞ୍ଚାୟତର ମିଳିତ ଚାଷୀ ବୃନ୍ଦ ହଲଦି ସମିତି ସଭ୍ୟ ଟୁନା ମଣି ମହାନନ୍ଦ, କୃଷକ ନେତା ସିଦ୍ଧେଶ୍ୱର ଦାସ, ଦୁଷ୍ମନ୍ତ ବାଗଙ୍କ ନେତୃତ୍ୱରେ ଚାଲିଥିବା ଧାରଣା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି ।ଏହି କାର୍ଯ୍ୟକ୍ରମରେ ଚାଷୀ ହେମ ସାଗର ସାହୁ, ହଲଦି ପୂର୍ବତନ ସରପଂଚ ହୃଷିକେଶ ବାଗ,ସମିତି ସଭ୍ୟ ଦୁଷ୍ମନ୍ତ ବାଗ,ଧନେଶ୍ୱର ମାଝୀ, ପର୍ଥରାମ୍ ଭୋଇ, ଚତୁର ମହାନନ୍ଦ,ତୁଳସୀ ରାମ ଭୋଇ, ଉତ୍ତମ ମହାନନ୍ଦ, ଶଶି ମହାନନ୍ଦ, ଉପେନ୍ଦ୍ର ଦୀପ, ଦିନେଶ କୁମ୍ଭାର,ସୁଦର୍ଶନ ମହକ୍ଷକୁର , ଯଶୋବନ୍ତ ମହାନନ୍ଦ ସମେତ ଶତାଧିକ ଚାଷୀ ଧାରଣାରେ ବସିଛନ୍ତି । ରାତିରେ ଚାଷୀ ମାନେ ରାସ୍ତାରେ ଶୋଇ ରହିଛନ୍ତି । ଜିଲ୍ଲାପାଳ କିମ୍ବା ଉପଜିଲ୍ଲାପାଳ ଆସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି ।

# ଅନ୍ୟ ଜାତି ଘରେ ଖାଇଥିଲେ ପୁଅ : ମା'ର ଶବ ଛୁଇଁଲେନି ଗ୍ରାମବାସୀ

ଜୟପୁର,୧୮/୦୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବୈରାଗିମଠ ଗ୍ରାମରେ ଜଣେ ବୃଦ୍ଧା ମୁକ୍ତା ପରଜା ଙ୍କ ମୃତ୍ୟୁ ହୋଇଥିବା ବେଳେ ଗ୍ରାମବାସୀମାନେ ଶବ ଛୁଇଁ ନଥିବା ଅଭିଯୋଗ ହୋଇଛି । ଗତ ୬ ମାସ ତଳେ ମୃତ ମୁକ୍ତାଙ୍କ ପୁଅ ମଙ୍ଗଳା ପରଜା ଅନ୍ୟ ଜାତିର ଘରେ ଖାଇଥିବାରୁ ଗ୍ରାମବାସୀ ତାଙ୍କ ପରିବାରକୁ ବାସନ୍ଦ କରିଥିଲେ । ଗାଁ ଭୋଜି ଭାତରେ ବି ସାମିଲ କରୁ ନଥିଲେ । ଏନେଇ ମଙ୍ଗଳାଙ୍କ ମା ମୃତ୍ୟୁ ବରଣ କରିବାରୁ ତାଙ୍କ ଶବକୁ ଛୁଇଁ ନଥିଲେ । ମୁକ୍ତାଙ୍କୁ ଚାରି କାନ୍ଧ ମଧ ଦେଇନଥିଲେ । ଶେଷରେ ପୁଅ ମଙ୍ଗଳା ସ୍ତ୍ରୀ କୁନି ସହ ମିଶି କୋକେଇକୁ ରାସ୍ତାରେ ଘୋଷାଡି ଘୋଷାଡି ନେଇଥିଲେ । ଦୁନିଆ କେତେ ଆଗକୁ ଯାଇଥିଲ ବି ଆଜି ବି ଗ୍ରାମରେ ସେହି ଅନ୍ଧ ବିଶ୍ୱାସକୁ ଧରି ବସିଛନ୍ତି ଗ୍ରାମବାସୀ । ମଙ୍ଗଳାର ଭୁଲ ଥିଲା ଅନ୍ୟ ଜାତି ଘରେ ଖାଇଥିଲା । ସେତିକି ଭୁଲ ପାଇ ଆଜି ମା ର ସବ କୁ ୪ ରି କାନ୍ଧ ମିଳି ନଥିଲା । ଏପରି ଘଟଣା ଆଜି କୋରାପୁଟ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ।

## ଲୋକେ ଆଶ୍ରୟ ନେଇଥିବା ନଦୀବନ୍ଧରେ ବିଦ୍ୟୁତ୍ ଯୋଗାଣ ପାଇଁ ଦାବି

କେନ୍ଦ୍ରାପଡ଼ା,୧୮/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦ ୮ନଂ ଜୋନ ସଭ୍ୟ ରଶ୍ମି ରଞ୍ଜନ ରାଉତ ଜୋନ ଅନ୍ତର୍ଗତ ବିଲ ବଳରାମପୁର, କଳପଡା, କଚେରୀପଡା, ବଗଡା ପ୍ରଭୃତି ପଂଚାୟତର ନଦୀକୂଳରେ ରହୁଥିବା ଅଂଚଳ ଗୁଡିକୁ ପରିଦର୍ଶନ କରିବା ସହ ବନ୍ୟା ଆତଙ୍କରେ ନଦୀ ବନ୍ଧରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଭେଟି ସେମାନଙ୍କ ଅବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ । ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ସେମାନଙ୍କ ନିକଟରେ ଆବଶ୍ୟକୀୟ ସାମଗ୍ରୀ ଓ ଜରୁରୀକାଳୀନ ପାଣି, ଔଷଧ, ଶୁଖିଲା ଖାଦ୍ୟ ଆଦି ପହଁଚି ନଥିବା ଅବଗତ ହୋଇ ତୁରନ୍ତ ସେମାନଙ୍କୁ ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି । ଏହାସହ ଆଶ୍ରୟ ନେଇଥିବା ନଦୀବନ୍ଧ ରାତିରେ ଅନ୍ଧାର ରହୁଥିବାରୁ ଜନ୍ତୁଜୁନ୍ତା ଓ ସାପଙ୍କ ଭୟ ଥିବାରୁ ସେହି ସବୁ ଅଂଚଳରେ ସାମହିକ ବିଦ୍ୟୁତ୍ ଯୋଗାଣ କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଡେଙ୍ଗାତୋଟା ଶ୍ମଶାନର ଆଧୁନିକରଣ ଓ ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ଦେଲେ ବିଧାୟକ

ଜୟପୁର ,୧୮/୦୮ (ନି.ପ୍ର): ଜୟପୁର ଲକ୍ଷ୍ମୀପଣ୍ଡା ଛକ ନିକଟରେ ଥିବା ଡେଙ୍ଗାତୋଟା ଶ୍ମଶାନର ଆଧୁନିକରଣ ଓ ପୁନରୁଦ୍ଧାର ପାଇ ଭିତି ପ୍ରସ୍ତର ସ୍ଥାପନ କରାଯାଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତି ପ୍ରସ୍ତର ସ୍ଥାପନ କରଛନ୍ତି । ୧ କୋଟି ଟଙ୍କା ବିନିମୟରେ ଜୟପୁର ପୌର ପାଳିକା ଦ୍ୱାରା ଶ୍ମଶାନର ଆଧୁନିକ କରଣ କରାଯିବ । ଶିବ ମୁର୍ତ୍ତି,ଶବ ପୋଡାଇବା ପାଇ ବିଦ୍ୟୁତ ଚାଳିତ ଚୁଲା, ଲାଇଟର ବ୍ୟବସ୍ଥା, ଗାଧେଇବା ପାଇ ବ୍ୟବସ୍ଥା, ଟୋୟଲେଟ ଡ୍ରେନ, ଗାର୍ଡେନ ଆଦ କରାଯାଇ ଆଧୁନିକକରଣ କରାଯିବ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାବଙ୍କ ମଧରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି . ସୁନିତା, ଉପ ଜିଲାପାଳ ବେଦ ବର ପ୍ରଧାନ, ଏସଡିପିଓ ଅରୁପ ଅଭିଷେକ ବେହେରା, ପୌର କାଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, କାଉନସିଲର, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗରିବ ସେନାପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା,୧୮/୦୮ (ନି.ପ୍ର): ନୂଆପଡା ଜିଲ୍ଲା ଗରିବ ସେନା ପକ୍ଷରୁ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି । ନିମ୍ନ ଇନ୍ଦ୍ର ଜଳ ସେଚନପ୍ରକଳ୍ପ ପେଣ୍ଡରାବନ୍ଧ ଗ୍ରାମରେ ଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ ଦାବୀ କରିଛନ୍ତି । ୧୮ ବର୍ଷ ରୁ ଉର୍ଦ୍ଧ ଥିବା ସମସ୍ତ ସଦସ୍ୟଙ୍କୁ ବିସ୍ଥାପିତ ମାନ୍ୟତା ଦେଇ କ୍ଷତିପୂରଣ,ଜମିର ସଂଶୋଧିତ ମୂଲ୍ୟ ପ୍ରଦାନ, ଗ୍ରାମର ବାଦ ପଡି ଯାଇଥିବା ମୂଲ୍ୟବାନ ଗଛ, କୁଆଁ, ଘର ସର୍ଭେ କରି କ୍ଷତିପୂରଣ, ଭୌଗଳିକ ଦୃଷ୍ଟି କୋଣ ଅନୁଧ୍ୟାନ କରି ଗ୍ରାମବାସୀଙ୍କ ଜୀବନ ଜୀବିକା ଉପରେ କାର୍ଯ୍ୟ କରିବା ସାଙ୍ଗକୁ ଗ୍ରାମରେ ଥିବା ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ ଏବଂ ଦେବୀ ପୀଠସ୍ଥଳୀକୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ମୁଖ୍ୟ ଦାବି ରହିଅଛି । ଗରିବ ସେନା ପକ୍ଷରୁ ଆବାହକ ରବି ମଙ୍ଗରାଜ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି ।

## ଜିଲ୍ଲା ରେଡ଼କ୍ରସ ସଂସ୍ଥାର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର,୧୮/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ରେଡକ୍ରସ ସଂସ୍ଥା ତରଫରୁ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଜିଲ୍ଲା ରେଡ଼କ୍ରସର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରଓ୍ୱଣେ ଅଧକ୍ଷତା କରି ଜିଲ୍ଲା ରେଡ଼କ୍ରସ ସଂସ୍ଥା କୁ ଅଧିକ ଲୋକାଭିମୁଖୀ କରିବା ସହିତ ଅଧିକ ରୁ ଅଧିକ ସଂଖ୍ୟା ରେ ଆଜୀବନ ସଦସ୍ୟତା ଗ୍ରହଣ ଓ ପାଣ୍ଠି ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅଦ୍ୟ ବୈଠକରେ ଗଠିତ ନୂତନ କମିଟି କୁ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଛି । ଆଗାମୀ ଦିନରେ ଜିଲ୍ଲା ରେଡ଼କ୍ରସ ସଂସ୍ଥା ର ପାଣ୍ଠି ବୃଦ୍ଧି କୁ ବ୍ୟାପକ କରିବା ଉପରେ ବିଶେଷ ଆଲୋଚନା କରାଯାଇଛି । ଏଥିପାଇଁ ଅଧିକରୁ ଅଧିକ ମାତ୍ରାରେ ଆଜୀବନ ସଦସ୍ୟ ଗ୍ରହଣ ସହ ତୃଣ ମୂଳ ସ୍ତର ପର୍ଯ୍ୟନ୍ତ ରେଡ଼କ୍ରସ ର କାର୍ଯ୍ୟକାରିତା କୁ ବ୍ୟାପକ କରିବା, ଜିଲ୍ଲାର ଅଭ୍ୟନ୍ତରୀଣ ଅଞ୍ଚଳ ଗୁଡିକରେ ରେଡ଼କ୍ରସ ସହାୟତାରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ଉପରେ ଆଲୋଚନା କରାଯାଇଛି । ସୁଗମ ସହଜ ପ୍ରକଳ୍ପ ଅଧୀନରେ ଜିଲ୍ଲା ରେଡ଼କ୍ରସ ତରଫରୁ ଆସନ୍ତା ଅକ୍ଟୋବର ୬ ତାରିଖ ରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ମାନସିକ ପକ୍ଷାଘାତ ଦିବସ ରେ ଜାତୀୟ ଫେସନ ଡିଜାଇନ ବୈଷୟିକ ପ୍ରତିଷ୍ଠାନ ର ଛାତ୍ରୀ ସୃଷ୍ଟି ସୁମନ ଦ୍ୱାରା ପ୍ରସ୍ତୁତ ପୋଷାକ ଜିଲ୍ଲାରେ ଚିହ୍ନଟ ଥିବା ୫୩ ଜଣ ମାନସିକ ପକ୍ଷାଘାତ ବାଳକ ବାଳିକା ପ୍ରତ୍ୟେକ ଙ୍କୁ ଦୁଇ ଯୋଡ଼ା ଲେଖାଏଁ ପ୍ରଦାନ କରିବା ଉପରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ଜିଲ୍ଲା ପରିବହନ ଓ ପୋଲିସ ବିଭାଗ ତରଫରୁ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଚଢ଼ଉ

ସୁବର୍ଣ୍ଣପୁର,୧୮/୦୮ (ନି.ପ୍ର): ଓଡିଶା ସରକାରଙ୍କ ପରିବହନ କମିଶନର ଏବଂ ଜିଲ୍ଲାପାଳ ସୁବର୍ଣ୍ଣପୁର ଆବୋଲୀ ସୁନିଲ ନରଓ୍ୱଣେଙ୍କ ନିର୍ଦ୍ଦେଶ ମତେ ତା ୧୬ରୁ ତା ୩୦ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ଦୁଇ ଚକିଆ ଯାନ ଚଳାଚଳ ଉପରେ ପୋଲିସ ଅଧିକାରୀଙ୍କ ସହ ପରିବହନ ବିଭାଗ କର୍ମଚାରୀଙ୍କ ସ୍ୱତନ୍ତ୍ର ମିଳିତ ଯାଂଚ୍ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଯାଂଚ୍ ଜିଲ୍ଲା ସମସ୍ତ ଥାନା ଓ ଫାଣ୍ଡି ଅଂଚଳରେ ଏକକାଳୀନ ଆରମ୍ଭ କରାଯାଇଛି । ଏହି ସ୍ୱତନ୍ତ୍ର ଯାଂଚ୍ ସମୟରେ ବିଶେଷ ଭାବେ ବିନା ହେଲମେଟ, ବିନା ଡ୍ରାଇଭିଙ୍ଗ ଲାଇସେନ୍ସ, ଟ୍ରିପଲ ରାଇଡ଼ର ଡ୍ରାଇଭିଂ, ବିନା ଇନସ୍ୟୁରେନ୍ସ ରେ ଗାଡି ଚାଳନ ଉପରେ ବିଶେଷ ପଦକ୍ଷେପ ନିଆଯାଉଛି । ଜିଲ୍ଲାର ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱାରୋପ ପୂର୍ବକ ଅବ୍ୟବସ୍ଥିତ ଗାଡିଚାଳନା ତଥା ବିନା କାଗଜାତରେ ଗାଡିଚାଳନା ନିଜ ତଥା ଅନ୍ୟ ମାନଙ୍କ ପାଇଁ ଦୁଃଖର କାରଣ ହୋଇଥାଏ, ଏଣୁ ସମସ୍ତେ ଏଥି ପ୍ରତି ସତର୍କ ହେବାକୁ ଜିଲ୍ଲା ଆରକ୍ଷୀ ଅଧିକାରୀ ଅମରେଶ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି । ସର୍ତକ ଓ ସଚେତନ ହେଲେ ସଡ଼କ ଦୁର୍ଘଟଣାକୁ ରୋକାଯାଇପାରିବା ସହ ଧନ ଜୀବନ ସୁରକ୍ଷିତ ରହିବ, ଏଣୁ ସମସ୍ତେ ଗାଡିଚାଳନା ସମୟରେ ଯତ୍ନବାନ ହେବାକୁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି । ଆଜି ଜିଲାର ବିଭିନ୍ନ ଥାନା ଅଂଚଳରେ ଯାଂଚ୍ ସମୟରେ ସନ୍ଧ୍ୟା ସୁଦ୍ଧା ପରିବହନ ବିଭାଗ ଦ୍ୱାରା ୩୫ ଗୋଟି ଓ ପୋଲିସ ବିଭାଗ ଦ୍ୱାରା ୫୭ ଗୋଟି ସମୁଦାୟ ୯୨ ଗୋଟି ଦୁଇଚକିଆ ଯାନର ଇ-ଚାଲାଣ କରାଯାଇଥିବା ବେଳେ ୨୪ ଗୋଟି ଦୁଇ ଚକିଆ ଗାଡିକୁ ଜବତ କରାଯାଇ ଗାଡି ଗୁଡିକୁ ସୋନପୁର ଓ ଉଲୁଣ୍ଡା ଥାନା ସହ ହିକୁଡି ଫାଣ୍ଡି କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି । ପରିବହନ ଅଧିକାରୀ ସୁବର୍ଣ୍ଣପୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଯାଂଚ୍ କାର୍ଯ୍ୟକ୍ରମରେ ଏସଡିପିଓ ସୋନପୁର ପୁଷ୍ପାଞ୍ଜଳି ନିଙ୍ଗୀ, ଏସଡିପିଓ ବୀରମହାରାଜପୁର ଡୋଳାମଣି ଭୋଇ, କନିଷ୍ଠ ମୋଟର ଯାନ ନିରୀକ୍ଷକ ଲୋକନାଥ ନାୟକଙ୍କ ସମେତ ସୋନପୁର ସହରାଂଚଳ ତଥା ଅନ୍ୟ ସମସ୍ତ ଥାନା ଅଧିକାରୀ ସମେତ ପରିବହନ ବିଭାଗ କର୍ମଚାରୀ ଓ ପୋଲିସ ବିଭାଗର ଅଧିକାରୀ ପ୍ରମୁଖ ସାମିଲ ଥିବା ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଗାମୀ ଦିନରେ ଏହି ଚଢ଼ଉ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ତଥା କଡାକଡି କରାଯିବ ବୋଲି ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି ।

# ଅହିଂସା ରଥର କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକର ବିଭିନ୍ନ ଅଂଚଳ ପରିକ୍ରମଣ

ପୁରୀ ,୧୮/୦୮ (ନି.ପ୍ର): ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଅହିଂସା ରଥ ଆଜି କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକ ର ବିଭିନ୍ନ ଅଂଚଳ ପରିକ୍ରମା କରିବା ସହ ବିଶାଳ ଭିଡିଓ ୱାଲ ଜରିଆରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କ ଜୀବନୀକୁ ପ୍ରଦର୍ଶନ କରିଥିଲା।। ରାଜ୍ୟର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଜୀବନୀ,ଆଦର୍ଶ ଉପରେ ଆଧାରିତ ସୁନ୍ଦର ଫିଲ୍ମ ଏଥିରେ ପ୍ରଦର୍ଶିତ କରାଯାଉଛି । ଗତକାଲି ନିମାପଡା ବ୍ଲକ ଓ ନିମାପଡା ଏନ ଏ ସି ର ବିଭିନ୍ନ ଅଂଚଳ ପରିକ୍ରମା କରିବା ପରେ ଅହିଂସା ରଥ କାକଟପୁର ରେ ଅବସ୍ଥାନ କରିଥିଲା । ଆଜି ପୂର୍ବାହ୍ନରେ କାକଟପୁର ବ୍ଲକ ର ବିଶ୍ୱାମିତ୍ର ଆଶ୍ରମ,ମା ମଙ୍ଗଳା ମନ୍ଦିର ଗେଟ କାକଟପୁର ହାଇସ୍କୁଲ ଓ ପରେ ମୂଳାଗଡ଼ ନିକଟରେ ରଥକୁ ସ୍ୱାଗତ ସହ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ଅସ୍ତରଙ୍ଗ ବ୍ଲକ ର ଲବଣ ସତ୍ୟାଗ୍ରହ ର ଐତିହାସିକ ପୀଠ କୁହୁଡି ଠାରେ ରଥକୁ ବିପୁଳ ସମ୍ବର୍ଦ୍ଧନା ସହ ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ସେହିପରି ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ, ଅସ୍ତରଙ୍ଗ ପଚାଂୟତ ଅଫିସ, ନଇଗୁଆଁ ଠାରେ ମଧ ଭବ୍ୟ ସ୍ୱାଗତ ସହ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଜିଲ୍ଲା ପରିଷଦ ଉପାଧକ୍ଷ ଶ୍ରୀ ସ୍ୱାଧୀନ ନାୟକ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, କାକଟପୁର ବିଡ଼ିଓ ଶ୍ରୀ ତୁଷାର ଜ୍ୟୋତି ରଞ୍ଜନ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ବ୍ଲକ ଅଧକ୍ଷ ଆରତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଗୋପ ବ୍ଲକ ପକ୍ଷରୁ ଜଗଂଲବୋରି ପଚାଂୟତ କାର୍ଯ୍ୟାଳୟ ଠାରେ ରଥକୁ ସ୍ୱାଗତ କରାଯାଇ ଏକ ବିଶାଳ ଶୋଭାଯାତ୍ରାରେ ନୂଆହାଟ ଉଚ୍ଚ ବିଦ୍ୟାଳୟ କୁ ଅଣାଯାଇ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ପରେ ବଉଲାଙ୍ଗ ଓ ଏରବଙ୍ଗ ଠାରେ ରଥ ପହଞ୍ଚି ଭିଡ଼ିଓ ଶୋ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ରେ ସଂଗ୍ରାମୀ ମାନଙ୍କ ସ୍ମୃତି କୁ ପ୍ରଦର୍ଶନ କରିଥିଲା । ଗୋପ ବିଡ଼ିଓ ଦୀପ୍ତି ରାଣୀ ଦାସ,ଲୋକ ପ୍ରତିନିଧି ଓ କର୍ମଚାରୀ ମାନେ ରଥ ପରିକ୍ରମାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପରିଚାଳନା କରି ଥିଲେ । ପ୍ରତ୍ୟେକ ସ୍ଥାନରେ ସାଧାରଣ ଜନତା ହାତରେ ତ୍ରୀରଙ୍ଗା ପତାକା ଧରି ରଥକୁ ବିପୁଳ ସ୍ୱାଗତ କରିଥିଲେ । ଛାତ୍ର ଛାତ୍ରୀ ମାନେ ଉତ୍ସାହ ର ସହ ଦେଶାତ୍ମବୋଧକ ସଂଗୀତ ତାଳରେ ନୃତ୍ୟ ପରିବେଷଣ କରିଥିଲେ ।

# ଗୋବରୀ ନଦୀରେ ବନ୍ୟାଜଳ, କୂଳବାସୀ ଆତଙ୍କିତ

କେନ୍ଦ୍ରାପଡ଼ା,୧୮/୦୮ (ନି.ପ୍ର): କେନ୍ଦ୍ରାପଡା ସହର ନିକଟରେ ପ୍ରବାହିତ ଗୋବରୀ ନଦୀରେ ବନ୍ୟାଜଳ ବଢିବାରେ ଲାଗିଛି । ଏହାକୁ ନେଇ ନଦୀକୂଳର ଗ୍ରାମଗୁଡିକର ବାସିନ୍ଦାମାନେ ଆତଙ୍କିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ଲଗାଣ ବର୍ଷାରେ ମହାନଦୀ ଅବବାହିକାରେ ଓ ଏହାର ଶାଖା ନଦୀଗୁଡିକରେ ବନ୍ୟାଜଳ ପ୍ରବାହିତ ହୋଇ ଜିଲ୍ଲାର ୪ଟି ବ୍ଲକର ୩୦ଟି ପଂଚାୟତ ବନ୍ୟା ଘେରରେ ଥିବାବେଳେ ଗାଁ ରାସ୍ତାରେ ଓ ବହୁ ବ୍ୟକ୍ତିଙ୍କ ଘର ମଧ୍ୟରେ ବନ୍ୟାଜଳ ପ୍ରବେଶ କରିଥିବା ଦେଖିବାକୁ ମିଳିଛି । ସେହିଭଳି ଗୋବରୀ ନଦୀ କୂଳର ଉଭୟ ପାର୍ଶ୍ୱରେ ଥିବା ଗଣ୍ଡାକିଆ ପର୍ଯ୍ୟନ୍ତ ଗ୍ରାମ ଗୁଡିକର ଲୋକମାନେ ବନ୍ୟା ଆଶଙ୍କାରେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

# କୁଜଙ୍ଗ ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ୍ ଯୋଗାଉନି ଜିଲ୍ଲା ପ୍ରଶାସନ : ବାପି ସର୍ଖେଲ

ପାରାଦୀପ ,୧୮/୦୮ (ନି.ପ୍ର): ଶ୍ରମିକ ନେତା ବାପି ସାର୍ଖେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜିଳାନାସି ଗ୍ରାମ ପଞ୍ଚାୟତର, ଜୟ ସଂଖପୁର, ତେନ୍ତୁଳିଆ, ବରିହା ଡିଆ, ସାହାରାଡ଼ିଆ, ରାହାମା ଅଧିନସ୍ଥ ତେରମାଣପୁର, କାଠକୋଟ ହଂସୁରା, ବାଲିକଣୀ, ବନ୍ୟା ଅଞ୍ଚଳ ପରିଦର୍ଶନ କରି ସମସ୍ୟା ବାବଦରେ ଅବଗତ ହୋଇଥିଲେ । ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଞ୍ଚଳ ବାସୀଙ୍କ ପାଖରେ ବ୍ଲକ ପ୍ରଶାସନ ବା ଜିଲ୍ଲା ପ୍ରଶାସନ କୌଣସି ସହଯୋଗ କରିନାହାନ୍ତି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ । ଶୀଘ୍ର ବନ୍ୟା ପାଣିରେ କ୍ଷତଗ୍ରସ୍ତଙ୍କୁ ରନ୍ଧା ଖାଦ୍ୟ ସହିତ ଶୁଖିଲା ଖାଦ୍ୟର ସୁ ବନ୍ଦୋବସ୍ତ କରି ଦୈନନ୍ଦିନ ଜୀବନ ଶୈଳୀରେ କୌଣସି ଅସୁବିଧା ପରିଲକ୍ଷିତ ନ ହେଉ ବୋଲି ବାପି ସାର୍ଖେଲ ଜିଲ୍ଲାପାଳଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ । ବନ୍ୟା ଜନିତ ଅସୁବିଧା ବାବଦରେ ବିସ୍ତୃତ ଆଲୋଚନା କରିଥିଲେ ।

# ଶ୍ରୀକୃଷ୍ଣାବତାରର ପ୍ରଥମ ପର୍ବ : ଜନ୍ମାଷ୍ଟମୀ

**ବିପିନ ବିହାରୀ ମହାନ୍ତି**

ଏକଦା ପରୀକ୍ଷିତ ପୁଛନ୍ତେ ଶୁକଦେବ କହିଥିଲେ : ଏବେ ଭଗବାନ କୃଷ୍ଣ ଅବତାର ସଂପର୍କରେ ତୁମକୁ କିଛି କହିବି। ସେ ତାଙ୍କ ଊନବିଂଶ ଅବତାରେ ଦ୍ୱାପର ଯୁଗରେ କୃଷ୍ଣରୂପେ ଜନ୍ମ ନେବେ। ସେ ତୁମ ବଂଶ ପାଇଁ ବଡ଼ ସହଯୋଗୀ ରହିବେ ଏବଂ ତାଙ୍କୁ ସେତେବେଳେ ମହାଭାରତର ନାୟକ ବୋଲି କୁହାଯିବ।

ପରବର୍ତ୍ତୀ ସମୟରେ ଏହି କଥାଟି ପୃଥ୍ୱୀଠାରୁ ଆରମ୍ଭ ହେଲା। ଯେତେବେଳେ ପୃଥବୀର ପାପଭାର ବଢ଼ିଗଲା, ସେତେବେଳେ ପୃଥ୍ୱୀ କ୍ରନ୍ଦନ କରି ଭଗବାନ ବିଷ୍ଣୁଙ୍କ ପାଖକୁ ଗଲା ଏବଂ ତା' ଦୁଃଖ କହିଲା। ଏଥିକୁ ଭଗବାନ କହିଲେ : ଦେଖ ପୃଥ୍ୱୀ ମୁଁ ତୁମ ଦୁଃଖକୁ ଅନ୍ତ କରିବାପାଇଁ ଖୁବ୍ ଶୀଘ୍ର ବସୁଦେବ ଘରେ ଦେବକୀ ଔରଷରୁ ଜନ୍ମନେଇ କୃଷ୍ଣାବତାର ଧାରଣ କରିବି। ଏବେ ତୁମେ ଯାଅ ଏବଂ ନିଶ୍ଚିନ୍ତ ରୁହ।

ଭଗବାନଙ୍କର ଦୁଇଟି ପ୍ରତିଶ୍ରୁତି ଥିଲା। ପ୍ରଥମଟି ପୃଥିବୀର ପାପଭାର ଓହ୍ଲାଇବା ନିମନ୍ତେ ଜନ୍ମ ନେବାରପ ପ୍ରତିଶ୍ରୁତି ଏବଂ ଦ୍ୱିତୀୟଟି ଦେବକୀ ଏବଂ ବସୁଦେବଙ୍କୁ ପୂର୍ବଜନ୍ମରେ ଦେଇଥିବା ପ୍ରତିଶ୍ରୁତି ଯେ ସେ ତାଙ୍କର ପୁତ୍ର ହୋଇ ଜନ୍ମହେବେ। ଭଗବାନଙ୍କ ପ୍ରତିଶ୍ରୁତି ଅନୁସାରେ ଦ୍ୱାପର ଯୁଗରେ ତାହାହିଁ ହେଲା। କଂସ ମଥୁରାର ରାଜ ଓ ଦେବକୀ ତାଙ୍କର ଭଉଣୀ ଥିଲେ। ବସୁଦେବ ତାଙ୍କ ଭିଣୋଇ। କଂସର ଉଭୟ ଭଉଣୀ ଓ ଭିଣୋଇ ପ୍ରତି ପ୍ରଗାଢ଼ ଭକ୍ତି, ସମ୍ମାନ ଓ ଶ୍ରଦ୍ଧାଥିଲା। ଏକଦା ସେ ନିଜେ ରଥର ବାହାକ ହୋଇ ସେମାନଙ୍କ ଚିତ୍ତ ବିନୋଦନ ନିମନ୍ତେ ବୁଲାଉଥିବା ବେଳେ ଶୂନ୍ୟବାଣୀ ହେଲା, ବୋଧହୁଏ ଏହା ନାରଦଙ୍କର ଥିଲା : ଆରେ କଂସ, ଯାହାପ୍ରତି ତୋର ଏତେ ଅନୁରାଗ, ଯତ୍ନ ଓ ସେବା ସେମାନଙ୍କର ଅଷ୍ଟମ ଗର୍ଭର ସନ୍ତାନ ତୋର ମୃତ୍ୟୁର କାରଣ ହେବ। କଂସ ସ୍ୱଭାବରେ ମନ୍ଦ, ନିର୍ଦ୍ଦୟ ଏବଂ ଖଳ ପ୍ରକୃତିର ଥିଲା। ସେ ସଂଗେସଂଗେ ଭଉଣୀ ଓ ଭିଣୋଇଙ୍କୁ ବନ୍ଦୀକରି ମଥୁରାର ବନ୍ଦୀଶାଳାରେ ନିକ୍ଷେପ କଲା। ଖାଲି ସେତିକି ନୁହେଁ, ୬ଟି ପୁତ୍ର ସନ୍ତାନଙ୍କୁ ସେ ନିର୍ମମ ଭାବେ ହତ୍ୟା କଲା। ସେ ନିଜକୁ ଭଗବାନ ବୋଲି ଭାବୁଥିଲା। ସେ ଅତ୍ୟନ୍ତ ପ୍ରଜାପୀଡ଼କ ଏବଂ ଦେବତାମାନଙ୍କର ଶତ୍ରୁ ଥିଲା ତଥା ଋଷିମାନଙ୍କୁ ହନ୍ତସନ୍ତ କରୁଥିଲା। ସେ କୌଣସି ଗୁଣରେ ରାବଣଠୁ କମ୍ ନଥିଲା।

ଦେବକୀଙ୍କ ଅଷ୍ଟମ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମନେଲେ। କେତେକ ଐତିହାସିକଙ୍କ ମତରେ ଶ୍ରୀକୃଷ୍ଣ ଖ୍ରୀଷ୍ଟପୂର୍ବ ୩୨୨୭ ଜୁଲାଇ ୨୦ ତାରିଖରେ ଜନ୍ମ ହୋଇଥିଲେ। ଆଉ କେତେକଙ୍କ ମତରେ ସେ ଖ୍ରୀଷ୍ଟପୂର୍ବ ୩୧୧୨ ଜୁଲାଇ ୨୭ରେ ଜନ୍ମହୋଇ ଖ୍ରୀଷ୍ଟପୂର୍ବ ୩୦୩୧ରେ ମୃତ୍ୟୁବରଣ କରିଥିଲେ। ମହାଭାରତ ଯୁଦ୍ଧ ହୋଇଥିଲା ଖ୍ରୀଷ୍ଟପୂର୍ବ ୩୧୪୧ରେ। ସେତେବେଳକୁ କୃଷ୍ଣଙ୍କୁ ୮୬ବର୍ଷ ହୋଇଥିଲା। କେହି କେହି ମତ ଦିଅନ୍ତି ଯେ ରାମ ଜନ୍ମର ପାଖାପାଖି ୮୦୦ବର୍ଷ ପରେ କୃଷ୍ଣ ଜନ୍ମ ହୋଇଥିଲେ। ରାମଚନ୍ଦ୍ର ୭୫ବର୍ଷରେ ମୃତ୍ୟୁବରଣ କରିଥିଲେ। ରାମଚନ୍ଦ୍ରଙ୍କର ୩୨ତମ ପୁରୁଷ ବୃହଦ୍‌ବାଳକୁ ଅଭିମନ୍ୟୁ ବଧ କରିଥିଲେ। ଏହି ହିସାବରେ ପ୍ରତିଟି ପୁରୁଷର ପାର୍ଥକ୍ୟକୁ ହାରାହାରି ୨୫ବର୍ଷ ଧରିଲେ ଏ ଦୁହିଁଙ୍କର ସମୟ ପାର୍ଥକ୍ୟ ୮୦୦ବର୍ଷ ହୋଇଥାଏ। ତେବେ ମୋଟାମୋଟି ଭାବରେ ଉପରୋକ୍ତ ସମୟ କଳ୍ପନାରେ ବ୍ୟତିକ୍ରମ ଥିଲେ ହେଁ, କୃଷ୍ଣ ଆଜକୁ ୫୦୦୦ବର୍ଷ ପୂର୍ବେ ଜନ୍ମ ହୋଇଥିବା ସତ୍ୟ। କୃଷ୍ଣ ରୋହିଣୀ ନକ୍ଷେତ୍ରରେ, ବୃଷ ରାଶିରେ ଚନ୍ଦ୍ର ଥିବାବେଳେ, ଭାଦ୍ର କୃଷ୍ଣପକ୍ଷ ଅଷ୍ଟମୀରେ ଏବଂ ନିଶାର୍ଦ୍ଧରେ ଜନ୍ମ ହୋଇଥିଲେ। ଏହା ପୂର୍ବ ଅବଗଣନା ହିସାବରେ ଜୁଲାଇ ମାସ ଥିଲା।

କିଟି କିଟି ଅନ୍ଧାର ରାତି। ମେଘର ଗୁରୁଗର୍ଜନ। ପବନ ବୋହୁଛି ଅଣଚାଷ। ମେଘ ଦେହରେ ବିଜୁଳିର ଖେଳ। ଏହି ସମୟରେ କାରାଗାରର ଅନ୍ଧକାର କକ୍ଷରେ ଭୂମିଷ୍ଠ ହେଲେ କୃଷ୍ଣ; ଝଲ୍‌ସିଗଲା କାରାଗାର।

ଏହି ରୂପରେ ଜନ୍ମ ନେଲେ :
ନୀଳଜୀମୁତ ଦେହ କାନ୍ତି
ବଳୟ ମଣି ଝଟକନ୍ତି।
ପୀତବସନ କଟିଶୋହେ
ରୂପ କୋଟିଏ କାମ ମୋହେ।
କଟି ମେଖଳା ସୁନା ସୂତା
ଉତରୀ ସୁବର୍ଣ୍ଣ ପଇତା ॥....

ଏହିପରି ଅପୂର୍ବ ରୂପଧରି ଭଗବାନ କୃଷ୍ଣ ଅବତାର ଜନ୍ମ ନେଲେ। ସେ ଯେ ଭଗବାନ, ଏହା ବିଶ୍ୱାସ କରାଇବା ପାଇଁ ଦେବକୀ ଓ ବାସୁଦେବଙ୍କୁ ତାଙ୍କ ନିଜସ୍ୱ ରୂପ ଦର୍ଶନ ଦେଲେ।

ତତ୍‌କ୍ଷଣାତ୍ କାରଗାର ଦ୍ୱାର ଉନ୍ମୁକ୍ତ ହୋଇଗଲା। ବସୁଦେବ ଏବଂ ଦେବକୀ ଶୃଙ୍ଖଳ ମୁକ୍ତ ହେଲେ ଏବଂ ଭଗବାନଙ୍କ ନିର୍ଦ୍ଦେଶକ୍ରମେ ବସୁଦେବ ବାସୁଦେବଙ୍କୁ ଏକ ନିରାପଦ ବୋଝରେ ମୁଣ୍ଡାଇ ଚାଲିଲେ ଗୋପପୁର। ପଥରେ ପଡ଼ିଲା ଫୁରନ୍ତ ଯମୁନା। ଯମୁନା ଯମର ଭଗ୍ନୀ। ଲଙ୍ଘିଛି କୂଳ। ତଥାପି ପଶିଲେ ବସୁଦେବ। ତୁଣ୍ଡକୁ ଛୁଇଁଲା ଜଳ। ବସୁଦେବ ଡାକିଲେ :

ତୋତେ ହିଁ ତୁହି ରକ୍ଷାକର
ମୁଁ ଛାର ମନୁଷ୍ୟ ମାତର ॥

ଯମୁନା ପାରିକଲା ଘାଟ। ବିଜୁଳି କଢ଼ାଇଲା ବାଟ। ବାଟରେ କଂସର ପିତା ଉଗ୍ରସେନ କରିଲେ ଆକଟ। ବାସୁଦେବ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ନିଜର ଦର୍ଶନ ଓ ପରିଚିତି ଦେଲେ। ଏବେ ବାଟ ସଫା। ପୂର୍ବ ଯୋଜନା ଅନୁସାରେ ଯଶୋଦାଙ୍କ ଗର୍ଭରୁ ଅମ୍ବିକା ନନ୍ଦ ଘରେ ଜନ୍ମ ନେଇଥିଲେ। ଯଶୋଦା ସଂଜ୍ଞାହୀନ ଥିଲେ। ବସୁଦେବ ସମସ୍ତଙ୍କ ଅଜ୍ଞାତରେ ସନ୍ତାନ ଦ୍ୱୟଙ୍କୁ ଅଦଳ ବଦଳ କରାଇ ଅମ୍ବିକାଙ୍କୁ ଧରି ଲେଉଟିଲେ ମଥୁରା। ପୁନଶ୍ଚ ବନ୍ଦୀ ହେଲେ ଆପଣାଛାଏଁ ଦେବକୀ ଓ ବସୁଦେବ ଏବଂ କାରଗାର ମୁକ୍ତ ଦ୍ୱାର ପୁନଶ୍ଚ ରୁଦ୍ଧଦ୍ୱାର ହୋଇଗଲା। କନ୍ୟା ସନ୍ତାନର ଜନ୍ମ ଜନିତ ଚକ୍ରାରରେ କଂସପୁରି ଚମକି ଉଠିଲା। ଦେବକୀର ଅଷ୍ଟମଗର୍ଭ। ଦୌଡ଼ିଲା କଂସ। ଦେବକୀ ଓ ବସୁଦେବଙ୍କର ନାନା ଅନୁନ୍ନୟ ଓ ବିନୟକୁ ଭୃକ୍ଷେପ କରି ଶିଳାରେ ପିଟନ୍ତେ, ଅମ୍ବିକା ଉଠିଲା ଆକାଶ। ଆଉ ଶୂନ୍ୟବାଣୀ ଦେଲେ : ତୁ' ଅଯଥାରେ ମୋତେ କୋପ କଲୁ। ତୋତେ ଯିଏ ମାରିବ ସେ ଗୋପରେ ବଢ଼ୁଛି। ଏତିକିରେ କୁରାଳ ଚକ୍ରପ୍ରାୟେ କଂସର ମୁଣ୍ଡ ଘୂରିଲା। ଏବେ ଶିଶୁ ହତ୍ୟା ପାଇଁ ଆରମ୍ଭ କଲା ଯେତେଯେତେ କାଣ୍ଡ।

ଅଥଚ ସେପଟେ ଗୋପରେ ଶିଶୁ କୃଷ୍ଣଙ୍କ କୁଆଁ କୁଆଁ ରାବରେ ଚମକି ଉଠିଲା ମେଦିନୀ। ପବନରେ ବହିଲା ମଳୟ; ହସି ଉଠିଲେ ବୃକ୍ଷରାଜି; ଫୁଲର ବାସ୍ନାରେ ମହକିତ ବନ, ଉପବନ; ଅଦିନେ କୋଇଲିର ସ୍ୱର; ମୟୁରର ନୃତ୍ୟ; ଶୁକ ଶାରୀଙ୍କ କଣ୍ଠରେ ସ୍ୱାଗତ ସଂଗୀତ; ଦାସୀ, ପୋଇଲି, ସେବକ, ସାଆନ୍ତ ଏବଂ ସଂମ୍ଭ୍ରାନ୍ତ ତଥା ନଗରଜନଙ୍କ ମଧ୍ୟରେ ଆନନ୍ଦର ଲହରୀ। ଦାନଧର୍ମରେ ମାତିଛନ୍ତି ନନ୍ଦ। ବୃଦ୍ଧକାଳେ ନନ୍ଦଙ୍କୁ ମମତାର ବନ୍ଧନରେ ବାନ୍ଧିଦେଲା କୃଷ୍ଣଙ୍କର ଯେତେ ନନ୍ଦଛନ୍ଦ।

ଆହା ମୋ ନନ୍ଦ କୋଳେ ଗୋବିନ୍ଦ......
କୋଳେ ଗୋବିନ୍ଦ.......
ରଙ୍କ ରତନଙ୍କ କୋଳରେ ହସ ,....
ଦେଖ ଗୋବିନ୍ଦ
ଆହା ମୋ ନନ୍ଦ..... କୋଳେ ଗୋବିନ୍ଦ ॥

ନନ୍ଦର ମନ୍ଦିରେ ଜନ୍ମିଛି ନନ୍ଦନ
ନିରାନନ୍ଦ ଘରେ ଅତି ଆନନ୍ଦ
ଅନ୍ଧାର ଗୃହରେ ଜନ୍ମିଛି ଆଲୁଅ,
ଉଆଁସରେ କାହୁଁ ଅଇଲା ଚାନ୍ଦ ?

ଏହାହିଁ କୃଷ୍ଣାବତାରର ପ୍ରଥମ ଦିନର ପ୍ରଥମ ପର୍ବ। ସେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଜନ୍ମ ନେଇଥିବା ହେତୁ ଏହାକୁ ଜନ୍ମାଷ୍ଟମୀ କୁହାଯାଏ। ସେବେଠୁ ଚାଲିଛି ତାଙ୍କ ଜନ୍ମୋତ୍ସବ। ଏହିଦିନ ସମସ୍ତେ ଉପାସ ରୁହନ୍ତି। ମଧ୍ୟ ରାତ୍ରିରେ କୃଷ୍ଣଙ୍କର ପୂଜା ହୁଏ। ଏହା ଉଭୟ ଘର ଏବଂ ମନ୍ଦିରରେ ହୁଏ। ପୂଜା ପରେ ପ୍ରସାଦ ବଣ୍ଟାଯାଏ। କୃଷ୍ଣଙ୍କର ଛବି ଓ ପଟ୍ଟଚିତ୍ରକୁ ସଜାଯାଏ। ତାଙ୍କ ପାଇଁ ସଭିଙ୍କ ତୁଣ୍ଡରେ ଜୟଦେବଙ୍କର ଗୀତ ଗୋବିନ୍ଦ ଥାଏ :

ଓଁ ଜୟଜଗଦୀଶ ହରେ...
ପ୍ରଳୟ ପ୍ରୟୋଧି ଜଳେ ଧୃତ ବାନସି ବେଦଂ
ବିହିତ ବହିତ୍ର ଚରିତମ୍ ଖେଦଂ
କେଶବ ଧୃତ,ମ ୀନ ଶରୀର,
ଜୟ ଜଗଦୀଶ ହରେ ॥
ଓଁ ଜୟ ଜଗଦୀଶ ହରେ
କେଶବ ଧୃତ ଦଶବିଧ ରୂପ
ଜୟ ଜଗଦୀଶ ହରେ ॥

ସେଦିନ କଂସ ଏବଂ ତା'ର କେଇଜଣ ଦୁଷ୍ଟ ସମର୍ଥକଙ୍କୁ ନାଶ କରିବାପାଇଁ ପୃଥିବୀ କୃଷ୍ଣଙ୍କୁ ସ୍ୱାଗତ କରିଥିଲା। ଆଜି ସେ କୃଷ୍ଣ ନାହାଁନ୍ତି ଅଥଚ ସହସ୍ର ସହସ୍ର କଂସଙ୍କ ଦୌରାତ୍ମ୍ୟ ଏଠି ଜୀବନକୁ ଦୁର୍ବିସହ କରିଦେଉଛି। ସେମାନଙ୍କର ନିଧନ ପାଇଁ ଆମେ ଆଜି ସେହି କୃଷ୍ଣଙ୍କର ଭିନ୍ନ ଏକ ଅବତାରପାଇଁ ଅପେକ୍ଷା କରିଛୁ ଏବଂ ସ୍ୱାଗତ କରି ତାଙ୍କ ଜନ୍ମଦିନ ପାଳନ କରୁଛୁ।

ଓଁ ଜୟ ଜଗଦୀଶ ହରେ।........

ଅଧ୍ୟକ୍ଷ,ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ମୋ : ୯୯୩୮୩୪୪୧୩୮



## ଜନ୍ମାଷ୍ଟମୀ
### ଡକ୍ଟର ମନୋରଞ୍ଜନ ବିଷୋୟୀ

ତୁମ ଜନ୍ମ ବେଳେ
ମାଆ ଦେବକୀ ମନରେ
ଅନେକ ବେଦନା ।

କାନେ ତାଙ୍କ ଶୁଭୁଥିଲା
ଆଗରୁ ହରାଇଥିବା
ପୁଅମାନଙ୍କର କରୁଣା କାନ୍ଦଣା ।

ହେଲେ ତୁମ ଆଗମନ
କଥା ଭାବି ସହିଥିଲେ ପ୍ରସୂତି ବେଦନା ।

ଆଉ ମାମୁ କଂସ କବଳରୁ
ତୁମ ମୁକ୍ତି ପାଇଁ
ବାପା ବସୁଦେବ କରୁଥିଲେ
ଗଭୀର ନିଶାର୍ଦ୍ଧରେ କାତର ପ୍ରାର୍ଥନା ।

ତୁମ ଆଗମନ ପରେ
ବିଶ୍ୱାସର ବୋଝ ବୋହି
କାରାଗାରରୁ ବାହାରିଗଲେ
ତୁମକୁ ସାଥେ ଧରି ପାଦେ ପାଦେ ଭୋଗି ଯନ୍ତ୍ରଣା ।

ସେପଟେ ଗୋପପୁରେ ତୁମକୁ ପାଇବା ଲାଗି
ଅନେକ ସମ୍ଭାର ନେଇ ପ୍ରତୀକ୍ଷାମାନ
ମାଆ ଯଶୋଦା ମନ ହୁଏ ଆନମନା ।

ହେଲେ ସକଳ ଦୀର୍ଘଶ୍ୱାସର ସମୂହ ଶକ୍ତିରେ
କିପରି ସୃଷ୍ଟି ହୁଏ ଝଡ଼
ତାହା ବୁଝି ପାରୁଥିଲା ମଥୁରାରେ କଂସ
ପୁତ୍ର ସନ୍ତାନ ପ୍ରତିବଦଳରେ
ଦେଖି ବିଜୁଳି କନ୍ୟା ।

କିନ୍ତୁ ତୁମ ଆଗମନେ ଶୁଣିବାକୁ ବଂଶୀସ୍ୱନ
କାନଡ଼େରି ସ୍ୱପ୍ନ ଦେଖିଲାଣି ଉଜାଣି ଯମୁନା ।

କାରଣ ତୁମେ ଅଟ ଶାଶ୍ୱତ ସୁନ୍ଦର
ଅନ୍ଧାର ଜୀବନପଥେ ଆଲୁଅର ଧାର
ତୁମର ସ୍ୱାଗତ ଲାଗି
ଗୋପପୁରେ ଚାଲିଛି ଉତ୍ସବର ଯୋଜନା ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଫୋନ୍: ୮୮୯୫୧୪୧୭୨୭

## ହେ ଲୀଳା ପୁରୁଷୋତ୍ତମ
### ଜୟନ୍ତ କୁମାର ମଲ୍ଲିକ୍

ତୁମେ ବାସୁଦେବ ଦେବକୀ ନନ୍ଦନ
ଭାବଗ୍ରାହୀ ଭଗବାନ-

ହେ ନନ୍ଦ ନନ୍ଦନ ଜଗତ ବନ୍ଦନ
ଯଶୋଦାର ପ୍ରାଣଧନ,
ଆଜିତ ଅଟଇ ପୁଣ୍ୟ ଜନ୍ମାଷ୍ଟମୀ
ଅତୀବ ପବିତ୍ର ଦିନ-

ଏହିଦିନ ତୁମେ ମରତ ଧାମକୁ
କରିଥିଲ ଆଗମନ,
କଂସ ବନ୍ଦୀ ଘରେ ଜନ୍ମିଥିଲ ତୁମେ
ମାତା ଦେବକୀଙ୍କ କୋଳେ-

ଅଚାନକ ମାତା ହାରିଥିଲେ ଚେତା
ତୁମ ଦିବ୍ୟ ମାୟା ବଳେ,
ମୁଷଳ ଧାରାରେ ବର୍ଷୁଥିଲା ମେଘ
ଆକାଶର ବୁକୁ ଚିରି-

ଅନ୍ଧାର ରାତିରେ ପିତାଙ୍କ ମଥାରେ
ବସିଥିଲ ତୁମେ ହରି,
ଦେବକୀ ମାତାଙ୍କ କୋଳ ଛାଡ଼ି ତୁମେ
ଗୋପପୁରେ ଚାଲିଗଲ-

ନନ୍ଦ ଯଶୋଦାଙ୍କ କୋଳେ ବଢ଼ି ତୁମେ
ଅନୁପମ ଲୀଳା କଲ,
ତୁମ ମହିମାର ନାହିଁ ପଟ୍ଟାନ୍ତର
ହେ ଲୀଳା ପୁରୁଷୋତ୍ତମ-


ଜନମ ଦିନରେ ଅଭିନନ୍ଦନ
ସାଥେ ଘେନ ଭକ୍ତିପ୍ରେମ ।

ଶୁରଡିହ,ନନ୍ଦିପୁର
ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭

## ଜନ୍ମାଷ୍ଟମୀ
### ସୁନନ୍ଦା ମହାନ୍ତି

ଅଷ୍ଟମୀ ତିଥିରେ ଜନ୍ମ ତୁମେ
କର୍ମ ତୁମ ଅଷ୍ଟମାଶ୍ଚର୍ଯ୍ୟ
ଦୁର୍ଯ୍ୟୋଧନ ର ଅଇରୀ ସାଜିଲ
ସଖା ପାଇଁ ନବମାଶ୍ଚର୍ଯ୍ୟ
ଦ୍ରୌପଦୀ ସଖି ଦ୍ରୁପଦ ନନ୍ଦିନୀ
ତାପାଇଁ ଦଶମାଶ୍ଚର୍ଯ୍ୟ
ଆଶ୍ଚର୍ଯ୍ୟ ଐଶ୍ୱର୍ଯ୍ୟ ଗରିମାରେ ତୁମେ
ନିପୁଣ ପଥ ପ୍ରାନ୍ତ ନାୟକ
ନିଜ ଜନ୍ମ ବେଳ କୁହୁକ ଭିତରେ
ନିଜେ ନିଜର ରକ୍ଷକ
ଗୋପପୁରେ କୈଶୋରେ ଧରଣୀ ଆଶ୍ୱାସୀ
ଶ୍ରେଷ୍ଠ ଗୋପାଳ ନାମେ ନାୟକ
ହେ ମହାମହିମ ସ୍ୱର୍ଗ ମର୍ତ୍ତ୍ୟ ପାତାଳ
ତିନିପୁରର ରକ୍ଷକ
ତୁମ ଜନ୍ମଦିନ ଘୁ ଘୁ ବର୍ଷା ବାଟ ଖୋଜେ
ପଚଚାରୀ ଓ ପଥିକ
ତୁମେ ସୃଷ୍ଟିର ନନ୍ଦବଳା ଥିଲ ବୃନ୍ଦାବନେ
କସ୍ତୁରୀ ତିକକ ମାରି ସବୁ ଭକ୍ତକ
ଆନନ୍ଦେ ଦିଅନ୍ତି ହରିବୋଲ ହୁଳହୁଳି
ତୁମ ଜନ୍ମ ଦିନରେ ହେ ମହାନାୟକ
ତୁମ ଭୁଜ ତଳେ ରଖ ମହାବାହୁ ସର୍ବେ
ନପଡ଼ୁ ଯୁଦ୍ଧ ମହାମାରୀ ଆତଙ୍କ।

ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫



## ଭଗବାନ ଶ୍ରୀକୃଷ୍ଣଙ୍କ ଧରାବତରଣ
### ଶ୍ରୀରୂପା ମଞ୍ଜରୀ ସେନ୍

ପୃଥିବୀ ଯେତେବେଳେ
ପାପରେ ହେଲା ଥରହର
ଅତ୍ୟାଚାର, ପ୍ରପୀଡନରେ ଅସୁରମାନଙ୍କର ।

ପୃଥିବୀର ଅଧିଷ୍ଠାତ୍ରୀ ଦେବୀ, 'ଭୂମି'
ଦୁଃଖରେ କରିଲେ କ୍ରନ୍ଦନ,
ଦୁଃଖ ଓ କ୍ରୋଧରେ ହୋଇ ଜର୍ଜରିତ
ଗଲେ ବ୍ରହ୍ମାଙ୍କ ନିକଟକୁ, ହୋଇ
'ଗାଭୀ' ରୂପ ଧାରଣ ।

ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କ ନିକଟରେ
ଦୁଃଖ ର କାହାଣୀ ବର୍ଣ୍ଣନା କଲେ
ବ୍ରହ୍ମା ଜୀ ସବୁ ଶୁଣି,
ଦୁଃଖ ରେ ମର୍ମାହତ ହେଲେ ।

ବ୍ରହ୍ମା ଜୀ ସଙ୍ଗେ ସଙ୍ଗେ, କ୍ଷୀରସାଗର
ନିକଟକୁ କଲେ ଗମନ,
ଯେଉଁ ଠାରେ, ଶେଷ ନାଗ, ସପ୍ତ ଫେଣୀ
ଉପରେ, ବିଷ୍ଣୁ, କରି ଥାନ୍ତି ଶୟନ ।

ଶିବ ଓ ଅନ୍ୟାନ୍ୟ ଦେବତା ମାନେ
କଲେ ତାଙ୍କୁ ଅନୁ- ଗମନ,
ପୁରୁଷ-ସୂକ୍ତ ମନ୍ତ୍ରରେ, ବିଷ୍ଣୁଙ୍କୁ କରି
ପ୍ରାର୍ଥନା, ଜଣାଇଲେ ସବୁ ଦୁଃଖର କାରଣ ।

ପ୍ରଥମେ ବିଷ୍ଣୁଙ୍କଠାରୁ,କିଛି ଉତ୍ତର ଆସି ନ ଥିଲା,
ତଦନ୍ତରେ ବିଷ୍ଣୁ, ବ୍ରହ୍ମା ଜୀଙ୍କୁ ଧ୍ୟାନସ୍ଥ
ଅବସ୍ଥାରେ ଯାହା କହି ଥିଲେ,
ବ୍ରହ୍ମା ଜୀ ଦେବତା ମାନଙ୍କୁ ତାହା ଜଣାଇଲେ ।

କଥାଟି ଏହା ଥିଲା, ବିଷ୍ଣୁ ଧରା ଧାମରେ
ଖୁବ୍ ଶୀଘ୍ର ଆବିର୍ଭାବ ହେବେ,
ତାଙ୍କ ଲକ୍ଷ ସାଧନ ହେବାଯାଏ,
ତତ୍ ପରେ ସେ ତାଙ୍କ ଧାମକୁ
ଫେରି ଆସିବେ ସ୍ୱଇଚ୍ଛାରେ ।

ଏହା ପରେ ଶ୍ରୀ କୃଷ୍ଣ, ବାସୁଦେବଙ୍କ
ପୁତ୍ର ରୂପେ ଜନ୍ମ ହେଲେ,
ସବୁ ଦେବତା ମାନେ, ତାଙ୍କୁ ସାହାର୍ଯ୍ୟ
କରିବା ପାଇଁ, ଗୋପରେ ଜନ୍ମ ଗ୍ରହଣ କଲେ ।

ଏହାହିଁ ହେଉଛି ଭଗବାନଙ୍କ,ପୃଥିବୀ-
ପୃଷ୍ଠରେ, ଧରାବତରଣର କାରଣ,
ଏହି ବାର୍ତ୍ତା ଶୁଣି,
ଶାନ୍ତ ହେଲେ ଧରିତ୍ରୀ ମାତା-ଭୂମି
ଶ୍ରୀକୃଷ୍ଣଙ୍କୁ ଜଣାଇଲେ ସ ଭକ୍ତିର ପ୍ରଣାମ ।

ଅଙ୍ଗାର ଗଡିଆ, ବାଲେଶ୍ୱର



## ହାପି ବାର୍ଥ ଡେ
### ସୁଭାଷ ଚନ୍ଦ୍ର ଭୂତିଆ

ଆସିଛି ଖୁସି
ଜନତା ମିଶି
କରନ୍ତି ସାଜସଜ୍ଜା
ହୋଇ ଉଲ୍ଲାସ
କାର୍ଯ୍ୟରେ ବ୍ୟସ୍ତ
ପାଳି ଉତ୍ସବ ମଜା
ରଙ୍ଗା ଅଧରେ ହସ... ଝଟକୁ ଥାଉ
କୃପା ଆଶିଷ ସଦା...ଏମିତି ରହୁ
କାହ୍ନୁ ହାପି ବାର୍ଥ ଡେ ଟୁ ୟୁ ।
ଗାଆଁ ସହର
ଅବା ନଗର
ସବୁଠି ପିଠା ପଣା
ଉଡେ ପତାକା
ରାଙ୍ଗୋଲୀ ପକା
ବାସେ ଘର ଅଗଣା
ଲବଣି ମରା କେକ .....ତୁହିତ ଖାଉ
ସେଲାଗି ଯେତେ ଆମ...ସମୟ ଯାଉ
କାହ୍ନୁ ହାପି ବାର୍ଥ ଡେ ଟୁ ୟୁ ।
ଝୁଣା ଚନ୍ଦନ
ପୂଜା ବନ୍ଦନ
ମଣ୍ଡପେ ଯଜ୍ଞ ଚାଲେ
ତୋ ଜନ୍ମ ଦିନ
ଆଣଇ ପୂଣ୍ୟ
ସୁଖ ଶାନ୍ତି ମଙ୍ଗଳେ
ପାପରୁ ମୁକ୍ତି ସଦା........ତୁହିତ ଦେଉ
ତୋ ପାଇଁ ଖୁସି ଆମ .......ଏମିତି ରହୁ
କାହ୍ନୁ ହାପି ବାର୍ଥ ଡେ ଟୁ ୟୁ ।

ଡିହଡୋଳ, ଢେଙ୍କାନାଳ



## ହେ କୃଷ୍ଣ
### ଜଗଦୀଶ ସାହୁ

ହେ କୃଷ୍ଣ
କଂସର ଥିଲା କି ଦୋଷ ?
ଚାହିଁଥିଲେ ଦେ୍ୱକୀକୁ ଜୀବନରେ
କରିଥାନ୍ତା ନାଶ
ଦୟାଳୁ ସେ
ତୁମ ଜନ୍ମ ପର୍ଯ୍ୟନ୍ତ ତାକୁ ବଞ୍ଚାଇ ରଖିଲା
ଦେଉପଛେ କାରାବାସ
ହତ୍ୟାକାରୀ ତୁମେ
କ୍ଷୀର ସଂଗେ ପଞ୍ଚପ୍ରାଣ ପିଇ
ପୁତନାକୁ କଲ ଶେଷ
ହେ କୃଷ୍ଣ
ଦେବତା ମାନଙ୍କୁ କଂସ ପାଦେ ଖଟାଇଛି
କୁହ
କେଉଁ ରମଣୀର ଇଜ୍ଜତ ଲୁଟିଛି
କଦମ୍ବ ଡାଳରେ ତୁମେ ବାନ୍ଧିଲ ବସନ
ଦେଖିବାକୁ ଗୋପୀଙ୍କର ଅଙ୍ଗ ଯଉବନ
କେମିତି ହୋଇଲ ତୁମେ ସତିଆ ପୁରୁଷ
କଂସ ହେଲା ଅମଣିଷ !!

ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

## ଆସ କହ୍ନେଇଁ
### ସିଦ୍ଧେଶ୍ୱର ତ୍ରିପାଠୀ

ଆସ କହ୍ନେଇଁ
ଏ ମନ ତୁମକୁ ଝୁରେ ଦେଖିବା ପାଇଁ
ଆସ କହ୍ନେଇ

ଶୁଖିଛି ଯମୁନା ପାଣି, ହଜିଛି ସର ଲବଣୀ
କେବେଠୁ ଦିଶୁନି ଆଉ
କାହିଁ ସେ ବାଙ୍କ ଚାହାଣୀ
କୁଞ୍ଜବନଠୁ କଦମ୍ବ ରହିଛି ଚାହିଁ
ଆସ କହ୍ନେଇ ଏମନ ତୁମକୁ ଝୁରେ
ଦେଖିବା ପାଇଁ, ଆସ କହ୍ନେଇ...

ଏଠି ସିନା ଅଛି ଦେହ ମନ କିନ୍ତୁ ତୁମ ପାଶେ
ତୁମକୁ ନପାଇ ଧନ ଅନ୍ଧକାର ସବୁ ଦିଶେ
ଆଖି ବୁଜିଲେ ଦିଶୁଛି ତୁମରି ଛାଇ
ଆସ କହ୍ନେଇ ଏମନ ତୁମକୁ ଝୁରେ
ଦେଖିବା ପାଇଁ, ଆସ କହ୍ନେଇ...

ଯାଇଛ ଯେ ନବଘନ ବିତିଲାଣି କେତେଦିନ
ଶୁଖୁନି ଏ ଲୁହ ଧାର ବିଷ ଲାଗେ ଏ ଜୀବନ
ଷୋଳ ସହସ୍ର ସପନ
ଦ୍ୱିଗୁଣିତ ନୟନରେ ରହିଛି ଚାହିଁ
ଆସ କହ୍ନେଇ ଏମନ ତୁମକୁ ଝୁରେ
ଦେଖିବା ପାଇଁ, ଆସ କହ୍ନେଇ...

କହେ ଦ୍ୱିଜ ସିଦ୍ଧେଶ୍ୱର ଆସ ହେ ନଟ ନାଗର
କୃଷ୍ଣ ନାମରେ କଳଙ୍କ ଲଗାଅ ନାହିଁ

ଆସ କହ୍ନେଇ ଏମନ ତୁମକୁ ଝୁରେ
ଦେଖିବା ପାଇଁ, ଆସ କହ୍ନେଇ...

ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

## ଜନ୍ମାଷ୍ଟମୀ
### ସୁଶାନ୍ତ ରଣା

ଭାଦ୍ରବ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ
ଅଷ୍ଟମ ଗର୍ଭରେ ଶ୍ରୀକୃଷ୍ଣ ଜନ୍ମିଲେ ।
କଂସ ବନ୍ଦୀ ଶାଳେ ଦେବକୀ କୋଳରେ
ଜନମିଲେ ହରି ମଥୁରା ନଗରେ ।
ଗୋପରେ ବଢ଼ିଲେ ଶ୍ରୀ ମଧୁସୂଦନ
ନିଶା ରାତି ଗୋପକୁ କଲେ ଗମନ ।
ବରଷା ଘଡ଼ଘଡ଼ି ବିଜୁଳି ଖେଳେ
ବସୁ ଟୋକେଇରେ ଶ୍ରୀକୃଷ୍ଣଙ୍କୁ ନେଲେ ।
ଉଛୁଳା ଯମୁନା ପାରି ହୋଇ ଥିଲେ
ବର୍ଷାରେ ବାସୁକି ସାହା ହୋଇଥିଲେ ।
ଗୋପ ନନ୍ଦ ଘରେ ପୁଷ୍ପ ବରଷିଲା
ଗୋପ ଧୂଳି ସତେ ଚନ୍ଦନ ବାସିଲା ।
ଲବଣୀ ଖିଆ ହରି ବଇଁଶୀଧାରୀ
ଦହି ଚୋରି କରୁଥିଲେ ହେ ଶ୍ରୀହରି ।
ଗୋରୁ ଚରାଇଲେ ସାଥିମେଳେ ମିଶି
କଂସ ସାଥି ଶତ୍ରୁ ବଳ ଥିଲେ ନାଶି ।
ଶଙ୍ଖ ଚକ୍ର ଗଦା ପଦ୍ମ ହସ୍ତେ ଧରି
ପାପ ଭାରରୁ ପ୍ରଭୁ ହେ କର ପାରି ।

ଗ୍ରା/ପୋ- ତେରେସିଂହା, ଭାୟା- ରିଷିଡ଼ା
ଜି- କଳାହାଣ୍ଡି, ପିନ୍- ୭୬୬୦୩୧
ମୋ- ୭୮୯୪୬୫୮୨୭୪

## ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
### ସୁନୀଲ କୁମାର ପ୍ରଧାନ

ଭାଦ୍ରବ ମାସ କୃଷ୍ଣ ପକ୍ଷେ ପ୍ରଭୁ
ଅଷ୍ଟମୀ ତିଥି ପୁଣି
କଳା କାହ୍ନୁ ପରା ଜନମ ହୋଇଲେ
ସେ ପରା ମଉଡମଣି ।

ଦେବକୀ କୋଳରେ ଜନମ ନେଇଣ
ବଢ଼ିଲେ ନନ୍ଦପୁରେ
ଯୋଶଦାଙ୍କ ଖୁସି ନ କହିଲେ ଚଳେ
ଆନନ୍ଦ ସେ ଗୋପପୁରେ ।

ଗୋପବାସୀଙ୍କ ସୁଖ ଦୁଃଖ ବନ୍ଧୁ
ହୋଇଛି କଳା କହ୍ନେଇ
ଇନ୍ଦ୍ରଙ୍କର କୋପ ଦମନ ପାଇଁ କି
ଗୋବର୍ଦ୍ଧନ ଗିରି ଧରି ।

କୂଳଗୁରୁ ତାଙ୍କ ଗର୍ଗ ଋଷି ଜାଣ
ଦେଇଥିଲେ କୃଷ୍ଣ ନାମ
ସେହି ନାମ ଚୈତନ୍ୟ ପ୍ରଚାର କରିଲେ
ସବୁଠି ଶୁଭେ କୃଷ୍ଣ ରାମ ।

କୃଷ୍ଣ ନାମ ପରା ଅଟଇ ସଂସାରେ
ଏକ ମାତ୍ର ମୁକ୍ତି ନାମ
ଏହି ନାମ ଜପି କେତେ ଋଷି ତପି
ପାଇଛନ୍ତି ମୋକ୍ଷ ଧାମ ।

କୃଷ୍ଣ ଜନ୍ମାଷ୍ଟମୀ ଏଠାରେ ବର୍ଣ୍ଣନା
କରିଲି ମୁହିଁ ଅଧମ
ଦୋଷ ଥିଲେ ପ୍ରଭୁ କ୍ଷମା ଯେ କରିବ
କରୁଛି କୋଟି ପ୍ରଣାମ ।

ଝାଟିପଦର,ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଚୀନ୍ ହାତରେ ଖେଳନା ଶ୍ରୀଲଙ୍କା...

ଏସିଆ କ୍ଷେତ୍ରରେ ଚୀନ୍ ନୂଆ ଖେଳ ଆରମ୍ଭ କରିଛି । ଶ୍ରୀଲଙ୍କାକୁ ଆୟୁଧ କରି ଭାରତ ସମେତ ବିଭିନ୍ନ ଦେଶର ଗତିବିଧ ଉପରେ ଗୁଇନ୍ଦା ନଜର ରଖିବା ସକାଶେ ପଠାଇଛି ବିଶାଳ ଗୁଇନ୍ଦା ଜାହାଜ । ଶ୍ରୀଲଙ୍କାର ହବନଟୋଟାରେ ଚୀନ୍‌ର ଏହି ଗୁଇନ୍ଦା ଜାହାଜ ପହଞ୍ଚିଛି । ଭାରତ ଓ ଆମେରିକାର ଆପକୁ ବେଖାତିର କରି ଚୀନ୍ ଏହା କରିଛି । ଏଥିପାଇଁ ଶ୍ରୀଲଙ୍କା ସରକାର ଅନୁମତି ଦେଇଛନ୍ତି । କେବଳ ସେତିକି ନୁହେଁ, ଗୁଇନ୍ଦାଗିରି କରିବାକୁ ପହଞ୍ଚିଥିବା ଜାହାଜ 'ୟୁଆନ୍ ୱାଙ୍ଗ-୫ ହବନଟୋଟା ବନ୍ଦରରେ ପହଞ୍ଚିବା ବେଳକୁ ଉଭୟ ଦେଶର ପତାକା ହଲାଇ ଏହାକୁ କିଭଳି ସ୍ୱାଗତ କରାଯାଉଛି, ତାହାର ଚିତ୍ର ଟେଲିଭିଜନ ପରଦାରେ ପ୍ରଦର୍ଶିତ ହୋଇଛି । ଭାରତ ମହାସାଗରରେ ଏହି ଗୁଇନ୍ଦା ଜାହାଜ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରହିବ । ଚୀନ୍‌ର ଗୁଇନ୍ଦା ଉପଗ୍ରହ ସହିତ ସଂଯୁକ୍ତ କରାଯାଇ ବିଭିନ୍ନ ତଥ୍ୟ ହାସଲ କରିବା ଏହି ଜାହାଜର ମୁଖ୍ୟ କାର୍ଯ୍ୟ ହେବ । ଭାରତ ଭଳି ଅନ୍ୟ କେତେକ ଦେଶର ଗତିବିଧ ଉପରେ ନଜର ରଖୁବାକୁ ଚୀନ୍ ଏହି ୟୁଆନ୍ ୱାଙ୍ଗ-୫କୁ ପଠାଇଛି । କେବଳ ବିଭିନ୍ନ ଦେଶର ଗୁପ୍ତ ତଥ୍ୟ ହାସଲ କରିବା ନୁହେଁ, ତାହାର ପୂର୍ବ ସୂଚନା ଥିବାରୁ ଭାରତ ଓ ଆମେରିକା କରିଥିବା ଆପତ୍ତି ଓ ପ୍ରତିବାଦକୁ ନ ମାନି ଚୀନ୍ ଏହି ଦୁଃସାହସିକ ପଦକ୍ଷେପ ନେଇଥିବାରୁ ଚିନ୍ତା ବଢିଯାଇଛି । ଶ୍ରୀଲଙ୍କା ଏଥିପାଇଁ ବିଭିନ୍ନ ଭାବରେ ସାହାଯ୍ୟ ଓ ସହଯୋଗ କରୁଥିବାରୁ ଏସିଆ କ୍ଷେତ୍ରରେ ସନ୍ତୁଳନକୁ ବିଗାଡ଼ି ଦେଇଛି । ଋଣଗ୍ରସ୍ତ ହୋଇ ଶ୍ରୀଲଙ୍କାର ଜନସାଧାରଣ କିଭଳି ଛଟପଟ ହେଉଛନ୍ତି, ତାହା ବିଶ୍ୱ ଦେଖୁଛି । ଶ୍ରୀଲଙ୍କାର ଅର୍ଥନୀତି ପୂରା ବିପର୍ଯ୍ୟସ୍ତ ହୋଇପଡ଼ିଥିବା, ଜଣକ ପରେ ଜଣେ ରାଷ୍ଟ୍ରମୁଖ୍ୟ ବିଦା ହେବା ସତ୍ତ୍ୱେ ଚୀନ୍ ପାଖରେ ସେ ଦେଶ ବନ୍ଧାପଡ଼ିଛି। ଏବେ ପରିସ୍ଥିତି ଏଭଳି ହୋଇଛିକି ଚୀନ୍ ଫାସରୁ ଲଙ୍କାବାସୀ ମୁକୁଳିବାର କିଛି କୁ'ନାହିଁ । ଶ୍ରୀହୀନ ଲଙ୍କାବାସୀଙ୍କ ଦୁରବସ୍ଥା ଦେଖୁ ଭାରତ ତା'ର ପ୍ରତିବେଶୀ ସମ୍ପର୍କ ନୀତି ରକ୍ଷା କରି ପେଟ୍ରୋଲ, ଚାଉଳ, ରନ୍ଧନ ବାଷ୍ପ ଓ ଔଷଧ ଭଳି ସର୍ବନିମ୍ନ ତଥା ମୌଳିକ ସୁବିଧା ଯୋଗାଇ ଦେଇଛି । ସମଗ୍ର ବିଶ୍ୱ ଏପରି ଅବସ୍ଥା ଦେଖୁଲା ପରେ ସାହାଯ୍ୟ କରିବାକୁ ଆଗେଇ ଆସିନଥିବା ବେଳେ ଭାରତ ହିଁ ସାହାଯ୍ୟ ଯୋଗାଇବାକୁ ଆଗେଇ ଆସିଥିଲା । ଏଭଳି ଜରୁରି ସହାୟତା ଯୋଗାଇ ଭାରତ ତା'ର ପ୍ରତିବେଶୀ ସମ୍ପର୍କର ଭୂମିକା ସମ୍ପାଦନ କରିଥିଲା। ଅଥଚ ଏବେ ଶ୍ରୀଲଙ୍କା ଭାରତକୁ ବିଶ୍ୱାସଘାତ' କରିବାକୁ ପଛେଇନାହିଁ। ଭାରତ ମହାସାଗର ବକ୍ଷରେ ଚୀନ୍ ଗୁଇନ୍ଦା ଜାହାଜ କ'ଣ କରିପାରିବ, ତାହା ନେଇ ଠଉରେଇବା ସେତେଟା ସହଜ ନୁହେଁ । ଆମ ଦେଶର ଚାନ୍ଦିପୁର କ୍ଷେପଣାସ୍ତ୍ର ନିକ୍ଷେପଣ ଘାଟି, ତାମିଲନାଡୁ ଓ କେରଳରେ ଗୁରୁତ୍ୱପୂର୍ଣ୍ଣ ମହାକାଶ ଉତକ୍ଷେପଣ କେନ୍ଦ୍ରମାନ ରହିଛି । ସେଗୁଡ଼ିକ ଆମ ଦେଶର ପ୍ରତିରକ୍ଷା ନିରାପତ୍ତା ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ । ଚୀନ୍ କୌଣସି ଆପତ୍ତି ଓ ପ୍ରତିବାଦ ନମାନି ଯାହା କିଛି କରୁଛି ତାହା ଆମ ଦେଶପାଇଁ ଚିନ୍ତାର କାରଣ ସାଜିଛି । ଶ୍ରୀଲଙ୍କା ଓ ପାକିସ୍ତାନର ଋଣବୋଝ ବଢ଼ାଇବା ପଛରେ ଚୀନ୍‌ର ମତଲବ ଜଳଜଳ ଦେଖାଯାଉଛି । ଦେବାଳିଆ ଅର୍ଥନୀତି ଉଭୟ ଦେଶ ସରକାର ଓ ଜନତା ଯେମିତି ଉତ୍ତରାଧିକାର ସୂତ୍ରରେ ପାଇଛନ୍ତି । ଋଣ ପରିଶୋଧ ଅବସ୍ଥାରେ ନଥିବାରୁ ସେହି ଦେଶଗୁଡ଼ିକର ବନ୍ଦରଠାରୁ ଆରମ୍ଭ କରି ବିଭିନ୍ନ । ପ୍ରତିଷ୍ଠାନକୁ ବ୍ୟବହାର କରିବା ଲାଗି ଚୀନ୍ ବନ୍ଧକ ରଖୁଲା ଭଳି ସ୍ଥିତି ସୃଷ୍ଟି କରିଛି । ଶ୍ରୀଲଙ୍କା ଚୀନ୍ ପାଖରେ ଏକରକମ ବନ୍ଧା ପଡ଼ିଥିବାରୁ ସେଠାରେ ଅରାଜକତା ସୃଷ୍ଟି ହୋଇଛି । ତେଣୁ ଭାରତର ବଦାନ୍ୟତାର କିଛି ମୂଲ୍ୟ ରହିଲା ନାହିଁ । ଆପ୍ତବାକ୍ୟ କହୁଛି: ସର୍ପକୁଳରେ କଲୁ ଜାତ, ସ୍ୱଭାବ ଛାଡ଼ିବି କେମନ୍ତ । ସେହି ନ୍ୟାୟ ଶ୍ରୀଲଙ୍କା କ୍ଷେତ୍ରରେ ଫାବୁଛି । ଶତ ଚେଷ୍ଟା ସତ୍ତ୍ୱେ ନା' ଚୀକୁ ଦୁଃସାହସପୂର୍ଣ୍ଣ କାର୍ଯ୍ୟରୁ କ୍ଷାନ୍ତ କରିହେବ, ନା' ଶ୍ରୀଲଙ୍କାକୁ ଋଣ ଜନ୍ତାରୁ ମୁକ୍ତ କରାଯାଇପାରିବ। ଏକ ସମୟରେ ଆମେରିକା ଭାରତ ମହାସାଗରର ଡିଏଗୋଗାସିଆରେ ଘାଟି କରି ଏଭଳି ସମସ୍ୟା ସୃଷ୍ଟି କରିଥିଲା । ତାହା ଭାରତର ବିଭିନ୍ନ ସମ୍ବେଦନଶୀଳ ଘାଟି ଉପରେ ନଜର । ରଖୁଥିଲା । ସମ୍ଭବ ହେଲେ ଆମେରିକା ଆକ୍ରମଣ କରିଥା'ନ୍ତା । ମାତ୍ର ବିଶ୍ୱ ଜନମତ ଏଭଳି ଦୃଢହେଲା ଯେ, ତାହା ଆଗରେ ମୁଣ୍ଡ ନୂଆଇବାକୁ ବାଧ ହେଲା ଯୁକ୍ତରାଷ୍ଟ୍ର । ଏହା ଥିଲା ଶୀତଳଯୁଦ୍ଧ ବେଳର କଥା। ଇତି ମଧ୍ୟରେ ବୈଶ୍ୱିକ ଚିତ୍ର ବଦଳି ଯାଇଛି । ଚୀର ଔଦ୍ଧତ୍ୟପୂର୍ଣ୍ଣ ଆଚରଣ ଏହି ସମୟରେ ଭାରତ ଭଳି ଦେଶର ବରଦାସ୍ତର ବାହାରେ । କୂଟନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ଗଲୱାନ୍ ସଂଘର୍ଷ, ଲେଫ୍-ଲଦାଖରେ ଉତ୍ତେଜନା ପରେ ଗୁଇନ୍ଦା ଜାହାଜ ୱାଙ୍ଗ-୫ ବିଷମ ସ୍ଥିତି ସୃଷ୍ଟି କରିଛି । ଶ୍ରୀଲଙ୍କା ଭଳି ଚୀନ୍ ଉପରେ ନିର୍ଭରଶୀଳ ଦେଶ ଯେତେ ପର୍ଯ୍ୟନ୍ତ ଆଭିମୁଖ୍ୟ ବଦଳାଇ ନାହାନ୍ତି, କିଏ ଜାଣେ ମୂଳ ସମସ୍ୟା କିଭଳି ଟଳା ଯାଇପାରିବ ?

# ହରି ଅନନ୍ତ ହରିନାମ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଭଗବାନ ଶ୍ରୀକୃଷ୍ଣ ନିଜର ଅପୂର୍ବ ଲୀଳାଖେଳା ପାଇଁ ଲୋକପୂଜ୍ୟ । ଏଥିପାଇଁ ତାଙ୍କୁ ଲୀଳା ପୁରୁଷୋତ୍ତମ ରୂପେ ଅଭିହିତ କରାଯାଏ । ବ୍ରଜରେ ସେ ବାଙ୍କବିହାରୀ ଗିରିଧାରୀ ତ ଗୁଜରାଟରେ ଦ୍ୱାରକାଧୀଶ । ଯୋଗେଶ୍ୱର ଶ୍ରୀକୃଷ୍ଣ ଯେମିତି ଲୀଳା ରଚାନ୍ତି ସେମିତିକା ନାମରେ ସିଏ ନାମିତି ହୋଇଯାନ୍ତି । ଗୋସ୍ୱାମୀ ତୁଳସୀଦାସ ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି – //ଜାକି ରହି ଭାବନା ଜୈସୀ ,ପ୍ରଭୁ ମୁରତ ଦେଖୀ ତିନ ତୈସୀ // । ଅର୍ଥାତ ଯାହାଙ୍କ ଭାବନା ଯେମିତି ରହେ, ସିଏ ପ୍ରଭୁଙ୍କ ସେହିରୂପେ ଦର୍ଶନ କରନ୍ତି । ହିନ୍ଦୁ ଧର୍ମ ଅନୁଗାମୀଙ୍କର ଏହି ପଂକ୍ତି ସାଧାରଣତଃ ସବୁ ହିନ୍ଦୁଙ୍କ ଇଷ୍ଟ ତଥା ପୂଜ୍ୟ ଦେବଦେବୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ । କାରଣ ଯାର ସଂପର୍କ ପ୍ରତ୍ୟକ୍ଷ ଭାବେ ଆସ୍ଥା ବିଶ୍ୱାସ ସହିତ ଯୋଡି ହୋଇରହେ । ଶ୍ରୀରାମଙ୍କ ଭଳି ଶ୍ରୀକୃଷ୍ଣ ବି ଭଗବାନ ବିଷ୍ଣୁଙ୍କ ଅବତାର। ସୁତରାଂ ତୁଳସୀ ଦାସଙ୍କ ପ୍ରୋକ୍ତ ଚୌପାହି ଅଂଶ ଶ୍ରୀକୃଷ୍ଣଙ୍କ ପ୍ରତି ବି ସେମିତି ଲାଗୁ ହୋଇଥାଏ ଯେମିତି ପ୍ରଭୁ ଶ୍ରୀରାମଙ୍କ କ୍ଷେତ୍ରରେ ।

ପୌରାଣିକ ହିନ୍ଦୁ ସାହିତ୍ୟରେ ଯୋଗେଶ୍ୱର କୃଷ୍ଣଙ୍କୁ ସବୁଠାରୁ ରହସ୍ୟମୟ ତଥା ଆକର୍ଷଣୀୟ ଦେବତା ରୂପେ ବର୍ଣ୍ଣନା କରାଯାଇଛି । ଦ୍ୱାରକାଧୀଶ ନାମରେ ଖ୍ୟାତ ଶ୍ରୀକୃଷ୍ଣ ଅନେକ ନାମରେ ପରିଚିତ । ଲୋକେ ଭଗବାନ କୃଷ୍ଣଙ୍କ ଭିନ୍ନ ଭିନ୍ନ ରୂପରେ ସଂଦର୍ଶନ କରି ସେଇ ସ୍ୱରୂପରେ ତାଙ୍କର ଉପାସନା ଆରାଧନା କରିବା ଯାର ଏକମାତ୍ର କାରଣ । ସ୍ୱାଭାବିକ ଭାବେ ସେଇ ବିଭିଧ ସ୍ୱରୂପର ଗୁଣ-ଧର୍ମ ଆଧାରରେ ଶ୍ରୀକୃଷ୍ଣଙ୍କୁ ଅନେକ ନାମ ପ୍ରଦାନ କରାଯାଇଛି । ବିଭିନ୍ନ ଧର୍ମଗ୍ରନ୍ଥରେ ବିଷ୍ଣୁଙ୍କ ଏକହଜାର ନାମ ଦେଖିବାକୁ ମିଳିଥାଏ ଯାହାକୁ ଆମେ ବିଷ୍ଣୁସହସ୍ରନାମ ବୋଲି ଅଭିହିତ କରିଥାଉ । ବିଷ୍ଣୁଙ୍କ ଅବତାର ରୂପ ପ୍ରଭୁ ଶ୍ରୀକୃଷ୍ଣ । ସେଥିପାଇଁ ବିଷ୍ଣୁଙ୍କ ସେଇ ନାମ ବି କୃଷ୍ଣଙ୍କ ସହ ସଂଯୁକ୍ତ । ପରମପୁରୁଷ ଶ୍ରୀକୃଷ୍ଣଙ୍କ ନାମ ତାଲିକା ତ ଖୁବ୍ ଲମ୍ବା କିନ୍ତୁ ସ୍ଥଳ ବିଶେଷରେ ତାଙ୍କର କିଛି ବିଶେଷ ଅନନ୍ୟ ଅଲୌକିକ ନାମ ବାବଦରେ ପ୍ରସଙ୍ଗତଃ ଅବତାରଣା କରିବା ଏହି ଆଲେଖ୍ୟର ପ୍ରମୁଖ ଉଦ୍ଦେଶ୍ୟ ।

ଗିରିଧାରୀ- ପର୍ବତକୁ ଗିରି ବୋଲି କୁହାଯାଏ । ଇନ୍ଦ୍ର ଯେବେ ଲଗାତର ଭାବେ ବ୍ରଜ ଉପରେ ବର୍ଷା ଅଜାଡି ପକାଇଲେ ସାରା ଗାଁରେ ହାହାକାର ଖେଳିଗଲା । ବ୍ରଜବାସୀଗଣ ତ୍ରାହିତ୍ରାହି ଡାକିଲେ । ସେମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତ ଉଠେଇ ନିଜ ଅଙ୍ଗୁଳିରେ ଧାରଣ କରିଥିଲେ । ସେଥିପାଇଁ ତାଙ୍କ ନାମ ଗିରିଧାରୀ । ମୁରାରୀ-ତାରକାସୁରଙ୍କୁ ବଧ କରିବା ନିମନ୍ତେ ଘରୁ ଗୋଡକାଢି ଯାଉଥିବା ବେଳେ ମାର୍ଗରେ ମୁରାସୁର ଦାନବ ହାବୁଡରେ ପଡିଲେ କୃଷ୍ଣ । ମୁରା ନାମକ ଅସୁର ଖୁବ୍ ପରାକ୍ରମଶାଳୀ । କିନ୍ତୁ ଯୁଦ୍ଧକରି ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ତାର ଶିର ଛେଦନ କରିଥିଲେ । ଏହିପରି ଭାବରେ ମୁରାଙ୍କ ଅରି ରୂପରେ ଆସିଥିବା ଶ୍ରୀକୃଷ୍ଣଙ୍କ ନାମ ମୁରାରୀ । ଗୋବିନ୍ଦ- ବିଶାଳ ଗୋବର୍ଦ୍ଧନ ପର୍ବତ ଉଠେଇ ଶ୍ରୀକୃଷ୍ଣ ସବୁ ଗ୍ରାମବାସୀଙ୍କ ସମେତ ପଶୁପକ୍ଷୀ ବିଶେଷକରି ଗୋମାତାଙ୍କ ସୁରକ୍ଷା କରିଥିଲେ । ପରିଶେଷରେ ଇନ୍ଦ୍ରଦେବ ଅଗତ୍ୟା ପରାଜୟ ବରଣ କରିଥିବାରୁ କୃଷ୍ଣଙ୍କୁ ଗୋବନ୍ଦ ନାମରେ ନାମିତ କରାଯାଏ । କେଶବ –କଂଶ କେଶୀ ନାମକ ଦୈତ୍ୟ ହାତରେ ଶ୍ରୀକୃଷ୍ଣଙ୍କୁ ନିଧନ କରାଇବା ଯୋଜନା



ରଚିଥିଲା । କେଶୀ ଘୋଡା ରୂପ ଧାରଣକରି କୃଷ୍ଣଙ୍କୁ ଜୀବନରେ ମାରିଦେବାକୁ ଗଲା, କିନ୍ତୁ କୃଷ୍ଣ ତାକୁ ବଧକଲେ । କେଶୀକୁ ନିଧନ କରିଥିବାରୁ ତାଙ୍କ ନାମ କେଶବ ରୂପେ କଥିତ । ରଣଛୋଡ – ଜରାସଂଧ ଯବନ ଦେଶର ରାଜା କାଳଯବନ ସହ ମିଶି ମଥୁରା ଉପରେ ଘନଘନ ଆକ୍ରମଣ କରିଥିଲେ । କାଳଯବନ ବରପ୍ରାପ୍ତ । କୃଷ୍ଣ ବେଶ୍ ଭଲଭାବରେ ଜାଣିଥିଲେ ଯେ ତାକୁ ବାହୁବଳ କି ସୁଦର୍ଶନ ଚକ୍ର ଦ୍ୱାରା ବଧ କରିବା ଅସମ୍ଭବ । ତେଣୁ ତାକୁ ବଧ କରିବା ସକାଶେ ଶ୍ରୀକୃଷ୍ଣ କୂଟକପଟର ସାହାରା ନେଲେ ଏବଂ ମଉକା ଉଣ୍ଡି ରଣଭୂମୀ ଛାଡି ପଳାୟନ କଲେ । ସେତିକିବେଳେ ରଣଛୋଡ ନାମ ସହ କୃଷ୍ଣ ଯୋଡି ହୋଇଗଲେ । କୃଷ୍ଣ କାଳଯବନକୁ ଗୋଟେ ଗୁମ୍ଫା ଭିତରକୁ ନେଇଯାଇ ଛଳ କୂପଟରେ ନିହତ କରିଥିଲେ । ରାଧାବଲ୍ଲଭ –ବଲ୍ଲବଙ୍କ ଅର୍ଥ ପ୍ରିୟତମ । ରାଧାଙ୍କ ପ୍ରିୟତମ ହେଉଥିବାରୁ କୃଷ୍ଣ ରାଧାବଲ୍ଲଭ ନାମରେ ବିଖ୍ୟାତ । ମଦନମୋହନ -ସଂସାରକୁ ସମ୍ମୋହନ କରୁଥିବା କାମଦେବଙ୍କ ଏକମାତ୍ର ନାମ ବି ମଦନ । ପରନ୍ତୁ କୃଷ୍ଣ ଏତେ ମନଲୋଭା ଯେ ମଦନ କାମ ବି ତାଙ୍କଦ୍ୱାରା ବିମୋହିତ ହୋଇଯାନ୍ତି । ସେଥିପାଇଁ କୃଷ୍ଣଙ୍କ ନାମ ମଦନମୋହନ ରପେ ପ୍ରସିଦ୍ଧ । ବିଠୋବା -ପୁଣ୍ଡଳିକ ଦ୍ୱାରା ମାତା ପିତାଙ୍କ ସେବାରେ ପ୍ରସନ୍ନ ହୋଇ କୃଷ୍ଣ ତାଙ୍କୁ ଦର୍ଶନ କରିବାକୁ ପଂଢରପୂର ପହଁଚିଲେ । ମାତ୍ର ପୁଣ୍ଡଳିକ ସେ ସମୟରେ ବି ବାପା ମାଙ୍କ ସେବାରେ ତଲ୍ଲୀନ ଥିଲେ । କୃଷ୍ଣଙ୍କୁ ଗୋଟେ ଇଟା ଉପରେ ଦଣ୍ଡାୟମାନ ହୋଇ ପ୍ରତୀକ୍ଷା କରିବାକୁ ସେ ବିନାଦ୍ୱିଧାରେ କହିଲେ । ପରବର୍ତୀ ସମୟରେ କୃଷ୍ଣ ବିଠଳ ବା ବିଠୋବା ନାମରେ ପରିଚିତ ହେଲେ । ଘନଶ୍ୟାମ –ଘନର ଅର୍ଥ କଳାମେଘ । କୃଷ୍ଣଙ୍କ ରଙ୍ଗ ବି ଶ୍ୟାମଳ । ଏଣୁ ଘନଶ୍ୟାମ ରୂପେ ତାଙ୍କୁ ଉପାସନା କରାଯାଏ । ଦାମୋଦର -ଦାମ ଅର୍ଥ ରଜ୍ଜୁ ଓ ପେଟ ଅର୍ଥ ଉଦର । ଥରେ ମାଆ ଯଶୋଦା କୃଷ୍ଣଙ୍କ ପେଟ ଚାରିପଟେ ରଜ୍ଜୁ ଗୁଡେଇ ଖଲରେ ବାନ୍ଧିଦେଲେ । ଏହି ଘଟଣା ପରଠୁ ତାଙ୍କ ନାମ ଯୋଡି ହୋଇଗଲା ଦାମୋଦର ସହିତ । ଚକ୍ରଧର-କୃଷ୍ଣ ନିଜ ହାତରେ ସୁଦର୍ଶନ ଚକ୍ର ଧାରଣ କରନ୍ତି । ତେଣୁ ସିଏ ଚକ୍ରଧର ନାମରେ ନାମିତ । ରାଜଗୋପଳ- କୃଷ୍ଣ ମୁଖ୍ୟତଃ ଗଉଡ ଜାତିର । ସେଥିପାଇଁ ତାଙ୍କୁ ଗୋପାଳ ବି କହନ୍ତି । କିନ୍ତୁ ସବୁ ଗୋପାଳଙ୍କ ଭିତରେ ଶ୍ରେଷ୍ଠ ବୋଲି ତାକୁ ଗୋପାଳରାଜା ମାନ୍ୟ କରାଯାଏ । ସେଥିପାଇଁ ତାଙ୍କୁ ରାଜଗୋପଳ କୁହାଯାଏ । ପଦ୍ମନାଭ- ଯାହାଙ୍କ ନାଭିରେ ପଦ୍ମ ଶୋଭାପାଏ ତାଙ୍କୁ ପଦ୍ମନାଭ କୁହାଯାଏ । କୃଷ୍ଣ ବିଷ୍ଣୁଙ୍କ ଅବତାର । ବିଷ୍ଣୁଙ୍କ ନାଭିରେ ପଦ୍ମ ଫୁଟିଥିବା ପଦ୍ମରୁ ବ୍ରହ୍ମାଙ୍କର ଉତ୍ପତି ଯିଏକି ପୁଣି ଏ ସଂସାରର ସୃଷ୍ଟିକର୍ତା । ତେଣୁ କୃଷ୍ଣ ବି ପଦ୍ମନାଭ ରୂପେ ସୁବିଦିତ । ବାଙ୍କବିହାରୀ –ବାଙ୍କ ବିହାରୀଙ୍କୁ ଭଗବାନ କୃଷ୍ଣ ଓ ରାଧାର ସମ୍ମିଳିତ ସ୍ୱରୂପ । କୁହାଯାଏ ସ୍ୱାମୀ ହରିଦାସଙ୍କ ଅନୁରୋଧକ୍ରମେ କୃଷ୍ଣ ଓ ରାଧା ଏ ମିଳିତ ରୂପ ଧାରଣ କରିଥିଲେ । ଶ୍ୟାମସୁନ୍ଦର- ଶ୍ୟାମ ଓ ସୁନ୍ଦର ରୂପ ଧାରଣ କରୁଥିବା କୃଷ୍ଣଙ୍କୁ ଏଇ ଦୁଇଗୁଣ ଯୋଗୁ ଶ୍ୟାମସୁନ୍ଦର କୁହାଯାଏ । ପାର୍ଥସାରଥୀ-ଅର୍ଜନଙ୍କ ଏକ ନାମ ପାର୍ଥ । ମହାଭାରତ ଯୁଦ୍ଧରେ କୃଷ୍ଣ ଅର୍ଜୁନଙ୍କ ସାରଥୀ ସାଜିଥିଲେ । ଏଥିପାଇଁ ତାଙ୍କ ନାମ ପାର୍ଥସାରଥୀ । ଜଗନ୍ନାଥ-ଜଗନ୍ନାଥ ଶବ୍ଦର ନିଷ୍ପନ୍ନ ଜଗତ ଓ ନାଥ । ଜଗତ ସଂସାର ଓ ନାଥ ସ୍ୱାମୀର ସମ୍ମିଳିତ ସ୍ୱରୂପ ଜଗନ୍ନାଥ ବା ଈଶ୍ୱର । ଈଶ୍ୱରୀୟ ଅବତାର ହେତୁ କୃଷ୍ଣ ଜଗନ୍ନାଥ ନାମରେ ବିଶ୍ୱବିଦିତ । ଜନାର୍ଦନ- ବିଷ୍ଣୁସହସ୍ରନାମ ଭିତରୁ ଜନାର୍ଦନ ନାମ ଅନ୍ୟତମ । ଯାର ଦୁଇଟି ମର୍ମ । ସିଏ ଦୁଷ୍ଟଙ୍କୁ ଯାତନା ଦିଅନ୍ତି ଓ ସଂସାର ସଫଳତା ଓ ମୋକ୍ଷପ୍ରାପ୍ତି ପାଇଁ ତାଙ୍କୁ ଉସାସନା କରାଯାଏ । କୃଷ୍ଣଙ୍କ ପ୍ରତି ଦୁଇଟି ଅର୍ଥ ଲାଗୁ ହୋଇଥିବା ଯୋଗୁଁ ତାଙ୍କୁ ଜନାର୍ଦନ ରୂପେ ଅଭିହିତ କରାଯାଏ । ମଧୁସୁଦନ-ଶ୍ରୀକୃଷ୍ଣ ମଧୁ ନାମକ ଦାନବକୁ ସଂହାର କରିଥିଲେ । ବିନାଶ କରିଥିବାରୁ ତାଙ୍କୁ ସୂଦନ କୁହାଯାଏ । କୁଞ୍ଜବିହାରୀ –କୁଞ୍ଜ ଅର୍ଥ ଉଦ୍ୟାନ । ବିହାରୀ ଶବ୍ଦ ବିହାରରୁ ନିଷ୍ପନ୍ନ । ଶ୍ରୀକୃଷ୍ଣ ଗୋପୀଙ୍କ ସଙ୍ଗରେ ବିହାର କରିବାକୁ ପସନ୍ଦ କରୁଥିଲେ । ଏଣୁ ତାଙ୍କୁ କୁଞ୍ଜବିହାରୀ ନାମରେ ନାମିତ କରାଯାଏ । ବାସୁଦେବ-ଶ୍ରୀକୃଷ୍ଣ ଯଦୁ ବଂଶର ବସୁଦେବଙ୍କ ପୁତ୍ର । ଏଣୁ ସେ ବାସୁଦେବ ନାମରେ ସୁପ୍ରସିଦ୍ଧ ।

୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

# ସ୍ମରଣୀୟ ସାହିତ୍ୟ ସାଧକ- ଗୋପିନାଥ ମହାନ୍ତି



ବୈଷ୍ଣବ ମେହେର

ନିଜ ଜୀବନର ଅଭିଜ୍ଞତା ଯେ ସାହିତ୍ୟ ସୃଷ୍ଟିର ପ୍ରମୁଖ ଉପାଦାନ ତାହାର ଶ୍ରେଷ୍ଠ ଉଦାହରଣ ମାନଙ୍କ ମଧ୍ୟରେ ଔପନ୍ୟାସିକ ଗୋପିନାଥ ମହାନ୍ତି ଅନ୍ୟତମ । ନିଜ କର୍ମମୟ ଜୀବନର ଅଧିକାଂଶ ସମୟ ଆଦିବାସୀ ଅଂଚଳରେ କାଟିଥିବା ଗୋପିନାଥ ଆଦିବାସୀଙ୍କ ଜୀବନ ସହିତ ନିଜକୁ ଜଡ଼ିତ କରି ଦେଇଥିଲେ । ତାଙ୍କର ଏହି ଅଭିଜ୍ଞତାରୁ ହିଁ ଜନ୍ମନିଏ 'ପରଜା', 'ଦାଦିବୁଢ଼ା', 'ଅମୃତ ସନ୍ତାନ' ଭଳି ଏକାଧିକ କାଳଜୟୀ ଉପନ୍ୟାସ । ସାଧାରଣ ଜୀବନ ସହ ଓତଃପ୍ରୋତ ଜଡ଼ିତ ରହି ସେମାନଙ୍କ ପ୍ରତି ଥିବା ଭାବଗତ ସଂପର୍କ ଯୋଗୁଁ ହିଁ ଗୋପିନାଥ ମହାନ୍ତିଙ୍କ ଅଧିକାଂଶ ଗଳ୍ପ ଉପନ୍ୟାସ ମାନଙ୍କରେ ସମାଜର ଦଳିତ, ଅବହେଳିତ ଓ ନିଷ୍ପେସିତ ମଣିଷମାନଙ୍କ ପ୍ରତି ସମ୍ବେଦନଶୀଳତା ଯେତିକି ବାରି ହୋଇ ପଡ଼େ ସେତିକି ପରିମାଣରେ ସମାଜର ଅତ୍ୟାଚାରୀମାନଙ୍କ ପ୍ରତି ତାଙ୍କର କଠୋର ମନୋଭାବର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ ।

ଗୋପିନାଥ ମହାନ୍ତି ୧୯୧୪ ମସିହା ଏପ୍ରିଲ ମାସ ୨୦ ତାରିଖରେ କଟକ ସହର ଉପକଣ୍ଠସ୍ଥ ନାଗବାଲି ଗ୍ରାମରେ ପିତା ସୂର୍ଯ୍ୟମଣି ମହାନ୍ତି ଓ ମାତା ଦୁର୍ଗାଦେବୀଙ୍କ ଔରସରେ ଜନ୍ମଗ୍ରହଣ କରିଥିଲେ । ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ପରେ ୧୯୩୮ ମସିହାରେ ଗୋପିନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ସେ ଏକାଧାରାରେ ଜଣେ ଔପନ୍ୟାସିକ ହେବା ସହ କବି, ଗାଳ୍ପିକ, ଗବେଷକ, ନାଟ୍ୟକାର, ନୃତତ୍ତ୍ୱବିତ୍, ଆଦିବାସୀ ଭାଷା ବିଷାରଦ ଭାବେ ସ୍ୱତଂତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି । ବହୁମୁଖୀ ପ୍ରତିଭାଧାରୀ ଗୋପିନାଥଙ୍କ ସାହିତ୍ୟ ସୃଷ୍ଟିର ଦିଗନ୍ତ ଅତ୍ୟନ୍ତ ବ୍ୟାପକ । ତାଙ୍କର ଅମୂଲ୍ୟ ରଚନାମାନଙ୍କ ମଧ୍ୟରୁ ପଚିଶି ଖଣ୍ଡ ଉପନ୍ୟାସ, ଦୁଇ ଶହରୁ ଅଧିକ କ୍ଷୁଦ୍ରଗଳ୍ପ, ଏକ ଆତ୍ମଜୀବନୀ, ତିନୋଟି ନାଟକ ଓ ତିନୋଟି ଜୀବନୀ, ଗୋଟିଏ ସାହିତ୍ୟ ସମାଲୋଚନା ପୁସ୍ତକ, ଦୁଇଗୋଟି କାବ୍ୟ, ପଂଚଟି ଅନୁବାଦ ପୁସ୍ତକ, ପାଂଚଟି ଆଦିବାସୀ ଭାଷା ସଂପର୍କିତ ପୁସ୍ତକ, ସାରଳା ମହାଭାରତ ବିଷୟରେ ନଅଟି ଗବେଷଣା ପ୍ରବନ୍ଧ ସମ୍ବଳିତ ଏକ ପୁସ୍ତକ ଏବଂ ପ୍ରାୟ ତିରିଶି ଗୋଟି ଚିଠିକୁ ନେଇ ଗୋଟିଏ ପୁସ୍ତକ ଏ ପର୍ଯ୍ୟନ୍ତ ପ୍ରକାଶ ପାଇଛି । ଏବେ ବି ଏହି ଅମ୍ଲାନ ପ୍ରତିଭାଙ୍କ ଲିଖିତ କେତେକ ଗଳ୍ପ, ପ୍ରବନ୍ଧ, ବାଇବେଲ ଓ କୋରାନର ଅନୁବାଦ, ସାରସ୍ୱତ ମହତ୍ତ୍ୱ ବହନ କରୁଥିବା ଚିଠିପତ୍ର, ସ୍ମୃତିଲିପି ଓ ଦସ୍ତାବିଜ୍ ଆଦି ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇପାରି ନଥିବା ଜଣାଯାଏ । ଗୋପିନାଥ ମହାନ୍ତିଙ୍କ ସାହିତ୍ୟର ଭାଷା ଓ ଚରିତ୍ର ଯେତିକି ଜୀବନ୍ତ ଏଥିରେ ଥିବା ବିଷୟବସ୍ତୁ ମଧ୍ୟ ସେତିକି ଆବେଗିକ ଓ ସମ୍ବେଦନଶୀଳ । ସେ ସମୟରେ ପ୍ରତିବେଶୀ ବାଂଲା ସାହିତ୍ୟ ସମୃଦ୍ଧ ଥିବା ବେଳେ କିଛି ଓଡ଼ିଆ ସାହିତ୍ୟିକ ବାଂଲା ସାହିତ୍ୟର ଅନୁକରଣ କରୁଥିଲେ । ଏହା ସ୍ୱାଭିମାନୀ ଗୋପିନାଥଙ୍କୁ ସେତେବେଳେ ଦୁଃଖିତ ଓ ଲଜ୍ଜିତ କରିଥିଲା । ଫଳସ୍ୱରୂପ ଓଡ଼ିଆ ସାହିତ୍ୟର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତିର ସଂକଳ୍ପ ନେଇ ଗୋପିନାଥ ମହାନ୍ତି ସମୟକ୍ରମେ ପାଳଟି ଯାଇଥିଲେ ପ୍ରଥିତଯଶା ସିହିତ୍ୟିକ ।

ଜଣେ ସଫଳତମ ସାହିତ୍ୟ ସାଧକ ଭାବରେ ୧୯୫୫ରେ ଓଡ଼ିଶାର ପ୍ରଥମ ବ୍ୟକ୍ତି ରୂପେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର, ୧୯୭୩ରେ ପ୍ରଥମ ଓଡ଼ିଆ ଭାବେ ଜ୍ଞାନପୀଠ ପୁରସ୍କାର, ସୋଭିଏତ ଲ୍ୟାଣ୍ଡ ନେହେରୁ ପୁରସ୍କାର, ୧୯୭୬ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ସମ୍ମାନ, ୧୯୮୧ରେ ସମ୍ମାଧଜନକ ପଦ୍ମଭୂଷଣ ସମ୍ମାନ, ୧୯୮୩ରେ ସୃଜନାତ୍ମକ ସାହିତ୍ୟ ପାଇଁ ଫେଲୋସିସ୍, ୧୯୯୩ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଭଳି ଅନେକ ଖ୍ୟାତି ସଂପନ୍ନ ସମ୍ମାନ ଗୋପିନାଥ ମହାନ୍ତିଙ୍କ ସୃଜନଶୀଳ ବ୍ୟକ୍ତିତ୍ୱ ସ୍ୱୀକୃତି ବହନ କରେ । ଗୋପିନାଥ ଆମେରିକାର ସାନ୍ ହୋଜେ ବିଶ୍ୱବିଦ୍ୟାଳୟରେ ସମାଜବିଜ୍ଞାନ ପ୍ରଧ୍ୟାପକ ଭାବରେ କାର୍ଯ୍ୟ କରି ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଓଡ଼ିଆଙ୍କ ଦକ୍ଷତାର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ସେଠାରେ ଜୀବନର ଶେଷ ସମୟ କଟାଇଥିବା ବେଳେ ୧୯୯୧ ଅଗଷ୍ଟ ୨୦ ରେ ଆମେରିକାର ସାନ୍ ହୋଜେରେ ହିଁ ଏହି କାଳଜୟୀ ସାଧକଙ୍କ ପରଲୋକ ଘଟିବା ଓଡ଼ିଆ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି ହୋଇ ରହିଛି ।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## କବିତା କୋଣାର୍କ

## ଚକ୍ରଧର ହେ !

କାଳିକିଙ୍କର

ଚକ୍ରଧର ହେ !
ମାଟିନାହିଁ ଘାଟିନାହିଁ
ଉଚ୍ଛୁଳା ପାଣିରେ ଅଥୟ ଜୀବନ
ଯେଉଁଠି ଦେଖ ଚାଲିଛି ରୂପାନ୍ତରଣ
ମଣିଷ ପଶୁ ହେଉଛନ୍ତି
ପଶୁପକ୍ଷୀ ସରୀସୃପ ଗଛଲତା
ଭାସି ଯାଉଛନ୍ତି
କୂଳନାହିଁ- ଥଳନାହିଁ -ବଳନାହିଁ
ହାତପାଆନ୍ତାରେ ତୁମର ନେତ- ଛାତ
ଦେଇ ପାରିବ କି
ତୁମ୍ଭର ସେ ସୁଦର୍ଶନ ଚକ୍ର ?

ତୁମ ପାଖରେ ଅଛି ଚକ୍ର
ଚକ୍ରଧର ହେ !
ଦେଖୁନ କେମିତି ରକ୍ତ ନଦୀରେ
ଭାସିଭାସି ଯାଉଛି ଦେହ
ମୋହ କୋହ
ଯେଉଁଠି କରୁକ୍ଷେତ୍ର
ସେଇଠି ଛାତି ଉପରକୁ ପାଣି
ବୁଡି ଯାଇଛି କ୍ଷେତ
ବଦଳୁଛି ମାନଚିତ୍ର
ମନର ହୃଦୟର ଚିତ୍ର ବିକୃତ
ଯେଉଁଠି ସେଇଠି କ୍ଷତ-ବିକ୍ଷତ

ଅକ୍ଷତ ରଖ ହେ ଏ ଅର୍କକ୍ଷେତ୍ର
ଦିଅ ତୁମର ସେ ଚକ୍ର
ସୁଦର୍ଶନ ଚକ୍ର ।

ଚକ୍ରଧର ହେ
ଦିଅ ଦିଅ ଚକ୍ର- ସୁଦର୍ଶନ ଚକ୍ର
ଯିଏ ମିଛ କହିବ ତା' ଜିଭ କଟିବ
ଯିଏ ଖଚ କରିବ ତା' ପୁଚ୍ଛ କଟିବ
ଯିଏ ପେଞ୍ଚଆଣ୍ଟିବ ତା ପିଠି ଫାଟିବ
ତୁମ ଚକ୍ରର ଜୟ ହେଉ ଚକ୍ରଧର
ମୋତେ ଏତିକି ସାହାଯ୍ୟ କର
ଦିଅ ତୁମର ଏଚକ୍ର
ସୁଦର୍ଶନ ଚକ୍ର।

ମୁଁ ଓ ଆମେ ଯେତେ ଜଣ
ସତ୍ୟର ଉପାସକ
ଧର୍ମ ଅନୁଗତ
ନ୍ୟାୟର ପ୍ରବର୍ତ୍ତକ
କୃଷ୍ଣଙ୍କର ପ୍ରେମାସକ୍ତ
ପାଳିବା ଜନ୍ମାଷ୍ଟମୀ
ପୂଜି ହେଉଥିବା
ଏ ଚକ୍ର-ସୁଦର୍ଶନ ଚକ୍ର ।

ସୌଭାଗିନୀ ନିବାସ, ରଟିଲୋ,
ରେଞ୍ଚ, ପୁରୀ-୭୫୨୧୧୪,
ମୋ-୯୪୩୯୫୩୯୨୨୯

## ଜନ୍ମାଷ୍ଟମୀ ଆଜି ଆସିଛି

ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ମଞ୍ଜୁଳ ଭାଦ୍ରବ ସାୟାହ୍ନ ଦିଶେ କି ମନୋହର
ଜନ୍ମାଷ୍ଟମୀ ଆଜି ଆସିଛି ଘେନି ଖୁସି ସମ୍ଭାର,
ଚଉଦିଗେ ହସେ ଆନନ୍ଦ ନାଚେ କୋଟି ପରାଣ
ଆଜିର ଦିବସେ ଶ୍ରୀକୃଷ୍ଣ କଲେ ଜନ୍ମ ଗ୍ରହଣ,
କଂସ କାରାଗାରେ ଜଳିଲା ଦିବ୍ୟ ଆଶା ଆଲୋକ
ଶିଶୁ ରୂପେ ଅବତରିଲେ ତ୍ରିଭୁବନ ନାୟକ,
ପିତାମାତା ଦୁଃଖ ଭୁଲିଲେ ଲଭି ପୁଣ୍ୟ ପରଶ
କଂସ ବିନାଶର ସମୟ ଆସି ହେଲା ପ୍ରବେଶ,
ବସୁଦେବ ଶିରେ ବସିଣ ଗୋପେ ଚଳିଲେ କୃଷ୍ଣ
ନନ୍ଦ ଯଶୋଦାଙ୍କ ପରାଣେ ଭରିଗଲା ବିଶ୍ୱାସ,
ଯଶୋଦା ଜନ୍ମିତ ଦୁହିତା ଗଲେ ଦେବକୀ କୋଳେ
ଖସିଗଲେ କଂସ ହାତରୁ ଶ୍ୟାମା ମାୟାର ବଳେ,
ଅଟ୍ଟହାସ୍ୟ କରି କହିଲେ କଂସ ବଇରି କଥା
ବିକଳ ହୋଇଲେ ରାଜନ ହୃଦେ ଭରିଲା ବ୍ୟଥା,
ନନ୍ଦଘରେ ସତେ ଖସିଲା ସ୍ୱଚ୍ଛ ସରଗ ଚାନ୍ଦ
ସରବ ପରାଣେ ଖେଳିଲା ନୂଆ ପ୍ରୀତି ଆନନ୍ଦ,
ଧରା ଭାର ହେଲା ଉଶ୍ୱାସ ବିଜେ କଳା କହ୍ନାଇ
ଆଜି ସେଇ ପୁଣ୍ୟ ଦିବସ ଆସେ ଆମରି ପାଇଁ,
ଝରୁ କୃଷ୍ଣଙ୍କର ଆଶିଷ ସଭିଙ୍କର ମସ୍ତକେ
ଭରିଯାଉ ମୈତ୍ରୀ ଏକତା ଏହି ଧରା ମୂଳକେ,
ଏତିକି ପ୍ରାର୍ଥନା କୃଷ୍ଣଙ୍କ ଛନ୍ଦା ଚରଣେ ମୋର
ଶାଶ୍ୱତ ପ୍ରୀତିର ପରଶେ ହସୁ ସାରା ସଂସାର।

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର
ମୋ-୮୫୯୪୮୮୫୮୯୮

## ପ୍ରାଣର ଠାକୁର

ଅମରନାଥ ବାରିକ୍

ପିନ୍ଧୁଛି ଗଜରା ନାଉଛି ସିନ୍ଦୁର
କାହ୍ନୁ ତୁମ ନାମ ଧରି
ଟାଣୁଛି ଓଢ଼ଣୀ ଦେଖୁଛି ଆଇନା
ତୁମକୁ ସ୍ମରଣ କରି ।

ଯାଉଛି ଯମୁନା ହୋଇ ମୁଁ ଅଧିର
ତୁମକୁ ଦର୍ଶନ କରି,
କି ମାୟା ଲଗାଇ ଦେଇଛ ନାଗର
ହେଉଛି ତୁମକୁ ଝୁରି ।

ଘର ଗୃହସ୍ଥିରେ ମନ ଲାଗୁନାହିଁ
ସବୁ ଦିଏ ଭୂଲ୍ କରି
ଜାଣି ପାରୁନାହିଁ ମୋ ମନର ଦଶା
ଯେତେ ଯାହା ଯାଏ କରି ।

ଶାଶୂ ଦେଉଛନ୍ତି ଅନେକ ଗଞ୍ଜଣା
ସହୁଥାଏ ଡରିମରି
ନଣନ୍ଦ ଛାଡନ୍ତି କେତେ ଯେ ବୋଲଣା
ବଞ୍ଚୁଛି ମୁଁ ମରି ମରି ।

ଗୋପ ଗାଆଁ ସାରା ବାଜୁଛି ନାଗରା
ମୋ ମନକୁ କଲ ଚୋରି
ଟୁପୁରୁ ଟାପୁରୁ ହେଉଛନ୍ତି ଯେତେ
ଗୋପାଳ ପୁରୁଷ ନାରୀ ।


ପତି ଚନ୍ଦ୍ରଶେଣା ଜଗୁଥାନ୍ତି ବାଟ
ରଖନ୍ତି ଆକଟ କରି
ହେଲିଣି ପାଗଳି ହୟେ ଜଡସଡ
ପ୍ରାଣ ପାରେନାହିଁ ହାରି ।

ନିନ୍ଦା ଅପବାଦ ନାହିଁ ମୋର ଡର
କରେନା ତାକୁ ଖାତିରି
ଛୁଇଁବାକୁ ଚାହେଁ ତୁମ ଶ୍ରୀଚରଣ
ପାଇବାକୁ କୃପା ବାରି ।

ତଥାପି ବ୍ୟାକୁଳେ ଖୋଜୁଛି ତୁମକୁ
ପିଞ୍ଜରାବଦ୍ଧ ଏ ଶାରୀ
ଘରଦ୍ୱାର ଛାଡି ଧାଏଁ ତୁମ ପାଇଁ
ମାନେ ନାହିଁ ମୁଁ ପଞ୍ଜୁରୀ ।

ଦିଅ କୃଷ୍ଣ ତୁମ ପ୍ରେମରେ ଭିଜେଇ
ପ୍ରୀତି ଯାଉ ତୁମ ଝରି
ନ କର ବିଳମ୍ବ ଆହେ ଭାବଗ୍ରାହୀ
ଆହେ ପ୍ରଭୁ ଗିରିଧାରୀ ।

ତିନି ଧାମ ହେଉ ଜୟ ଜୟ କାର
ମୁଖେ ତୁମ ନାମ ହରି
ଥାଉ ନିରନ୍ତରେ ଏ ପ୍ରେମ ଅମର
ଯୁଗେ ଯୁଗେ ଅବତରୀ ।



କଥା ରହୁ ସାର ଜଗତେ କେବଳ
ଦିନବନ୍ଧୁ ଦଇତାରି
ସର୍ବବ୍ୟାପି ତୁମେ ହେ ନୀଳମାଧବ
ପ୍ରାଣୀଙ୍କ କଲ୍ୟାଣ କାରି ।

ତୁମେ ମୋ ଭାବର ଧାରା କଳାକାହ୍ନୁ
ମୁଁ ତୁମ ପିଆସି ରାଧା,
କୁଞ୍ଜବନ ଲାଗେ ନିଛକ ବିସ୍ମିତା
ତୁମ ବିନା ସବୁ ଅଧା ।

କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

# ଅଭିନେତ୍ରୀ ଦିବ୍ୟାଙ୍କାଙ୍କ ସମାନ୍ତରାଳ ସଫଳତା




ଆକାଶବାଣୀର ଜଣେ ଉପସ୍ଥାପିକା ଭାବେ ନିଜକୁ ଉପସ୍ଥାପନା କରୁ କରୁ ତିରିଶରୁ ଅଧିକ ଟିଭି ଧାରାବାହିକ ଓ ତିନିଟି ହିନ୍ଦୀ ଫିଲ୍ମରେ ଅଭିନୟ କରିବା ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ ଦହିୟାଙ୍କ ପାଇଁ କିଛି କମ୍ କଥା ନୁହେଁ। କେବଳ ସେତିକି ନୁହେଁ, ଏଥିପାଇଁ ଚଉଦଟି ଜାତୀୟସ୍ତରର ପୁରସ୍କାର ହାସଲ କରିବାର ବିରଳ ସୌଭାଗ୍ୟ ସେ ଅର୍ଜନ କରିପାରିଛନ୍ତି। ସଫଳତାର ସହ ନିଜର ଦାମ୍ପତ୍ୟ ଜୀବନ ସାଙ୍ଗକୁ ଅଭିନୟକୁ ସମାନ୍ତରାଳ ଭାବେ ଚାଲୁ ରଖିବା ମଧ୍ୟ ତାଙ୍କ ବିରଳ ଦକ୍ଷତାର ଉଦାହରଣ।

ମଧ୍ୟ ପ୍ରଦେଶର ଭୋପାଳ ଠାରେ ୧୯୮୪ ଡିସେମ୍ବର ୧୪ରେ ଜନ୍ମିଥିବା ଦିବ୍ୟାଙ୍କାଙ୍କର ପିଲାଟି ବେଳୁ ଦୁଃସାହସିକ କ୍ରୀଡ଼ା ପ୍ରତି ଦୁର୍ବଳତା ରହିଥିଲା। ତେଣୁ ସେ ପର୍ବତାରୋହଣରେ ଏକ ପାଠ୍ୟକ୍ରମ ମଧ୍ୟ ସଂପୂର୍ଣ୍ଣ କରିଥିଲେ। ତେବେ ତାଙ୍କର ଆକର୍ଷଣୀୟ ଚେହେରା ପାଇଁ ଗ୍ଲାମର ଦୁନିଆରେ ସାମିଲ ହେବାକୁ ସାଙ୍ଗସାଥୀମାନେ ତାଙ୍କୁ ପ୍ରବର୍ତ୍ତାଇଥିଲେ। ପ୍ରଥମେ ୨୦୦୩ରେ ଆକାଶବାଣୀରେ କାମ କରିବା ଅବସରରେ ସେ 'ପାଣ୍ଟିନ୍ ଜୀ କିଶୋରୀ ରାଣୀ' ପ୍ରତିଯୋଗିତାରେ ଭାଗ ନେଇ 'ତ୍ୱଚାଶ୍ରୀ ସୁନ୍ଦରୀ' ମୁକୁଟ ହାସଲ କରିଥିଲେ। ଏଥିରେ ଉତ୍ସାହିତ ହୋଇ ସେ 'ଇଣ୍ଡିଆଜ୍ ବେଷ୍ଟ ସିନେଷ୍ଟାର କି ଖୋଜ୍'ରେ ଭାଗ ନେଇଥିଲେ। ଏଥିରେ ସେ ଉପବିଜୟିନୀ ହୋଇଥିଲେ ଏବଂ ଶେଷରେ ୨୦୦୫ରେ 'ଭୋପାଳ ସୁନ୍ଦରୀ' ମୁକୁଟ ଧାରଣ କରିଥିଲେ। ତେବେ ଦୂରଦର୍ଶନର ଏକ ଟେଲିଫିଲ୍ମରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା।

ଏହାପରେ ଷ୍ଟାର ୱାନ୍‌ର 'ୟେ ଦିଲ୍ ଚାହେ ମୋର' ଧାରାବାହିକରେ ପାୟଲ ଚରିତ୍ରରେ ସେ ଅନ୍ୟମାନଙ୍କ ମନ ଜିଣିନେଇଥିଲେ। ଏହି ଅବସରରେ ଜୀ ଟିଭିର 'ବନୁ ମେଁ ତେରି ଦୁଲହନ୍'ରେ ଦିବ୍ୟାଙ୍କା ଅଭିନୟ କରିଥିବା ଦିବ୍ୟା ଓ ବିଦ୍ୟାର ଦ୍ୱୈତ ଭୂମିକା ତାଙ୍କ ପାଇଁ ପାଞ୍ଚଟି ଜାତୀୟ ସ୍ତରର ପୁରସ୍କାର ଆଣିଦେଇଥିଲା। ଏହାପରେ ବିଭିନ୍ନ ଟିଭି ଚ୍ୟାନେଲ୍‌ରେ ବାସ୍ତବଧର୍ମୀ ଓ ନାଟକୀୟ ଧାରାବାହିକରେ ନିଜର ଦକ୍ଷତା ପ୍ରମାଣିତ କରି ଦିବ୍ୟାଙ୍କା ଦର୍ଶକମାନଙ୍କର ହୃଦୟରେ ବସା ବାନ୍ଧିବାକୁ ଲାଗିଥିଲେ। ତେବେ ୨୦୧୩ରୁ ୨୦୧୯ ଯାଏ ଷ୍ଟାର ପ୍ଲସ୍‌ରେ ପ୍ରସାରିତ ଧାରାବାହିକ 'ୟେ ହୈ ମୋହବତେଁ'ରେ ଦିବ୍ୟାଙ୍କାଙ୍କ ଈସିତା ଭାଲ୍ଲା ଚରିତ୍ର ସମସ୍ତଙ୍କୁ ମୁଗ୍ଧ କରିବା ସହ ତାଙ୍କ ପାଇଁ ଅପୂର୍ବ ସଫଳତା ଗୋଟାଇଥିଲା। ଏଥିପାଇଁ ତାଙ୍କୁ 'ଆଇଟା' ସମ୍ମାନ, ଗୋଲ୍‌ଡ ସମ୍ମାନ ଓ ବିଗ୍ ଷ୍ଟାର ଏଣ୍ଟରଟେନ୍‌ମେଣ୍ଟ୍ ସମ୍ମାନ ସମେତ ନଅଟି ଜାତୀୟ ପୁରସ୍କାର ମିଳିଥିଲା। ସେହିପରି 'ଲାଲା ହାର୍ଦୌଲ', 'ଏ ଡାଇଭର୍ସ ଟୁ ରିମେମ୍ବର' ଓ 'ଜିନା ଅଭି ବାକି ହୈ' ପରି ହିନ୍ଦୀ ଫିଲ୍ମରେ ସେ ନିଜର ଦକ୍ଷତା ପ୍ରମାଣିତ କରିପାରିଛନ୍ତି। ଲୋକପ୍ରିୟତା ଓ ଉପାର୍ଜନ ଭିତ୍ତିରେ ୨୦୧୭ରେ ସେ ପ୍ରଥମ ଭାରତୀୟ ଟେଲି ଅଭିନେତ୍ରୀ ଭାବେ ଫୋର୍ବସର ଶ୍ରେଷ୍ଠ ଶହେ ସେଲିବ୍ରିଟି ତାଲିକାରେ ସ୍ଥାନ ପାଇଥିଲେ। ସେହିପରି ୨୦୨୦ରେ ସେ ଇଣ୍ଟରନାସନାଲ ଆଇକନିକ୍ ପକ୍ଷରୁ 'ଭାରତୀୟ ଟେଲିଭିଜନ୍‌ର ଶ୍ରେଷ୍ଠ ଲୋକପ୍ରିୟ ମୁହଁ' ଟାଇଟଲ୍ ହାସଲ କରିଥିଲେ। ୨୦୧୬ରେ ସେ 'ୟେ ହୈ ମୋହବତେଁ'ର ସହଅଭିନେତା ବିବେକ ଦହିୟାଙ୍କୁ ବିବାହ କରି ସୁନ୍ଦର ଦାମ୍ପତ୍ୟ ଜୀବନ ନିର୍ବାହ କରୁଛନ୍ତି।





# ଜିଆ ଖାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ସୁରଜ

ବଲିଉଡର ଦିବଙ୍ଗତ ଅଭିନେତ୍ରୀ ଜିଆ ଖାନ୍। ସେ ୨୦୧୩ରେ ଆତ୍ମହତ୍ୟା କରିଥିଲେ। ଏବେ ଏହି ମାମଲାରେ ଏକ ଚକିତ କଲା ଭଳି ଖୁଲାସା ହୋଇଛି। ଜିଆ ଖାନ୍‌ଙ୍କ ମା' ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତରେ ଅଭିନେତା ସୁରଜ ପଞ୍ଚୋଲିଙ୍କ ବିରୋଧରେ ଆଣିଛନ୍ତି ଗୁରୁତର ଅଭିଯୋଗ। ଜିଆ ଖାନ୍‌ଙ୍କୁ ସୁରଜ ପଞ୍ଚୋଲି କୁଆଡେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଜିଆ ଖାନ୍‌ଙ୍କ ମା' ରାବିଆ ଖାନ୍‌ଙ୍କ ଅଭିଯୋଗ ମୁତାବକ, ସୁରଜ ପଞ୍ଚୋଲି ସୋସାଲ ମିଡିଆ ମାଧ୍ୟମରେ ଜିଆ ଖାନ୍‌ଙ୍କ ସହ ଯୋଗାଯୋଗ କରିଥିଲେ। ତାଙ୍କୁ ସାକ୍ଷାତ କରିବାକୁ ସେ ଚାପ ପକାଇଥିଲେ। ପ୍ରଥମେ ଜିଆ ଖାନ ସାକ୍ଷାତ କରିବାକୁ ରାଜି ହୋଇନଥିଲେ। ତେବେ ସେପ୍ଟେମ୍ବର ୨୦୧୨ରେ ଦୁହେଁ ପରସ୍ପରକୁ ଭେଟିଥିଲେ। ସେତେବେଳର କିଛି ଫଟୋକୁ ଜିଆ ମା'ଙ୍କ ପାଖକୁ ପଠାଇଥିଲେ। ତାକୁ ଦେଖି ଦୁହେଁ ପରସ୍ପରକୁ ଭଲପାଉଥିବା ସନ୍ଦେହ ହୋଇଥିଲା। କିନ୍ତୁ ସେତେବେଳେ ଜିଆ ସେ ଆଉ ସୁରଜ ଉଭୟ ଭଲ ବନ୍ଧୁ ବୋଲି କହିଥିବା କୋର୍ଟରେ କହିଛନ୍ତି ରାବିଆ।

ସେ ଆହୁରି କହିଛନ୍ତି, ଏହାପରେ ଜିଆ ଖାନଙ୍କ ଜୀବନରେ ସୁରଜ ପଞ୍ଚୋଲିଙ୍କ ହସ୍ତକ୍ଷେପ ବଢ଼ି ଯାଇଥିଲା। ଅକ୍ଟୋବର ୨୦୧୨ ସୁଦ୍ଧା ଉଭୟ ଲିଭ୍-ଇନ୍‌ରେ ରହିବା ଆରମ୍ଭ କରିଦେଇଥିଲେ। ସେହି ବର୍ଷ ନଭେମ୍ବରରେ ଲଣ୍ଡନ ସ୍ଥିତ ତାଙ୍କ ଘରେ ପହଞ୍ଚିବା ପରେ ଜିଆ ବହୁତ ଖୁସି ଦେଖାଯାଉଥିଲେ। ୨୪ ଡିସେମ୍ବର ୨୦୧୨ରେ ଜିଆଙ୍କୁ ସୁରଜଙ୍କର ଏକ ମେସେଜ ଆସିଥିଲା। ଏଥିରେ ଲେଖାଥିଲା 'ଜଣେ ବନ୍ଧୁଙ୍କ ସହ ଝଗଡା ହେବା ପରେ ସେ ଜିଆଙ୍କ ଉପରେ ରାଗି ଯାଇଥିଲେ। ଏଥିପାଇଁ ସେ ତାଙ୍କୁ କ୍ଷମା କରିଦିଅନ୍ତୁ।' ଏହି ମେସେଜ ପରେ ଜିଆ ଖାନଙ୍କ ମା' ସେମାନଙ୍କ ଝଗଡା ବିଷୟରେ ଜାଣିଥିଲେ। ତେବେ ଜିଆ ସୁରଜଙ୍କୁ ଦ୍ୱିତୀୟ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଉଭୟ ଗୋଆ ଯାଇଥିଲେ ବୋଲି ରାବିଆ ଖାନ କୋର୍ଟଙ୍କୁ କହିଛନ୍ତି। କେବଳ ସେତିକି ନୁହେଁ ସୁରଜ ପଞ୍ଚୋଲି ଜିଆଙ୍କୁ ତାଙ୍କ ସାଙ୍ଗମାନଙ୍କ ଆଗରେ ରଖୁଥିଲେ। ସେ ଜିଆଙ୍କ ସାମ୍ନାରେ ଅନ୍ୟ ଝିଅମାନଙ୍କ ସହ ଫ୍ଲର୍ଟ କରୁଥିଲେ। ଏପରିକି ସେ ଜିଆଙ୍କୁ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ମଧ୍ୟ ଦେଇଥିଲେ ବୋଲି ରାବିଆ ଖାନ କୋର୍ଟରେ ଅଭିଯୋଗ ଆଣିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୩ରେ ଅଭିନେତ୍ରୀ ଜିଆ ଖାନ୍ ନିଜ ଘରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ତେବେ ଜିଆଙ୍କୁ ଆତ୍ମହତ୍ୟା କରିବା ପାଇଁ ସୁରଜ ପଞ୍ଚୋଲି ବାଧ୍ୟ କରିଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଛି। ସିବିଆଇ ଏହି ମାମଲାର ତଦନ୍ତ କରୁଛି। ବର୍ତ୍ତମାନ ସୁରଜ ପଞ୍ଚୋଲି ଜାମିନରେ ଅଛନ୍ତି। ଏହି ମାମଲାରେ ଜିଆ ଖାନଙ୍କ ମା' ରାବିଆ ପୁଣିଥରେ କୋର୍ଟରେ ତାଙ୍କ ବୟାନ ରେକର୍ଡ କରିଛନ୍ତି।

# ଫସିପିବେ କି ଜ୍ୟାକ୍‌ଲିନ୍ ଚାର୍ଜଶିଟ୍ ଦାଖଲ କଲା ଇଡି



ବଢ଼ିଲା ବଲିଉଡ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜଙ୍କ ଅଡୁଆ। ମହାଠକ ସୁକେଶ ଚନ୍ଦ୍ରଶେଖର ସହ ଜଡିତ ୨୦୦ କୋଟି ଟଙ୍କାର ଠକେଇ ମାମଲାରେ ଚାର୍ଜଶିଟ୍ ଦାଖଲ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଚଗଖଇ ଅଧୀନରେ ଦିଲ୍ଲୀ କୋର୍ଟରେ ଇଡି ପକ୍ଷରୁ ଏହି ସପ୍ଲିମେଣ୍ଟାରୀ ଚାର୍ଜଶିଟ୍ ଦାଖଲ କରାଯାଇଛି। ଚାର୍ଜଶିଟରେ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କ ନାଁ ମଧ୍ୟ ସାମିଲ ଅଛି। ଏଥିରେ ଇଡି ଜ୍ୟାକ୍‌ଲିନ୍‌ଙ୍କୁ ଅଭିଯୁକ୍ତ ବୋଲି ଦର୍ଶାଇଥିବା ସୂଚନା ମିଳିଛି। ଇଡି ମୁତାବକ, ପୂର୍ବରୁ ହିଁ ଜ୍ୟାକ୍‌ଲିନ୍‌ଙ୍କ ମହାଠକ ସୁକେଶ ଅପରାଧିକ କାମ ଓ ଠକେଇ କରୁଥିବା କଥା ଜାଣିଥିଲେ। ଏହାପରେ ମଧ୍ୟ ସେ ତାଙ୍କ ସହ ମିଳାମିଶା କରିଥିଲେ। ବଲିଉଡ ଅଭିନେତ୍ରୀ ଜ୍ୟାକ୍‌ଲିନ୍‌ଙ୍କ ଯେବେଠୁ ମହାଠକ ସୁକେଶଙ୍କ ସହ ଲିଙ୍କ ଥିବା କଥା ସାମ୍ନାକୁ ଆସିଛି ସେବେଠୁ ସେ ଆଇନ୍ ଜାଲରେ ଫସିଛନ୍ତି। ଇଡି ଜ୍ୟାକ୍‌ଲିନ୍‌ଙ୍କ ଉପରେ କଡା ନଜର ରଖିଛି। ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୨୦୦ କୋଟି ଟଙ୍କା ଠକେଇ ମାମଲାରେ ଜ୍ୟାକ୍‌ଲିନ୍‌ଙ୍କୁ ଅଭିଯୁକ୍ତ ଦର୍ଶାଇବା ସହ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଏହା ପୂର୍ବରୁ ଏପ୍ରିଲ ମାସରେ ପିଏମ୍ଏଲ୍ଏ ଜରିଆରେ ଜ୍ୟାକ୍‌ଲିନଙ୍କ ୭ କୋଟି ଟଙ୍କାର ସମ୍ପତ୍ତି ସିଜ୍ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ସେତେବେଳେ ଇଡି ନିଜର ଏକ ବୟାନରେ କହିଥିଲା, ସୁକେଶ ଚନ୍ଦ୍ରଶେଖର ଠକେଇ ଟଙ୍କାରୁ ଜ୍ୟାକ୍‌ଲିନ୍‌ଙ୍କୁ ୫.୭୧ କୋଟି ଟଙ୍କାର ଗିଫ୍ଟ ଦେଇଥିଲା। ଗିଫ୍ଟ ସପ୍ଲାଏ କରିବା ପାଇଁ ଚନ୍ଦ୍ରଶେଖର ନିଜ ସହଯୋଗୀ ତଥା ଆଉ ଜଣେ ଅଭିଯୁକ୍ତ ପିଙ୍କି ଇରାନୀଙ୍କ ସହାୟତା ନେଇଥିଲା। ଜ୍ୟାକଲିନ୍‌ଙ୍କ ଦିଆଯାଇଥିବା ଗିଫ୍ଟରେ ୫୨ ଲକ୍ଷ ଟଙ୍କାର ଘୋଡା ଓ ୯ ଲକ୍ଷ ଟଙ୍କାର ବିଲେଇ ସାମିଲ ଥିବା ଇଡି ଅଭିଯୋଗ କରିଛି। କେବଳ ସେତିକି ନୁହେଁ ଜ୍ୟାକଲିନଙ୍କ ପରିବାର ଲୋକଙ୍କୁ ସୁକେଶ ମୋଟା ଅଙ୍କର ଟଙ୍କା ଦେଇଥିବା ମଧ୍ୟ ଇଡି ଅଭିଯୋଗ କରିସାରିଛି। ଉଲ୍ଲେଖଯୋଗ୍ୟ, ସୁକେଶ ଚନ୍ଦ୍ରଶେଖର ମାମଲାରେ ବର୍ତ୍ତମାନ ଯାଏଁ ମୋଟ ୮ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ସୁକେଶ ଚନ୍ଦ୍ରଶେଖରଙ୍କ ସମେତ ତାଙ୍କ ପତ୍ନୀ ଲିନା ମାରିଆ ପଲ୍ ମଧ୍ୟ ସାମିଲ ଅଛନ୍ତି।

# ନୂଆ ଚଳଚ୍ଚିତ୍ର 'ଭାଇ'




ପୂର୍ବରୁ 'ତାଣ୍ଡବ' ଏବଂ ଚଳିତବର୍ଷ 'ଗୁପ୍‌ଚୁପ୍'ର ନିର୍ଦ୍ଦେଶନା ଦେଇଥିବା ପୃଥ୍ୱୀରାଜ। ପଟ୍ଟନାୟକ ନିର୍ମାଣ କରୁଛନ୍ତି ନୂଆ ଚଳଚ୍ଚିତ୍ର 'ଭାଇ'। ପ୍ରଯୋଜନା କରୁଛନ୍ତି 'ଆମର ମ୍ୟୁଜିକ୍' ଓ 'ୱେଡ୍‌ନାଇନ୍ ଏଣ୍ଟରଟେନ୍‌ରମେଣ୍ଟ'। ଏହାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଉଛନ୍ତି ପୃଥ୍ୱୀରାଜ। ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ, ଗୀତ ରଚନା କରିଛନ୍ତି ଅରୁଣ ମନ୍ତ୍ରୀ ଓ ରଞ୍ଜନ ନାୟକ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ନବ ଓ ସରୋଜ। କିଛିଦିନ ତଳେ ଏହାର ପୋଷ୍ଟର ଏବଂ ଫାଷ୍ଟ ଲୁକ୍ ରିଲିଜ୍ ହୋଇଛି।

ଏଥିରେ ପ୍ରମୁଖ ଭୂମିକାରେ ଅମ୍ଲାନ, ସୁଜିତ, ଦିବ୍ୟା ଓ ଅନନ୍ୟା ଥିବାବେଳେ ଖଳନାୟକ ଚରିତ୍ରରେ ଅବତୀର୍ଣ୍ଣ ହେଉଛନ୍ତି ବିକାଶ। ଓଡ଼ିଶା, ମନାଲି ଏବଂ ଲଦାଖ୍ ଆଦି ମନୋରମ ଅଞ୍ଚଳରେ ଏହି ଚଳଚ୍ଚିତ୍ରର ସୁଟିଂ ହେଉଛି ବୋଲି ସିନେମାର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ କହିଛନ୍ତି।

# ଆମୀରଙ୍କ ପରେ ସଲମାନଙ୍କ ପାଳି, 'ବୟକଟ୍ ଟାଇଗର-୩' ଦାବି

ବଲିଉଡ ଉପରେ ଲାଗିଛି ଏବେ 'ବୟକଟ୍' ଗ୍ରହଣ। ବି-ଟାଉନ୍‌କୁ ଗ୍ରାସ କରିଛି 'ବୟକଟ୍' ଟ୍ରେଣ୍ଡ। ବଲିଉଡ ଫିଲ୍ମକୁ ବୟକଟ୍ ପାଇଁ ଦାବି ଜୋର ଧରିଛି। ପ୍ରଥମେ 'ଲାଲ ସିଂହ ଚଡ୍ଢା', 'ପଠାନ' ଏବଂ 'ରକ୍ଷା ବନ୍ଧନ'କୁ ବୟକଟ୍ କରିବା ପାଇଁ ଦାବି ହୋଇଥିଲା। ଏହାପରେ ହ୍ରିତିକ ରୋସନଙ୍କ ଫିଲ୍ମକୁ ମଧ୍ୟ ବୟକଟ୍ କରିବା ପାଇଁ ଦାବି ଉଠିଥିଲା। ବର୍ତ୍ତମାନ ଏହି ତାଲିକାରେ ବଲିଉଡର ଭାଇଜାନ ସଲମାନ ଖାନ୍‌ଙ୍କ ଫିଲ୍ମ 'ଟାଇଗର-୩' ମଧ୍ୟ ସାମିଲ ହୋଇଛି। ଆମୀର ଖାନ, ଶାହାରୁଖ ଖାନ ଏବଂ ଅକ୍ଷୟ କୁମାରଙ୍କ ପରେ ସଲମାନ ଖାନ ଏବେ ସୋସାଲ ମିଡିଆରେ ଟ୍ରୋଲର୍ସଙ୍କ ଟାର୍ଗେଟରେ ଆସିଛନ୍ତି। ଆସନ୍ତାବର୍ଷ ରିଲିଜ ହେବାକୁ ଯାଉଛି ବହୁ ପ୍ରତିକ୍ଷିତ ଫିଲ୍ମ 'ଟାଇଗର-୩'। ତେବେ ରିଲିଜ ପୂର୍ବରୁ ଫିଲ୍ମଟି ବିବାଦ ଭିତରେ ଫସିଛି। ସୋଶାଲ ମିଡିଆରେ ଫିଲ୍ମକୁ ନେଇ ଆରମ୍ଭ ହୋଇଯାଇଛି 'ବୟକଟ୍ ଟାଇଗର-୩' ଟ୍ରେଣ୍ଡ। ଟାଇଗର-୩କୁ ବିରୋଧ କରି କିଛି ୟୁଜର୍ସ ଜୋରଦାର କମେଣ୍ଟ କରିଛନ୍ତି। କେବଳ ସେତିକି ନୁହେଁ ସଲମାନଙ୍କ ପୁରୁଣା ପୋଷ୍ଟକୁ ନେଇ ମଧ୍ୟ ତାଙ୍କୁ ଟାର୍ଗେଟ୍ କରିବାରେ ଲାଗିଛନ୍ତି। ୟୁଜର୍ସଙ୍କ କହିବା ମୁତାବକ, ଖୁବଶୀଘ୍ର ବଲିଉଡରୁ ଭାଇଜାନ, ବାଦଶାହ ଓ ମିଷ୍ଟର ପରଫେକ୍ସନିଷ୍ଟଙ୍କ ଖେଳ ଶେଷ ହେବ। ଆଉ କିଛି ଲୋକେ ସଲମାନଙ୍କ ଅପରାଧ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଆର୍ମସ୍ ଆକ୍ଟ ଠାରୁ ଆରମ୍ଭ କରି କୃଷ୍ଣସାର ମୃଗ ଶିକାର ମାମଲା ଯାଏଁ ପୂରା ଅପରାଧ ତାଲିକା ପୋଷ୍ଟ କରି ସଲମାନଙ୍କୁ ଟ୍ରୋଲ କରାଯାଉଛି। କେବଳ ସେତିକି ନୁହେଁ ସଲମାନଙ୍କ ଏକ ପୁରୁଣା ଭିଡିଓ ମଧ୍ୟ ଜୋରସୋରରେ ଭାଇରାଲ ହେଉଛି, ଯେଉଁଥିରେ ମୁମ୍ବାଇ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବା କଥାକୁ ସେ ଖଣ୍ଡନ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓକୁ ଶେଆର କରି ୟୁଜର୍ସ ତାଙ୍କୁ ଟାର୍ଗେଟ୍ କରି ଏହାକୁ କେବେବି ଆମେ ଭୁଲି ପାରିବୁ ନାହିଁ ବୋଲି କହିଛନ୍ତି। ଗତକିଛି ଦିନ ହେବ ଲଗାତର ବଲିଉଡ ଫିଲ୍ମଗୁଡିକୁ ବୟକଟ୍ ପାଇଁ କିଛି ଲୋକ ଦାବି କରିଆସୁଛନ୍ତି।



ଏହାର ପ୍ରଭାବ ଏବେ ବକ୍ସ ଅଫିସ ଉପରେ ପଡ଼ିଛି। ନିକଟରେ କେବଳ ଗୋଟିଏ କିମ୍ବା ଦୁଇଟି ଫିଲ୍ମକୁ ଛାଡି ଦେଲେ ଅଧିକାଂଶ ହିନ୍ଦୀ ଫିଲ୍ମ ଫ୍ଲପ୍ ହୋଇଛି। ସେହିପରି ବିଗ୍ ବଜେଟ୍ ଫିଲ୍ମଗୁଡିକ ମଧ୍ୟ ଭଲ ଆୟ କରିପାରିନାହିଁ।

# ପ୍ରେକ୍ଷାଳୟକୁ ଆସୁଛନ୍ତି 'ମହାବାହୁ'

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ଅନ୍ଧବିଶ୍ୱାସକୁ ନେଇ ପର୍ଯ୍ୟବସିତ କାହାଣୀ 'ମହାବାହୁ'। ଏହାର ନାୟକ ଭୂମିକାରେ ଆକାଶ ଦାସନାୟକ ଥିବାବେଳେ ନାୟିକା ଭୂମିକାରେ ଅଛନ୍ତି ପୁନମ୍। ଏଥିରେ ହାସ୍ୟାଭିନେତା ହରିହର ମହାପାତ୍ର, ଉଷସୀ ମିଶ୍ର, ଲିପାକ୍ଷୀ ଦାସ ପ୍ରମୁଖ ଭୂମିକାରେ ଥିବାବେଳେ ଖଳନାୟକ ଭୂମିକାରେ ଅଛନ୍ତି ତପି ମିଶ୍ର। ଅତୀତରେ 'ଦେଖା ହେଲା ପ୍ରେମ ହେଲା', 'ଇନ୍ଦ୍ରଜାଲ', 'ଦିଲ୍‌ରେ ଅଛି ତୋରି ନାଁ' ଏବଂ 'ମା ସମଲେଶ୍ୱରୀ' ଆଦି ଚଳଚ୍ଚିତ୍ରରେ ଭିନ୍ନ ଭିନ୍ନ ଅବତାରରେ ଅବତୀର୍ଣ୍ଣ ହେଇଥିବା ଅଭିନେତା ତପି ମିଶ୍ର ଏବେ 'ମହାବାହୁ'ରେ ଭୟଙ୍କର ଅବତାରରେ ଉଭା ହେଇଛନ୍ତି। ରମେଶ ବାରିକ ପ୍ରଯୋଜିତ ଏବଂ ଶ୍ରୀତମ୍ ଦାସ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ମହାବାହୁ' ଚଳିତ ମାସ ୨୫ ତାରିଖରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଆରଆର ଇଭେଣ୍ଟ ପ୍ରଡକ୍ସନ୍ ପକ୍ଷରୁ ସୂଚନା ମିଳିଛି।





# 'ଦି ଡାର୍ଟି ପିକ୍‌ଚର ୨' ରେ ଦିଶିବେ କି ବିଦ୍ୟା ?

ବିଦ୍ୟା ବାଲନଙ୍କ 'ଦି ଡାର୍ଟି ପିକ୍‌ଚର' ଚଳଚ୍ଚିତ୍ରର ମୁକ୍ତିଲାଭକୁ ଏକ ଦଶନ୍ଧି ବିତିସାରିଲାଣି। ଏହି ଅବସରରେ ଏହାର ପରବର୍ତ୍ତୀ ଭାଗ ନିର୍ମାଣ ନେଇ ସଜବାଜ ଆରମ୍ଭ ହୋଇଯାଇଛି। ଶୁଣିବାକୁ ମିଳୁଛି ଯେ ପ୍ରଯୋଜିକା ଏକତା କପୁର କନିକା ଢିଲ୍ଲୋଁଙ୍କୁ ଏହାର କାହାଣୀ ଲେଖିବାର ଦାୟିତ୍ୱ ସମର୍ପି ସାରିଛନ୍ତି। ଏ ବର୍ଷ ଶେଷ ସୁଦ୍ଧା ଏହାର କାହାଣୀ ଲେଖା ସରିଯିବା ପରେ ୨୦୨୩ ମସିହା ପ୍ରଥମାର୍ଦ୍ଧରେ ଏହାର ସୁଟିଂ ହେବାର ଯୋଜନା ରହିଛି। ସ୍ମରଣଯୋଗ୍ୟ ଯେ 'ଦି ଡାର୍ଟି ପିକ୍‌ଚର' ଥିଲା ବଲିଉଡ୍‌ର ଏପରି ଏକ ନାରୀକୈନ୍ଦ୍ରିକ ଚଳଚ୍ଚିତ୍ର ଯାହା ସମୀକ୍ଷକଙ୍କ ଦ୍ୱାରା ପ୍ରଶଂସିତ ହେବା ସହିତ ବକ୍ସ ଅଫିସରେ ମଧ୍ୟ ବେଶ୍ ସଫଳ ହୋଇପାରିଥିଲା। ଏହା ମାତ୍ର ୧୮ କୋଟି ବଜେଟ୍‌ରେ ନିର୍ମିତ ହୋଇ ୧୧୭ କୋଟିର ରୋଜଗାର କରିଥିଲା। ଅଭିନେତ୍ରୀ ସିଲ୍‌କ ସ୍ମିତାଙ୍କ ଜୀବନୀ ଉପରେ ଏହାର କାହାଣୀ ଆଧାରିତ ଥିଲା। ବିଦ୍ୟା ବାଲନ ସ୍ମିତାଙ୍କ ଚରିତ୍ରରେ ଅଭିନୟ କରି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ତେବେ 'ଦି ଡାର୍ଟି ପିକ୍‌ଚର ୨'ରେ ସ୍ମିତାଙ୍କ କାହାଣୀ ରହିବ ନାହିଁ ବୋଲି ଏକ ସୂତ୍ରରୁ ଜାଣିବାକୁ ମିଳିଛି। ତାଙ୍କ ଭଳି ଆଉ ଜଣେ ଶକ୍ତିଶାଳୀ ମହିଳାଙ୍କ ଜୀବନୀକୁ ନେଇ ଏହି ଚଳଚ୍ଚିତ୍ର ତିଆରି କରାଯିବ। ତେଣୁ ବିଦ୍ୟା ବାଲନଙ୍କୁ ଏଥିରେ ଅଭିନୟ ପାଇଁ ସୁଯୋଗ ମିଳିବ କି ନାହିଁ ତାହା ଏବେ ପର୍ଯ୍ୟନ୍ତ ଅସ୍ପଷ୍ଟ ହୋଇ ରହିଛି। ଏକତା କପୁର କଙ୍ଗନା ରଣାୱତ୍‌ଙ୍କୁ ଏହାର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ପ୍ରସ୍ତାବ ଦେଇଥିଲେ, କିନ୍ତୁ କଙ୍ଗନା ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ତେବେ ତାପସୀ ପନ୍ନୁ ଓ କୃତି ସେନନ ଏଥିରେ ଅଭିନୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ତଥାପି ଅନେକ ସିନେପ୍ରେମୀ କହୁଛନ୍ତି ଯେ ଏହି ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ ପାଇଁ ଯୋଗ୍ୟତମ ଅଭିନେତ୍ରୀ ହେଉଛନ୍ତି ବିଦ୍ୟା ବାଲନ। ବିଦ୍ୟା ହାତରେ ଏବେ ଏକାଧିକ ଚଳଚ୍ଚିତ୍ର ରହିଛି। 'ଲଭର୍ସ' ନାମକ ବ୍ୟଙ୍ଗାତ୍ମକ ପ୍ରେମକାହାଣୀ ସମେତ 'ନିୟତ' ନାମକ ରୋମାଞ୍ଚଧର୍ମୀ ସିନେମାରେ ସେ ଆଗକୁ ଦେଖାଦେବେ।

## ଯୁଦ୍ଧକାଳୀନ ଭିତିରେ ବନ୍ୟା ସ୍ଥିତିର ମୁକାବିଲା କରାଯାଉଛି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ହୋଇଛି । ଏହାଦ୍ୱାରା କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ଯାଜପୁର ଆଦି ଜିଲ୍ଲା ପ୍ରଭାବିତ ହୋଇଛି । ବନ୍ୟା ସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ଯୁଦ୍ଧକାଳୀନ ଭିତିରେ କାମ ଚାଲୁ ରଖିଛି । ପରିସ୍ଥିତି ଦେଖି ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ । ବୁଧବାର ଦିନ ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବନ୍ୟା ଯୋଗୁଁ ପାଣି ଘେରରେ ଫସିଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର ପାଇଁ ପ୍ରଚେଷ୍ଟା ଜାରି ରହିଛି । ସ୍କୁଲ, କଲେଜ ତଥା କଲ୍ୟାଣ ମଣ୍ଡପରେ ସେମାନଙ୍କ ରହିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ସେମାନଙ୍କୁ ରନ୍ଧା ଖାଦ୍ୟ ସହ ମେଡିସିନ, ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।

ଅପରପକ୍ଷରେ ଗତକାଲି ୨ଟି ଘାଇ ହୋଇଥିବା ବେଳେ ଆଜି ଏହି ସଂଖ୍ୟା ୪ରେ ପହଂଚିଛି । ଘାଇ ଓ ଘଳିଆ ମରାମତି କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ।

## ଏକାମ୍ର ନିର୍ବାଚନ ମଣ୍ଡଳୀର ବନ୍ୟା ଅଂଚଳ ପରିଦର୍ଶନ କେଲ ବାବୁ ସିଂ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଦୟା ନଦୀର ଜଳସ୍ତର ବଢ଼ିବାରୁ ଭୁବେନଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତ ପାଣି ଘେରରେ ରହିଛି । ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ବୁଧବାର ଉକ୍ତ ଅଂଚଳ ପରିଦର୍ଶନ କରି ବନ୍ୟା ପ୍ରଭାବିତ ଲୋକଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି । ଏଥିସହ ବିଜେପି ଦଳର କାର୍ଯ୍ୟକର୍ତାମାନଙ୍କୁ ବନ୍ୟା ପ୍ରପୀଡିତ ଲୋକଙ୍କୁ ସାହାଯ୍ୟ ସହେଯାଗ ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି ଶ୍ରୀ ସିଂ । ସରକାର ତୁରନ୍ତ ବନ୍ୟା ପ୍ରଭାବିତଙ୍କୁ ସାହାଯ୍ୟ ଓ ରିଲିଫ୍ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି ।

## ବନ୍ୟା ପ୍ରଭାବିତ ଅଂଚଳରେ ବିକଳ୍ପ ଚାଷର କଂଟିଜେନ୍‌ସି ପ୍ଲାନ୍ ଅଗଷ୍ଟ ୨୨ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିରେ ଖରିଫ ଫସଲର ପରିଚାଳନା ଏବଂ ଆବଶ୍ୟକ ସ୍ଥଳେ ବିକଳ୍ପ ଫସଲ ଚାଷ ନିମନ୍ତେ ପଦକ୍ଷେପ ନେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କୁ ଏ ଦିଗରେ ପୂର୍ବପ୍ରସ୍ତୁତି ସହିତ ବନ୍ୟା ପ୍ରଭାବିତ ଅଂଚଳରେ ଚଳିତ ଖରିଫରେ ବିକଳ୍ପ ଚାଷର କଂଟିଜେନ୍‌ସି ପ୍ଲାନ୍ ଅଗଷ୍ଟ ୨୨ ତାରିଖ ସୁଦ୍ଧା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ପ୍ରସ୍ତୁତ ହୋଇଥିବା ବିପର୍ଯ୍ୟୟ ପରିଚାଳନାର ମାର୍ଗଦର୍ଶିକାକୁ ଅନୁପାଳନ ସମେତ ବନ୍ୟା ପରିସ୍ଥିତିରେ ଚାଷୀମାନେ କଅଣ କରିବେ ଓ କଅଣ କରିବେ ନାହିଁ, ସେ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀମାନଙ୍କୁ ଫସଲର ସୁରକ୍ଷା ନିମନ୍ତେ ଧାନଜମିରୁ ଉଦ୍‌ବୃତ ଜଳକୁ ତୁରନ୍ତ ନିଷ୍କାସନ ବ୍ୟବସ୍ଥା କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ଏଥି ସହିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୃଷକମାନଙ୍କ ନିମନ୍ତେ ଜାରି କରାଯାଇଥିବା ଫସଲ ପରିଚାଳନା ପରାମର୍ଶଗୁଡ଼ିକୁ ଚାଷୀମାନଙ୍କୁ ତୁରନ୍ତ ଅବଗତ କରାଇବା ପାଇଁ କ୍ଷେତ୍ର କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି କରାଯାଇଥିବା ଆଡ୍‌ଭାଇଜରୀରେ ଧାନ ସହିତ ମକା, ଡାଲିଜାତୀୟ ଫସଲ, ଚିନାବାଦାମ ଓ କପା ଫସଲର ସୁରକ୍ଷା ଦିଗରେ ଚାଷୀମାନଙ୍କୁ ବିସ୍ତୃତ ଭାବରେ ପରାମର୍ଶ ଦିଆଯାଉଛି । ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା 'ଆମ କୃଷି' ହେଲପଲାଇନ୍ ଟୋଲଫ୍ରି ନମ୍ବର-୧୫୫୩୩୩ରେ ଫୋନ କରି ଚାଷୀମାନଙ୍କୁ କୃଷି ବିଶେଷଜ୍ଞମାନଙ୍କଠାରୁ ଏ ଦିଗରେ ଆବଶ୍ୟକ ପରାମର୍ଶ ନେବା ପାଇଁ କୁହାଯାଇଛି । ବନ୍ୟା ପରିସ୍ଥିତିରେ ଧାନ ଫସଲରେ ରୋଗପୋକ ନିୟନ୍ତ୍ରଣ ନିମନ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଜିଲ୍ଲାରେ କଂଟ୍ରୋଲ ରୁମ୍ ଖୋଲାଯାଇ ନିୟମିତ ଭାବରେ ବନ୍ୟାର ପରିସ୍ଥିତି ଓ ଫସଲର ସ୍ଥିତି ସଂପର୍କରେ ନିର୍ଦ୍ଦେଶାଳୟକୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କୃଷି ଅଧିକାରୀମାନେ ଫସଲର ସ୍ଥିତି ସଂପର୍କରେ ପ୍ରତିଦିନ ରିପୋର୍ଟ ପ୍ରଦାନ କରିବେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୃଷି ଭବନଠାରେ ଏକ ୨୪ ଘଂଟିଆ କଂଟ୍ରୋଲ ରୁମ୍ (ଫୋନ୍ ନମ୍ବର ୦୬୭୪-୨୩୯୩୨୪୨) କାର୍ଯ୍ୟକ୍ଷମ କରାଯାଇଛି ଏବଂ ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ନୋଡାଲ ଅଧିକାରୀଙ୍କୁ ନିୟମିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଏବଂ କ୍ଷେତ୍ର କୃଷି ଅଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ବନ୍ୟା ପରିସ୍ଥିତିରେ ଫସଲ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଯୁଗ୍ମ ସର୍ଭେକ୍ଷଣ ପରେ ଫସଲ କ୍ଷୟକ୍ଷତିର ରିପୋର୍ଟ ବିଭାଗକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଏକାମ୍ର ହାଟଠାରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏ ବର୍ଷ ଗଣେଶ ପୂଜା ଅବସରରେ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ଆୟୋଜନ କରାଯାଇଛି । ଏହି ମେଳାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଉଦ୍‌ଘାଟନ କରିଛନ୍ତି ।

ଏହି ଉତ୍ସବରେ ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ସମ୍ବଲପୁରୀ ବସ୍ତ୍ରାଳୟର ସଂପାଦକ ସଂପୂର୍ଣ୍ଣାନନ୍ଦ ପ୍ରଧାନ, ଓ ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ, କଟକ, ସୋନପୁର, ଆଠଗଡ, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ, କଳାହାଣ୍ଡି, ବଲାଙ୍ଗିର ଓ ବୌଦ୍ଧ ବୟନ ମଣ୍ଡଳମାନଙ୍କରୁ ୫୫ଗୋଟି ସମବାୟ ସମିତି/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଓ ବିକ୍ରୟ କରିବା ପାଇଁ ଯୋଗଦାନ କରିଛନ୍ତି । ଏଥି ସକାଶେ ସେମାନଙ୍କୁ ୫୫ଗୋଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଅଛି । ଏହି ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ସ୍ୱତନ୍ତ୍ର ମେଳାରେ ଗ୍ରାହକମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତର ଉତ୍ପାଦିତ ହସ୍ତତନ୍ତ ଲୁଗା ସୁଲଭ ମୂଲ୍ୟରେ ୧୦% ସରକାରୀ ରିହାତିରେ କିଣିପାରିବେ ।

## ରାଜ୍ୟସ୍ତରୀୟ ଯୋଗାସନ କ୍ରୀଡା ବିଚାରକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟ ଯୋଗାସନ କ୍ରୀଡା ସଂଘ ତରଫରୁ ଆୟୋଜିତ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଆଭାସୀ ଯୋଗାସନ କ୍ରୀଡା ବିଚାରକ ପ୍ରଶିକ୍ଷଣ ଶିବିର ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ସଂଘର ସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଯୋଗର ଆବଶ୍ୟକତା ବିଷୟରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି କ୍ରୀଡା ବିଭାଗର ଯୁଗ୍ମ ସଂପାଦକ ଶୈଳେନ୍ଦ୍ର କୁମାର ଜେନା, କିଟ୍ କ୍ରୀଡା ବିଭାଗର ମହାଦିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଜାତୀୟ ଯୋଗାସନ କ୍ରୀଡାର ଉପସଭାପତି ଡ. ସଞ୍ଜୟ ମାଲପାନି ଯୋଗ ଦେଇ କହିଲେ ଭବିଷ୍ୟତରେ ଯୋଗାସନ କ୍ରୀଡା ଅଲମ୍ପିକରେ ସ୍ଥାନ ପାଇବ ଏବଂ ସେଥିରେ ଭାରତୀୟମାନଙ୍କର ପ୍ରାଧାନ୍ୟ ରହିବ । ସେଥିପାଇଁ ଏବେଠାରୁ ବିଭିନ୍ନ ସ୍ତରରେ ପ୍ରୟାସ ଜାରୀ ରଖିବା ଦରକାର । ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୭୯ ବିଚାରକମାନେ ପ୍ରଶିକ୍ଷଣ ନେଇଥିବାବେଳ ଏଥବରେ ଯୋଗାସନ କ୍ରୀଡାର ବିଭିନ୍ନ ବିଚାର ପଦ୍ଧତି ବିଷୟରେ ପ୍ରଶିକ୍ଷଣ ପ୍ରଶିକ୍ଷଣ ଦିଆଯାଇଥିଲେ । କାର୍ଯ୍ୟକ୍ରମ ଶେଷରେ ଓ୍ୱଏସ୍ଏ, ଓଡିଶାର ସଭାପତି ଜିଲ୍ଲାସ୍ତରୀୟ ଯୋଗାସନ କ୍ରୀଡା ପ୍ରତିଯୋଗିତା ପାଇଁ ଘୋଷଣା କରିଥିଲେ । ଏଥିରେ ଚାରିଗୋଟି ବିଭାଗରେ ବିଭିନ୍ନ ବର୍ଗରୁ ଯଥା ୯+ ର ୧୪, ୧୪+୧୮ ଓ ୧୮+ ରୁ ଉର୍ଦ୍ଧ୍ୱ ବୟସ ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ ।

## ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଷୀ ସହାୟତା ପାଇଁ ଟୋଲ ଫ୍ରି ନମ୍ବର ଜାରି

ଭୁବନେଶ୍ୱର ,୧୮/୦୮ (ନି.ପ୍ର): ବନ୍ୟା ଯୋଗୁଁ ବିଭିନ୍ନ ସ୍ଥାନରେ ଫସଲ ପ୍ରଭାବିତ ହୋଇଛି । ଯେକୌଣସି ସମୟରେ ଚାଷୀଙ୍କୁ ସହାୟତା ପାଇଁ କୃଷି ହେଲ୍ପ ଲାଇନ ଟୋଲ ଫ୍ରି ନମ୍ବର -୧୫୫୩୩୩ ଜାରି କରାଯାଇଛି । ଏଥିରେ ଚାଷୀମାନଙ୍କୁ ଧାନ ସହିତ ମକା, ଡାଲିଜାତୀୟ, ଚିନାବାଦାମ, କପା ଫସଲର ସୁରକ୍ଷା ପାଇଁ ବିସ୍ତୃତ ପରାମର୍ଶ ପାଇପାରିବେ । ବନ୍ୟା ପରିସ୍ଥିତି, ଫସଲ ସ୍ଥିତି ସମ୍ପର୍କରେ ଅବଗତ କରାଇବା ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ହୋଇଛି ।

ବନ୍ୟା ପ୍ରଭାବିତ ଅଞ୍ଚଳରେ ବିକଳ୍ପ ଚାଷ ପାଇଁ କଣ୍ଟିଜେନ୍ସି ପ୍ଲାନ ୨୨ ତାରିଖ ସୁଦ୍ଧା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ବନ୍ୟା ସମୟରେ ଚାଷୀ କ'ଣ କରିବା ଉଚିତ ଏବଂ କ'ଣ କରିବା ଉଚିତ ନୁହେଁ ଏସମ୍ପର୍କରେ ବିସ୍ତୃତ ସୂଚନା ପାଇଁ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି । ଏଥିସହିତ ଧାନ ଜମିରୁ ଉଦବୃତ୍ତ ଜଳ ନିଷ୍କାସନ ପାଇଁ ପରାମର୍ଶ ଦିଆଯାଇଛି । ନୋଡାଲ ଅଧିକାରୀଙ୍କୁ ନିୟମିତ ରିଲିଫ କମିସନ କାର୍ଯ୍ୟାଳୟ, କ୍ଷେତ୍ର କୃଷି ଅଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ବନ୍ୟା ଫସଲ ପରିଚାଳନା ପାଇଁ କୁହାଯାଇଛି ।

## ନାର୍ଯ୍ୟ ଦାବି ହାସଲ ପାଇଁ ସଫେଇ କର୍ମଚାରୀଙ୍କ ବିଏମସି ଅଫିସ୍ ଘେରାଉ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଭୁବନେଶ୍ୱର ସହରକୁ ସଫାସୁତରା ରଖିବା ପାଇଁ ମହାନଗର ନିଗମ ଅଧିନରେ ସିଧାସଳଖ ଭାବେ ପ୍ରାୟ ୨୫୦୦ ଓ ୩ଟି ଠିକାଦାରଙ୍କ ଜରିଆରେ ପ୍ରାୟ ୪୦୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ସଫେଇ କର୍ମଚାରୀମାନେ ନିଯୁକ୍ତି ପାଇଛନ୍ତି । ସଫେଇ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା, ସର୍ବନିମ୍ନ ମଜୁରୀ ପ୍ରଦାନ, ମହିଳା ମାନଙ୍କୁ ପ୍ରସୂତିକାଳୀନ ଛୁଟି, ସମାନ କାମ ପାଇଁ ସମାନ ମଜୁରୀ ଦେବା ଦାବିରେ ସଫେଇ କର୍ମଚାରୀମାନେ ବୁଧବାର ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କାର୍ଯ୍ୟାଳୟର ପ୍ରବେଶ ପଥକୁ ସମ୍ପୂର୍ଣ୍ଣ ଅବରୋଧ କରିଥିଲେ । ପରେ ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତ କୁଲେଙ୍ଗା ଶ୍ରମିକ ପ୍ରତିନିଧି ଓ ଠିକାଦାର ମାନଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଏଥିରେ ଶ୍ରମିକ ମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ, ଦରମା ଚିଠା, ପରିଚୟ ପତ୍ର ପ୍ରଦାନ, ଆଇନଗତ ଛୁଟି ପ୍ରଦାନ କରିବାପାଇଁ ବିଏମସି କତୃପକ୍ଷ ସହମତି ପ୍ରଦାନ କରିଛନ୍ତି । ଆଗାମି ଦିନରେ ଶ୍ରମିକମାନଙ୍କର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ତ୍ରିପାକ୍ଷିକ କମିଟି ଗଠନ ହେବା ସହିତ ପ୍ରତି ତିନିମାସରେ ଥରେ ଉକ୍ତ କମିଟି ବସି ଶ୍ରମିକମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ଆଜିକାର ବୈଠକରେ ନିଷ୍ପତି ନିଆଯାଇଛି । କେବଳ ଶ୍ରମିକମାନଙ୍କୁ ସ୍ଥାୟୀ କରାଯିବା ବାବଦରେ ଉଚ୍ଚ କତୃପକ୍ଷଙ୍କ ଅନୁମତି କ୍ରମେ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

ବିଏମସି କତୃପକ୍ଷଙ୍କ ପ୍ରତିଶ୍ରୁତି କାରଣରୁ ଓ ଜନସାଧାରଣଙ୍କର ଅସୁବିଧାକୁ ଉପଲବ୍ଧିକରି ଧର୍ମଘଟକୁ ସ୍ଥଗିତ ରଖାଯାଇଛି । ଆଜିକାର ଆନ୍ଦୋଳନରେ ସଂଗଠନର ଉପସଭାପତି ସତ୍ୟାନନ୍ଦ ବେହେରା, ସାଧାରଣ ସମ୍ପାଦକ ଗୁରୁବାରୀ ନାୟକ, ପ୍ରଭାତ ପାଣିଗ୍ରାହୀ, ବିଶ୍ୱନାଥ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ବନ୍ୟା ବିପନ୍ନମାନଙ୍କୁ ଉଦ୍ଧାର ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୧୮/୦୮ (ନି.ପ୍ର): ମହାନଦୀ, ବୈତରଣୀ, ବୁଢ଼ାବଲଙ୍ଗ, ସୁବର୍ଣ୍ଣରେଖା ପ୍ରଭୃତି ନଦୀ ଓ ତାର ଶାଖା ନଦୀରେ ପ୍ରବଳ ବନ୍ୟା ପ୍ରବାହ ଯୋଗୁଁ ରାଜ୍ୟର ୧୦ଗୋଟି ଜିଲ୍ଲାର ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଘୋର ଦୁର୍ଦ୍ଦଶା ମଧ୍ୟରେ ପାଣି ଘେରରେ ରହିଛନ୍ତି । ସରକାରଙ୍କ ତୃଟିପୂର୍ଣ୍ଣ ନିଷ୍ପତି ଯୋଗୁଁ ପୂର୍ବ ନିର୍ମିତ ବନ୍ଧବାଡ଼ିଗୁଡ଼ିକ ଦୁର୍ବଳ ଥିବାରୁ ଅଧିକାଂଶ ସ୍ଥାନରେ ଏବେ ଘାଇ ସୃଷ୍ଟି ହୋଇଛି । ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ପ୍ରତି ଅଦ୍ୟାବଧି ସେପରି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ସରକାର ଚାଷୀଙ୍କ ବିକାଶ ପାଇଁ ଖାଲି ପ୍ରଚାର ପ୍ରସାରକୁ ଗୁରୁତ୍ୱ ନ ଦେଇ ବାସ୍ତବ କ୍ଷେତ୍ରରେ ବିପନ୍ନମାନଙ୍କ ତୁରନ୍ତ ରିଲିଫ୍ ସାମଗ୍ରୀ ପ୍ରଦାନ, ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ, ଆବଶ୍ୟକ ଔଷଧ ପତ୍ର ଯୋଗାଣ, ମାଗଣାରେ ଗୋରୁ ଗାଇଙ୍କ ଖାଦ୍ୟ ଯୋଗାଣ ଏବଂ ପାଣି ଛାଡ଼ିବା ପରେ ଫସଲ କ୍ଷତିଗ୍ରସ୍ତ ଚାଷ ଜମିର ସଠିକ୍ ଅନୁଧ୍ୟାନ କରି ରାଜ୍ୟ ସରକାର ତୁରନ୍ତ ପ୍ରତି ଏକର ପିଛା କ୍ଷତିଗ୍ରସ୍ତ ଚାଷୀଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ସହାୟତା, ଦୁର୍ବଳ ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ, ସବୁ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ବିନା ସୁଧରେ କୃଷିଋଣ ଓ ତଳି, ଉନ୍ନତ ବିହନ ଓ ସାର ମାଗଣାରେ ଯୋଗାଇ ଦେବାକୁ ପିସିସି କିଷାନ କଂଗ୍ରେସ ଦାବି କରିଛି ।

## ରାଜ୍ୟରେ ବିଜ୍ଞାନ ଓ କାରିଗରୀ ପରିବେଶର ଦୃଢ଼ୀକରଣ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ବିଜ୍ଞାନ ଓ କାରିଗରୀ ବିଭାଗ ଆନୁକୂଲ୍ୟରେ ରାଜ୍ୟ ବିଜ୍ଞାନ ଓ କାରିଗରୀ ପରିଷଦ ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ୍ କ୍ଲଷ୍ଟର (ବିସିକେଆଇସି) ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ବୁଧବାର ଅପରାହ୍ନରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହୋଇଛି । ସମ୍ମିଳିତ ଉଦ୍ୟମରେ ବିଜ୍ଞାନ ଓ କାରିଗରୀ କାର୍ଯ୍ୟକ୍ରମ ତଥା ଅଭିନବ ଭିତିଭୂମିର ଉନ୍ନତିକରଣ ଉପରେ ବୁଝାମଣାପତ୍ରରେ ଗୁରୁତ୍ୱାରୋପ କରାଯାଇଛି । ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ରାଜ୍ୟର ସାମର୍ଥ୍ୟକୁ ଏପରି ପଦକ୍ଷେପ ଅଧିକ ସାହାଯ୍ୟ କରିବ ବୋଲି ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ପଣ୍ଡା ରାଜ୍ୟରେ ବିଜ୍ଞାନ ଶିକ୍ଷା, ଗବେଷଣା, ଯୋଗାଯୋଗ ଓ ନୂତନ ଉଦ୍ଭାବନ ଇତ୍ୟାଦିକୁ ପ୍ରୋତ୍ସାହନ ଦେବାରେ ଏପରି ବୁଝାମଣା ଲାଭଦାୟକ ହେବ ବୋଲି ଆଶାପ୍ରକାଶ କରିଛନ୍ତି । ସେ ମଧ ରାଜ୍ୟରେ ବାୟୋଟେକ୍‌ନୋଲୋଜି କ୍ଷେତ୍ରରେ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି । ବୁଝାମଣାପତ୍ର ଅନୁସାରେ ବିଜ୍ଞାନ ଓ କାରିଗରୀ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ବିସିକେଆଇସି ସହଯୋଗୀ ଭାବରେ କାର୍ଯ୍ୟ କରିବ । ରାଜ୍ୟର ବିଜ୍ଞାନ ଓ କାରିଗରୀ ନୀତି ପ୍ରଣୟନ, ବିଭିନ୍ନ ବିଜ୍ଞାନଭିତ୍ତିକ କୌଶଳର ହସ୍ତାନ୍ତରଣ, ଶିକ୍ଷା-ସ୍ୱାସ୍ଥ୍ୟ-ପରିମଳ-ପରିବେଶ ଓ ଯୋଗାଯୋଗ କ୍ଷେତ୍ରରେ ଅଧିକ ଜ୍ଞାନବିନିମୟ, ତାଲିମ ଓ ଦକ୍ଷତା ବୃଦ୍ଧି, ଉଦ୍ୟୋଗ ତଥା ବୁଦ୍ଧିଜୀବୀଙ୍କ ମିଳିତ ଉଦ୍ୟମ ନିମନ୍ତେ ପ୍ରୋତ୍ସାହନ ଏବଂ ବିଦ୍ୟାଳୟସ୍ତରରୁ ପରୀକ୍ଷାମୂଳକ ଶିକ୍ଷଣ ନିମନ୍ତେ କାର୍ଯ୍ୟକ୍ରମ ରୂପାୟନ ଇତ୍ୟାଦି କ୍ଷେତ୍ରରେ ଉଭୟ ବିଜ୍ଞାନ ଓ କାରିଗରୀ ବିଭାଗ ତଥା ବିସିକେଆଇସି ଏକତ୍ର କାର୍ଯ୍ୟ କରିବେ ବୋଲି ବୁଝାମଣାପତ୍ରରେ ଦର୍ଶାଯାଇଛି । ବିଜ୍ଞାନ ଓ କାରିଗରୀ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି ଯେ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ନାଗରିକଙ୍କ ମଧ୍ୟରେ ମତାମତ ଆଦାନପ୍ରଦାନ କ୍ରମେ ବିଜ୍ଞାନ ଶିକ୍ଷା ତଥା ଗବେଷଣା କାର୍ଯ୍ୟକୁ ସଂପ୍ରସାରିତ କରିବାରେ ଏପରି ଉଦ୍ୟମ ଯଥେଷ୍ଟ ସହାୟକ ହେବ । ବିଭାଗ ପକ୍ଷରୁ ରାଜ୍ୟ ବିଜ୍ଞାନ ଓ କାରିଗରୀ ପରିଷଦର ସଂପାଦକ ପୂଜା ମିଶ୍ର ଓ ବିସିକେଆଇସି ପକ୍ଷରୁ ତା'ର ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମଦର୍ସ ପବ୍ଲିକ୍ ସ୍କୁଲର କୃତୀ ଛାତ୍ରୀ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଦଶମ ଓ ଦ୍ୱାଦଶ ଶ୍ରେଣୀର ସି.ବି.ଏସ୍.ଇ ପରୀକ୍ଷାରେ ଉଲ୍ଲେଖନୀୟ କୃତୀତ୍ୱ ହାସଲ କରିଥିବା ମଦର୍ସ ପବ୍ଲିକ୍ ସ୍କୁଲର ଛାତ୍ରୀ ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିଛନ୍ତି । ଏହି ଛାତ୍ରୀ ମାନେ ହେଲେ ଦଶମ ଶ୍ରେଣୀର ଶ୍ରେୟା ପଟ୍ଟନାୟକ ଓ ସ୍ୱୟଂଶ୍ରୀ ଗହନ ଏବଂ ଦ୍ୱାଦଶ ଶ୍ରେଣୀର ଶ୍ରେୟା ଶ୍ରୀପଦା । ଏମାନେ ସମସ୍ତେ ଭୁବନେଶ୍ୱରସ୍ଥିତ ମଦରସ୍ ପବ୍ଲିକ୍ ସ୍କୁଲର ଛାତ୍ରୀ । ଶ୍ରେୟା ଦଶମ ଶ୍ରେଣୀରେ ଶତ ପ୍ରତିଶତ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ଥାନ ହାସଲ କରିଥିବା ବେଳେ ସ୍ୱୟଂଶ୍ରୀ ୯୯.୬ ପ୍ରତିଶତ ନମ୍ବର ରଖିଛନ୍ତି । ସେହିପରି ଦ୍ୱାଦଶ ଶ୍ରେଣୀର ଶ୍ରେୟା ଶ୍ରୀପଦା ୯୭ ପ୍ରତିଶତ ନମ୍ବର ରଖିଛନ୍ତି । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କର ଭବିଷ୍ୟତର ଲକ୍ଷ୍ୟ ସଂପର୍କରେ ପଚାରି ବୁଝିଥିଲେ । ଶ୍ରେୟା ପଟ୍ଟନାୟକ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଇଚ୍ଛା ରଖିଥିବା ବେଳେ, ସ୍ୱୟଂଶ୍ରୀ ଜଣେ ବୈଜ୍ଞାନିକ ହେବାକୁ ଚାହାଁନ୍ତି ବୋଲି କହିଥିଲେ । ସେହିପରି ଦ୍ୱାଦଶ ଶ୍ରେଣୀର ଶ୍ରେୟା ଶ୍ରୀପଦା ଜଣେ ଚାଟାର୍ଡ ଆକାଉଂଟାଂଟ ହେବାକୁ ଚାହାଁନ୍ତି ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ସ୍କୁଲର ପ୍ରିନସିପାଲ ଓ ଭାଇସ ପ୍ରିନସିପାଲ ମଧ ପିଲାମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ।

## ଓଏସଡିଏର ଅଟୋଡେସ୍କ ଓ ମାଇକ୍ରୋସଫ୍ଟ ସହ ବୁଝାମଣାପତ୍ର ସ୍ୱାକ୍ଷର : ଲୋକାର୍ପଣ ହେଲା ୩ଟି ଅନଲାଇନ ପୋର୍ଟାଲ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ସ୍କିଲିଂ ଏବଂ ନିଯୁକ୍ତି କ୍ଷେତ୍ରରେ ଏକ ନବଦିଗନ୍ତ ପ୍ରଦାନ କରିବା ନେଇ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ବିଶ୍ୱର ଦୁଇଟି ଅଗ୍ରଣୀ ବୈଷୟିକ ସଂସ୍ଥା ସହିତ ଆଜି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ଅବସରରେ ଦକ୍ଷତା ବିକାଶ ପଦକ୍ଷେପଗୁଡିକର ସେବା ବିତରଣରେ ଉନ୍ନତି ଆଣିବା ପାଇଁ ଓଏସ୍‌ଡିଏର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରିତୀରଞ୍ଜନ ଘଡେଇ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ,ହେମନ୍ତ ଶର୍ମା ଡିଜିଟାଲ, ଦକ୍ଷତା ଓ ନିଯୁକ୍ତି ସୂଚନା ବ୍ୟବସ୍ଥା ଏବଂ ପିଆଇଏ ପେମେଂଟ ଅଟୋମେସନ ଭଳି ତିନୋଟି ଅନଲାଇନ ପୋର୍ଟାଲକୁ ଲୋକାର୍ପଣ କରିଛନ୍ତି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ଘଡେଇ କହିଛନ୍ତି ଯେ ଅଟୋଡେସ୍କ ଏବଂ ମାଇକ୍ରୋସଫ୍ଟ ସହ ସହଭାଗିତା ହେବା ଦ୍ୱାରା ଓଡିଶାରେ ବୈଷୟିକ ଶିକ୍ଷା ଏବଂ ଶିକ୍ଷାର ସ୍ତର ବୃଦ୍ଧି ହେବ । ସମଗ୍ର ରାଜ୍ୟରେ ଶିକ୍ଷାନୁଷ୍ଠାନ, ଛାତ୍ରଛାତ୍ରୀ ଏବଂ ପ୍ରଶିକ୍ଷକମାନେ ବିଶ୍ୱସ୍ତରୀୟ ସଫ୍ଟଓ୍ୟାର୍ ଶୀଘ୍ର ଏବଂ ସହଜରେ ପାଇପାରିବେ । ଏହାସହ ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଭାବଶାଳୀ ତାଲିମରେ ଉନ୍ନତି ଆଣିବା ନିମନ୍ତେ ଏହି ପୋର୍ଟାଲର ଉନ୍ମୋଚନ କରାଯାଇଛି । ଥ୍ରିଡି ଡିଜାଇନ୍, ଇଞ୍ଜିନିୟରିଂ ଏବଂ ମନୋରଞ୍ଜନ ସଫଟଓ୍ୟାର ବିକାଶରେ ବିଶେଷଜ୍ଞ ଥିବା ଅଟୋଡେସ୍କ ସହିତ ଏକ ଏମଓୟୁ ଆଜି ସ୍ୱାକ୍ଷରିତ ହୋଇଛି । ଓ୍ୱାର୍ଲ୍ଡ ସ୍କିଲ ସେଂଟରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଏସଡିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରେଘୁ ଜି ଏବଂ ଆପାକ୍ ର ନିର୍ଦ୍ଦେଶକ କନ୍‌ଓ୍ୱେଗୋ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି । ଅଟୋଡେସ୍କ ଏବଂ ମାଇକ୍ରୋସଫ୍ଟର ସହଯୋଗ ଦ୍ୱାରା ଇଞ୍ଜିନିୟରିଂ କ୍ଷେତ୍ରରେ ଅନ୍ତର୍ଜାତୀୟ ମାନଦଣ୍ଡ ପୂରଣ କରିବା ପାଇଁ ରାଜ୍ୟର ଛାତ୍ରଛାତ୍ରୀ ଏବଂ ଯୁବକଯୁବତୀମାନଙ୍କ ନିମନ୍ତେ ଏକ ବଡ଼ ସୁଯୋଗ ସୃଷ୍ଟି କରିବ, ଯାହା ସେମାନଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ପାଇବାରେ ଏକ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରିବ । ସ୍ନାତକୋତର, ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ନିଯୁକ୍ତି ଆଶାୟୀଙ୍କୁ ଡିଜିଟାଲ ସ୍କିଲିଂ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତିକରଣ ନିମନ୍ତେ ଓଏସଡିଏ ଏବଂ ମାଇକ୍ରୋସଫ୍ଟ ମଧ୍ୟରେ ଆଉ ଏକ ବୁଝାମଣା ହୋଇଯାଇଛି । ଯାହା ଦ୍ୱାରା ଯୁବଗୋଷ୍ଠୀ ପ୍ରଯୁକ୍ତି କ୍ଷେତ୍ରରେ ବୃତ୍ତି ଆପଣେଇବାର ସୁଯୋଗ ପାଇପାରିବେ । ରାଜ୍ୟର ୫୦ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ଡିଜିଟାଲ ସ୍କିଲିଂ କ୍ଷେତ୍ରରେ ପ୍ରଶିକ୍ଷଣ ସହ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଓଏସଡିଏ, ମାଇକ୍ରୋସଫ୍ଟ ଓ ଏହାର ଅଣଲାଭକାରୀ ସହଯୋଗୀଙ୍କ ସହ ତିନୋଟି ବୁଝାମଣା କରିଛି । ଅଟୋଡେସ୍କ ସହ ସହଭାଗୀତା ଦ୍ୱାରା ଓଡିଶାର ଯାନ୍ତ୍ରିକ ମହାବିଦ୍ୟାଳୟ, ଆଇଟିଆଇ, ପଲିଟେକ୍‌ନିକ୍ ଏବଂ ଧନ୍ଦାମୂଳକ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କ ପାଇଁ ଡିଜାଇନ୍ ଏବଂ ଇଞ୍ଜିନିୟରିଂ ବିଷୟଗୁଡ଼ିକୁ ଉପଲବ୍ଧ ହେବ । ବିଶେଷତଃ ଏହା ଦ୍ୱାରା ପ୍ରାୟ ୭୫,୦୦୦ ଛାତ୍ରଛାତ୍ରୀ ଅଟୋଡେସ୍କ ଫ୍ୟୁଜନ୍ ଏବଂ ଜେନେରେଟିଭ୍ ଡିଜାଇନ୍ ଟେକ୍ନୋଲୋଜିକୁ ବ୍ୟବହାର କରିପାରିବେ,ଏହା ନିର୍ମାଣ କ୍ଷେତ୍ରରେ କୌଶଳ ବ୍ୟବଧାନକୁ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଭବିଷ୍ୟତର କାର୍ଯ୍ୟଶୈଳୀ ନିମନ୍ତେ କୌଶଳ ଏବଂ ଉତ୍ସ ଯୋଗାଇବ ।

## ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୮୨ କରୋନା ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟରେ ଗତକାଲି ଅପେକ୍ଷା ଆଜି କରୋନା ସଂକ୍ରମଣ ସାମାନ୍ୟ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ଗତକାଲି ୨୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ୪୮୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ବୟସ ମଧ୍ୟରେ ୧୦୮ ଜଣ ଅଛନ୍ତି । ସଂଗରୋଧ କେନ୍ଦ୍ରରୁ ୨୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧୯୯ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୩୨୪୦୬୯ରେ ପହଞ୍ଚିଛି । ୨୪ ଘଣ୍ଟା ମଧ୍ୟରେ ୫୫୩ ଜଣ ସୁସ୍ଥ ହୋଇଥିବା ବେଳେ ଏବେ ସୁଦ୍ଧା ସୁସ୍ଥ ହୋଇ ସାରିଲେଣି ୧୩୧୧୯୪୭ ଜଣ । ଏବେ ବି ସକ୍ରିୟ ଅଛନ୍ତି ୨୯୦୯ ଜଣ । ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୦୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅନୁଗୁଳରୁ ଜଣେ, ବାଲେଶ୍ୱରରୁ ୯ ଜଣ, ବରଗଡ଼ରୁ ୯ ଜଣ, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୨୪ ଜଣ, ବେ ?ଦ୍ଧରୁ ୩୭ ଜଣ, କଟକରୁ ୧୬ ଜଣ, ଦେଓଗଡ଼ରୁ ୪ ଜଣ, ଗଜପତିରୁ ୬ ଜଣ, ଜଗତ୍‌ସିଂହପୁରରୁ ୨ ଜଣ, ଯାଜପୁରରୁ ୧୦ ଜଣ, ଝାରସୁଗୁଡ଼ାରୁ ୮ ଜଣ, କଳାହାଣ୍ଡିରୁ ୧୬ ଜଣ, କନ୍ଧମାଳରୁ ୭ ଜଣ, କେନ୍ଦ୍ରପଡ଼ାରୁ ୬ ଜଣ, କେନ୍ଦୁଝରରୁ ୧୦ ଜଣ, ଖୋର୍ଦ୍ଧାରୁ ୭୧ ଜଣ, କୋରାପୁଟରୁ ୫ ଜଣ, ମୟୂରଭଞ୍ଜରୁ ୧୭ ଜଣ, ନବରଙ୍ଗପୁରରୁ ୨୭ ଜଣ, ନୟାଗଡ଼ରୁ ୧୧ ଜଣ, ନୂଆପଡ଼ାରୁ ୧୭ ଜଣ, ପୁରୀରୁ ୫ ଜଣ, ରାୟଗଡ଼ାରୁ ଜଣ, ସମ୍ବଲପୁରରୁ ୨୬ ଜଣ, ସୋନପୁରରୁ ୭ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ମନୁଷ୍ୟକୃତ ବନ୍ୟା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ : ସମୀର ମହାନ୍ତି

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟବାସୀଙ୍କୁ ଜଳବନ୍ଦୀ କରି ହନ୍ତସନ୍ତ କରୁଥିବା ଚଳିତ ବର୍ଷର ବନ୍ୟା ସଂପୂର୍ଣ୍ଣ ମନୁଷ୍ୟକୃତ । ରାଜ୍ୟରେ ବନ୍ୟା ପରିସ୍ଥିତି ଅସମ୍ଭାଳ ହେଉଥିବାବେଳେ ବନ୍ୟା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ ବେଖାତିର ଓ ମନମୁଖୀ ଶାସନ କାରଣରୁ ରାଜ୍ୟର ଲୋକେ ପାଣିଘେରରେ ରହି ଜୀବନ ଓ ଜୀବିକା ସହ ସଂଗ୍ରାମ କରୁଛନ୍ତି। ବନ୍ୟା, ବାତ୍ୟା ବହୁଳ ରାଜ୍ୟ ହୋଇଥିବାରୁ ଓଡିଶାବାସୀ ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ। ଚଳିତ ବର୍ଷ ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକମାନଙ୍କ ଦୁର୍ଦ୍ଦଶା ଅବର୍ଣ୍ଣନୀୟ । ମନୁଷ୍ୟକୃତ ବନ୍ୟା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ନିଜେ ପୁରୀ ଜିଲ୍ଲା କଣାସ ବ୍ଲକର ବଳଭଦ୍ରପୁର, ବଡାସ, ଦୋକନ୍ଦା, ସାନପୁଟ, ବୋତଲମା, ଗଡବଳଭଦ୍ରପୁର, ଅଶ୍ୱସ୍ତପାରି, ବୈଦନାଥପାଟଣା, କଖାରୁବସ୍ତ, ତରପଡା, ବାଲିପାଟଣା, କଦଳିଦୋଣ୍ଡା ଗାଁ ବୁଲି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ଚାହିଁଥିଲେ ଘାଇ ସୃଷ୍ଟିକୁ ରୋକା ଯାଇପାରିଥାନ୍ତା ବୋଲି ମକରାଠାରେ ସୃଷ୍ଟି ହୋଇଥିବା ଘାଇ ଅଂଚଳବାସୀ ରାଜ୍ୟବାସୀଙ୍କୁ କହିଥିଲେ । ଏହା ପରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଏସଆରସିଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା ହୋଇ ବନ୍ୟା କ୍ଷତିଗ୍ରସ୍ତଙ୍କ ସ୍ୱାର୍ଥରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ବିଜେପିର ଗୋଟିଏ ଦଳ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଆଜି କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ ପାଥପୁର ଓ କଇମୁଣ୍ଡି ପଂଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମାଂଚଳ ଗସ୍ତ କରିଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ସଂପାଦକ ଅମର ନାୟକ, ପିଙ୍କି ପ୍ରଧାନ, ସ୍ଥାନୀୟ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ପାଢୀ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷିକେଶ ଜେନା ପ୍ରମୁଖ ସାମିଲ ଥିଲେ । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ମନମୋହନ ସାମଲଙ୍କ ନେତୃତ୍ୱରେ ଅନ୍ୟ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡା ଜିଲ୍ଲା ଡେରାବିଶି ବ୍ଲକର ବଣାପୁର, ପୁରୁଷୋତମପୁର ପଂଚାୟତର ବିଭିନ୍ନ ବନ୍ୟାଚଂଳ ମାର୍ଶାଘାଇ ବ୍ଲକର ଜଳପୋକ, କରିଲୋପାଟଣା, ଆୟତପୁର, ଡିହବଳରାମପୁର, ମେହେନ୍ଦୀନଗର, କରାଣ୍ଡିଆପାଟଣା ପଂଚାୟତର ବିଭିନ୍ନ ଗ୍ରାମ, ମହାକାଳପଡା ବ୍ଲକର ଆଖୁଆ, ବଡଲାଙ୍ଗ, ରାଘବପୁର, ମାଣ୍ଡିଆକୁଦ, ପରକୁଳ, ପିକରାଳି, ତିଖିରି, ମଙ୍ଗରାଜପୁର ପଂଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହିତ ଉଦ୍ଧାର ଓ ରିଲିଫ କାର୍ଯ୍ୟର ତଦାରଖ କରିଛନ୍ତି । ରାଜ୍ୟ ସରକାର ସମ୍ବେଦନଶୀଳ ହୋଇ କ୍ଷତିଗ୍ରସ୍ତଙ୍କ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରବା ପାଇଁ ବନ୍ୟାଂଚଳ ଗସ୍ତ କରିଥିବା ପ୍ରତିନିଧି ଦଳର ସଦସ୍ୟମାନେ ଦାବି କରିଛନ୍ତି ।

## ରାଜ୍ୟରେ ନୂଆ ୪୮୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୪୦୬୯ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୪୮୨ ଆକ୍ରାନ୍ତଙ୍କ ମଧ୍ୟରୁ ୨୮୩ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୯୯ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୦୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୫୫୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୧୯୪୭ ରେ ପହଂଚିଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୯୦୯ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୪୮୨ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୯, ବରଗଡ ଜିଲ୍ଲାରେ ୯, ଭଦ୍ରକ ଜିଲ୍ଲାରେ ୨, ବଲାଙ୍ଗୀର ଜିଲ୍ଲାରେ ୨୪, ବୌଦ୍ଧ ଜିଲ୍ଲାରେ ୩୭, କଟକ ଜିଲ୍ଲାରେ ୧୬, ଦେବଗଡ ଜିଲ୍ଲାରେ ୪, ଗଜପତି ଜିଲ୍ଲାରେ ୬, ଜଗତସିଂହପୁର ଜିଲ୍ଲାରେ ୨, ଯାଜପୁର ଜିଲ୍ଲାରେ ୧୦, ଝାରସୁଗୁଡା ଜିଲ୍ଲାରେ ୮, କଳାହାଣ୍ଡି ଜିଲ୍ଲାରେ ୧୬, କନ୍ଧମାଳ ଜିଲ୍ଲାରେ ୭ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରେ ୬, କେନ୍ଦୁଝର ଜିଲ୍ଲାରେ ୧୦ ଜଣ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୫, ମୟୁରଭଞ୍ଜ ଜିଲ୍ଲାରେ ୧୭, ନବରଙ୍ଗପୁର ଜିଲ୍ଲାରେ ୨୭, ନୟାଗଡ ଜିଲ୍ଲାରେ ୧୧, ନୂଆପଡ଼ା ଜିଲ୍ଲାରେ ୧୭ ଚିହ୍ନଟ ହୋଇଛନ୍ତି ।

## ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଦପ୍ତର ୭୬ ତମ ସ୍ୱାଧିନତା ଦିବସ ପାଳିତ



ଖୋର୍ଦ୍ଧା, ୧୮/୦୮ (ନି.ପ୍ର): ସକାଳ ୯.୧୫ ପୂର୍ବାହ୍ନରେ ଆମ ଓଡ଼ିଶାର ରାଷ୍ଟ୍ର ମନ୍ତ୍ରୀ, ଇଲୋକ୍ଟ୍ରୋଟିନ, ସୁଚନା ପ୍ରଯୋକ୍ତି, ଖେଳ, ଯୁବ କଲ୍ୟାଣ ସ୍ୱରାଷ୍ଟ ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା ଖୋର୍ଦ୍ଧା ବିଜେପି ହାଇସ୍କୁଲ୍ ଖେଳପଡିଆ ଆମ ଦେଶର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉକ୍ତ ଉତ୍ସବରେ ଖୋର୍ଦ୍ଧା ବିଧାୟକ, ଜିତୁ ମିତ୍ର, ଖୋର୍ଦ୍ଧା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଖୋର୍ଦ୍ଧା ଏସ, ପି, କାଟରିଆ, ଅତିରିକ୍ତ ଜିଲ୍ଲାପାଳ ମନୋଜ ପାଢ଼ୀ,ଉପ ଜିଲଲାପାଳ ଈଶ୍ୱର ଗୌରବ ଶିବାଜୀ, ଖୋର୍ଦ୍ଧା ପୌରପରିଷଦ ଅଧ୍ୟକ୍ଷା କନକଲତା ମହାନ୍ତି, ଜିଲାପରିଷଦ ଅଧ୍ୟାକା, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା, ସମସ୍ତ ବିଭାଗ ଅଧିକାରୀ, ଖୋର୍ଦ୍ଧା ବୁଦ୍ଧିଜୀବୀ ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନେ ଖୋର୍ଦ୍ଧା ଯୋଗ ଦେଇଥିଲେ। ଖୋର୍ଦ୍ଧା ପୋଲିସ ଓ ରିଜର୍ଭ ପୋଲିସ ପାରେଟ ପଢ଼ିଆ ଉପତିସ୍ତ ରହି ମନ୍ତ୍ରୀଙ୍କୁ ଅଭିବାଦନ ଦେଇ ତାଙ୍କ ଦ୍ୱାରା ପତାକା ଉତ୍ତଳନ କରାଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ସୁଚନା ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା ଖୋର୍ଦ୍ଧା ଏହି ଉତ୍ସବକୁ ପରିଚାଳନା କରିଥିଲେ । ଏହା ପରେ ଖୋର୍ଦ୍ଧା ବିଜେପି ହାଇସ୍କୁଲ ବଗିଚାରେ ବୃକ୍ଷ ରୋପଣ ଓ ଖୋର୍ଦ୍ଧା ମୁଖ୍ୟ ଡାକ୍ତର ଖାନରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

## ଇନ୍ଦ୍ର କୁମାର ମେଗୱାଲଙ୍କ ହତ୍ୟାର ନ୍ୟାୟ ଦାବିରେ ପ୍ରତିବାଦ ସଭା

ଜଳେଶ୍ୱର, ୧୮/୮ (ନି.ପ୍ର): ରାଜସ୍ଥାନର ଜଲର ଜିଲ୍ଲାରେ ଏକ ୯ବର୍ଷର ଛାତ୍ରର ହତ୍ୟା ପ୍ରତିବାଦରେ ଆଜି ସିପିଆଇଏମ୍ ଓ ଆମ୍ବେଦକର ସମତାମଂଚ ପକ୍ଷରୁ ଜଳେଶ୍ୱର ବସ୍‌ଷ୍ଟାଣ୍ଡ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । ଜଣେ ବିଦ୍ୟାଳୟର ଛାତ୍ରକୁ ଅମାନୁସିକଭାବେ ହତ୍ୟା କରାଯିବାକୁ ଜଳେଶ୍ୱର ସିପିଏମ୍ ପକ୍ଷରୁ ପ୍ରତିବାଦ କରାଯାଇଛି । ଦିଲ୍ଲିପ କୁମାର ଗିରିଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ସିତାଂଶୁ ସେନାପତି, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ପରିଡା, ଜିତାଂଶୁ ନନ୍ଦି, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ଜୀବନ ପରିଡା, ସବିତା ଭୂୟାଁ, ମଦନ ମହାଲି, ଧିରେନ୍ଦ୍ର ଦେ, ଲକ୍ଷ୍ମୀଧର ପଲାଇ, ଗଣେଶ ପାତ୍ର, ପ୍ରକାଶ ଦେ, ଅଶୋକ ଜେନା, ଜଗନ୍ନାଥ ମୁର୍ମୁ, ନିରୋଜ ବେହେରା, ଅଜୟ ପଲାଇ ପ୍ରମୁଖ ଯୋଗ ଦେଇ ମୃତ ଛାତ୍ରର ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ବାରିପଦା, ୧୮/୦୮ (ନି.ପ୍ର): ସ୍ଥାନୀୟ ପୋଲିସ ପଡିଆରେ ମା କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ତଥା ପୋଲିସ ଆର ଆଇଙ୍କ ତତ୍ୱାବଧାନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ମା କିଚକେଶ୍ୱରୀ, ପୋଲିସ ଟିମ, ବଡ଼ବ୍ରାହ୍ମଣମରଓ, ଷ୍ଟୁଡେଂଟ ଟିମ ଓ ଡିପାସାହି ସମେତ ମୋଟ ୫ଟି ଦଳ ଅଂଶଗ୍ରହଣ କରିଥିଲେ ଓ ଫାଇନାଲ ମ୍ୟାଚରେ ପୋଲିସ ଟିମ ମା କିଚକେଶ୍ୱରୀ ଟିମକୁ ୨-୧ ସେଟରେ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ପୋଲିସ ଆର ଆଇ କୁଳମଣି ଗିରି, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ କୁମାର ମହାନ୍ତି, ମୟୁରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଲିବଲ ସହ ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ, ସହ ସମ୍ପାଦକ ଅମର କୁମାର ସେଠି, ବୈଦ୍ୟନାଥ ରଥ, ଅମ୍ବିକା ରାଉତ, କ୍ରୀଡା ପ୍ରଶିକ୍ଷକ ନାରାୟଣ ପୋଦାର, ମଣ୍ଟୁ ଦାସ, ପ୍ରଭାତ ମହାନ୍ତି, ରୁନା ପାଲବାବୁ, ବରିଷ୍ଠ କୋଚ କୁମାର ରଞ୍ଜନ ପଣ୍ଡା, ଭାନୁ ପ୍ରତାପ ଭଞ୍ଜଦେଓ, ରଘୁନାଥ ରାଓ, ନେପା ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ । ଭଲିବଲ କୋଚ ମନୋରଞ୍ଜନ ଜୀଉ, ଚନ୍ଦ୍ରମୋହନ ଦଳେଇ, ହରିହର ମଲ୍ଲିକ ଓ ରଘୁନାଥ ନାୟକ ଖେଳ ପରିଚାଳନା କରିଥିଲେ ଓ ଲକ୍ଷ୍ମୀ ସାହୁ, ଅଭିଜିତ ଓ ସୁଶାନ୍ତ ଭକ୍ତା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ ।

## ଝିଅକୁ ଅପହରଣ କରି ଛେଚା ଖାଇଲେ ମାଆ




ନୀଳଗିରି, ୧୮/୦୮ (ନି.ପ୍ର): ନିଜର ନାବାଳିକା କନ୍ୟାକୁ ଅପହରଣ କରିବା ଘଟଣାରେ ନିଜର ମାଆ ଛେଚା ଖାଇବା ସହିତ ତାଙ୍କ ସହ ଆସିଥିବା ସଂପର୍କୀୟମାନେ ମଧ ମାଡ଼ ଖାଇବାରୁ ବାଦ ପଡ଼ିନାହାନ୍ତି । ଏକ ସିନେମା ଷ୍ଟାଇଲରେ ସୁଦୂର ଭୂବନେଶ୍ୱରର ନାବାଳିକାର ମାଆ ସଂର୍ପକୀୟମାନଙ୍କୁ ଧରି ନିଜର ଶ୍ୱଶୁର ଘର ମିତ୍ରପୁର ଠାରେ ପହଂଚି ଜୈନିକ ମଧ୍ୟସ୍ଥି ମାଧ୍ୟମରେ ଝିଅକୁ ଅପହରଣ କରି ନେଉଥିବା ସମୟରେ ତା'ର ସ୍ୱାମୀ ଜାଣିବା ପରେ ନିଜର ବନ୍ଧୁବର୍ଗଙ୍କୁ ଡାକି ନିଜର ଝିଅକୁ ଅପହରଣ କବଳରୁ ମୁକ୍ତ କରିଥିଲେ । ପ୍ରାପ୍ତ ସୂଚନା ଅନୁସାରେ ପ୍ରାୟ ଦଶ ବର୍ଷ ପୂର୍ବରୁ ମିତ୍ରପୁର ଅଂଚଳର ଭାଗବତ ରାଉତ ଭୂବନେଶ୍ୱର ଖଣ୍ଡଗିରି ଅଂଚଳର ସୁସଂଗୀତା ମଙ୍ଗରାଜଙ୍କୁ ଭଲ ପାଇ ବିବାହ କରିଥିଲେ । ମାତ୍ର ୩/୪ବର୍ଷ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସୁସଂପର୍କ ରହିଥିଲା । ଇତିଅବସରରେ ତାଙ୍କ ଔରସରୁ ଦୁଇଟି କନ୍ୟା ଜନ୍ମ ଗ୍ରହଣ କରିଥିଲେ । ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ହେବା ପରେ ସ୍ତ୍ରୀ ସୁସଂଗୀତା ମଙ୍ଗରାଜ ନିଜ ବାପ ଘର ଭୂବନେଶ୍ୱର ଖଣ୍ଡଗିରି କୁ ପଳାଇ ଯାଇଥିଲେ । ଯିବା ବେଳେ ନିଜ ସ୍ୱାମୀ ପାଖରେ ବଡ଼ ଝିଅକୁ ଛାଡ଼ି ପଳାଇ ଯାଇଥିବାବେଳେ ସାଙ୍ଗରେ ନିଜ ସାନଝିଅକୁ ନେଇ ଯାଇଥିଲେ । ସେବେଠୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସଂପର୍କର ସେତୁବନ୍ଧର ପୂର୍ଣ୍ଣଛେଦ ପଡ଼ିଥିଲା । ବାପ ବଡ଼ ଝିଅକୁ ଲାଳନ ପାଳନ କରିବା ସହ ବର୍ତ୍ତମାନ ଝିଅ ସପ୍ତମ ଶ୍ରେଣୀରେ ପଢୁଅଛି । ମାତ୍ର ମାଆର ମନ ବଡ଼ ଝିଅ ପାଖରେ ବନ୍ଧା ପଡ଼ିଥିଲା ବେଳେ କିଭଳି ବଡ଼ଝିଅକୁ ନିଜ ପାଖକୁ ଆଣିବ ସେଥିପାଇଁ କୁଚକ୍ରାନ୍ତ ଯୋଜନା ଆରମ୍ଭ କରିଥିଲା । ଶ୍ୱଶୁର ଘରର ନିକଟ ସଂପର୍କୀୟ ବ୍ୟକ୍ତି ସହିତ ଏ ବାବଦରେ ଯୋଗାଯୋଗ କରୁଥିଲା । ଗୁରୁବାର ଜନ୍ମାଷ୍ଟମୀ ଥିବାରୁ ସ୍କୁଲ ଛୁଟି ପଡ଼ିଥିବା ବେଳେ ବଡ଼ ଝିଅ ସାଇକେଲ ଯୋଗେ ଟିଉସନରେ ଯାଉଥିଲା ବେଳେ ଯୋଜନାବଦ୍ଧ ଭାବରେ ସଂପର୍କୀୟଙ୍କୁ ଏକ କାର ଯୋଗେ ମିତ୍ରପୁରରେ ପହଂଚିବା ପରେ ମଧ୍ୟସ୍ଥି ଜଣକୁ ଝିଅଟିକୁ ଆଣି ତା ମାଆକୁ ଦେବା ପରେ ଝିଅକୁ ଅପହରଣ କରି ନେଉଥିବା ବେଳେ ସ୍ୱାମୀ ଭାଗବତ ଜାଣିବା ପରେ ତୁରନ୍ତ ବନ୍ଧୁବାନ୍ଧବଙ୍କୁ ଧରି କଂଟାବଣିଆ ଠାରେ କାରକୁ ଅଟକାଇ ଝିଅଟିକୁ ଉଦ୍ଧାର କରିଥିଲେ । ଘଟଣା ପ୍ରଚାର ହେବା ପରେ ଘଟଣାସ୍ଥଳରେ ଲୋକାରଣ୍ୟ ହୋଇପଡ଼ିଥିଲା । ସାଧାରଣ ଲୋକେ ଘଟଣା ସଂପର୍କରେ ଜାଣିବା ପରେ ତାର ମାଆ ସୁସଂଗିତା ମଙ୍ଗରାଜ, ବାପା ସୁବାସଚନ୍ଦ୍ର ମଙ୍ଗରାଜ ଏବଂ ଝିଅର ମାଉସୀ ସସ୍ମିତା ମଂଗରାଜ , ମାମୁଁ ପ୍ରଭାସ ସାମନ୍ତରାୟଙ୍କୁ ରୀତିମତ ପିଟାମରା କରିଛନ୍ତି । ଖବର ଲେଖିଲା ବେଳେକୁ ଉଭୟପକ୍ଷ ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ପରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି ।

## ପାଣିକୁଣ୍ଡରେ ପଡ଼ି ୫ବର୍ଷର ଶିଶୁ ପୁତ୍ରର ମୃତ୍ୟୁ

ନୀଳଗିରି, ୧୮/୦୮ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ ବେଗୁନିଆ ପଂଚାୟତରେ ଅଘଟଣ ଘଟି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଉକ୍ତ ଗାଁର ଏକ ପାଣିଟାଙ୍କି କାର୍ଯ୍ୟ ଚାଲୁଥିବା ବେଳେ ପାଖରେ ଏକ ଖାଲ ଥିଲା । ଏଥିରେ ପାଣି ଭର୍ତ୍ତି ଥିବାରୁ ସେହି ଗାଁର ଗୋବିନ୍ଦ ସିଂଙ୍କର ୫ବର୍ଷର ପୁଅ କିରଣ ଗଳି ପଡ଼ିଥିଲେ । ପାଖରେ କେହି ଲୋକ ନ ଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା । କିଛି ସମୟ ପରେ ପରିବାର ଲୋକ କିରଣକୁ ଖୋଜି ଖୋଜି ପାଣି ଭର୍ତି ଥିବା ଖାଲରେ ଶିଶୁ ପୁତ୍ରକୁ ଉଦ୍ଧାର କରିଥିଲେ । ସେତେବେଳକୁ ତାର ପ୍ରାଣବାୟୁ ଉଡ଼ି ଯାଇଥିଲା । ଉକ୍ତ ଘଟଣାରେ ଗାଁରେ ଚାପା ଉତେଜନା ଲାଗି ରହିଥିବା ବେଳେ ନୀଳଗିରି ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି । ପରେ ଶବକୁ ଉଦ୍ଧାର କରି ପୋଷ୍ଟମଟମ କରାଯାଇଛି । ତେବେ ୫ବର୍ଷର ଶିଶୁ ପୁତ୍ରକୁ ହରାଇ ପରିବାର ଲୋକେ ଭାଙ୍ଗିପଡ଼ିଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ପିଲା ଦୁଷ୍ଟାମୀକୁ ନେଇ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ : ଥାନାରେ ମାମଲା

ଜଳେଶ୍ୱର, ୧୮/୮(ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ଝାଡପିମ୍ପଳ ଗ୍ରାମର ସୃଷ୍ଟିଧର ଦଳାଇ(୬୦)ଙ୍କୁ ପଡୋଶୀ ବଂଶିଧର ଦଳାଇ, ରବିନ୍ଦ୍ର ଦଳାଇ, ଦଲକା ଦଳାଇ ପ୍ରମୁଖ ସଂଘବଦ୍ଧଭାବେ ଆକ୍ରମଣ କରି ମୁମୂର୍ଷୁ କରିଥିବା ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ସୃଷ୍ଟିଧର ଦଳାଇଙ୍କ ଅଢେଇ ବର୍ଷର ଛୁଆ ପଡୋଶୀ ବୁଲା ଓରଫ ସନ୍ତୋଷ ଦଳେଇଙ୍କ ବାଡିରେ ଥିବା ଲଙ୍କାଗଛ ଭାଂଗି ଦେଇଥିଲେ । ସେ ଉତକ୍ଷିପ୍ତ ହୋଇ ଗାଲିଗୁଲଜ କରୁଥିବା ବେଳେ ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା । ପରେ ତାହା ଉଗ୍ରରୂପ ଧାରଣ କରିଥିବା ବେଳେ ସୃଷ୍ଟିଧରଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହିତ ଭୁଜାଲିରେ ହାଣିଥିବା ଜଳେଶ୍ୱର ଥାନାରେ ପିଡିତଙ୍କ ସ୍ତ୍ରୀ ବାସନ୍ତି ଦଳେଇ ଅଭିଯୋଗ କରିଛନ୍ତି । ପିଡିତଙ୍କୁ ପ୍ରଥମେ ଜିକେଭଟର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

## ଦିଲ୍ଲୀ ସରକାର ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କ ସହିତ ଅଛନ୍ତି : ଅନୁରାଗ ଠାକୁର

ନୂଆଦିଲ୍ଲୀ, ୧୮/୦୮ : କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର ଦିନ ରୋହିଂଗ୍ୟାଙ୍କୁ ବସାଇବାକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରୀୱାଲ ଉପରେ ଟାର୍ଗେଟ କରିଛନ୍ତି । କେଜରିୱାଲ ସରକାରଙ୍କ ଅଭିଯୋଗ ଉପରେ ପାଲଟା ଆକ୍ରମଣ କରି ସେ କହିଛନ୍ତି ଯେ ଦିଲ୍ଲୀ ସରକାର ରୋହିଂଗ୍ୟା ଅନୁପ୍ରବେଶକାରୀଙ୍କ ସହିତ ଅଛନ୍ତି । ଆପ ସରକାର ରୋହିଂଗ୍ୟାଙ୍କୁ ଲିଖିତରେ ଫ୍ଲାଟ ଦେବାର ଦାବି କରିଥିଲେ। କେଜରୀୱାଲ ସରକାର ରୋହିଂଗ୍ୟାଙ୍କୁ ଇଡବ୍ଲ୍ୟୁଏସ୍‌ର ଘର ଦେବା ଚାହେଁ। ତାଙ୍କୁ ଏଠାରେ ରହିବା ଚାହେ। ଗୁରବାର ଦିନ ଆୟୋଜିତ ପ୍ରେସବର୍ତାରେ ଅନୁରାଗ ଠାକୁର କେଜରୀୱାଲ ସରକାର ଉପରେ ଅଭିଯୋଗ ଲଗାଇ କହିଛନ୍ତି ଯେ ଦିଲ୍ଲୀରେ ରହିଥିବା ଅନୁପ୍ରବେଶକାରୀ ରୋହିଂଗ୍ୟାଙ୍କୁ ମୁକ୍ତ ପାଣି, ବିଜୁଳୀ, ରାଶନ ଦିଆଯାଉଛି। ଏବେ ଫ୍ଲାଟ ମଧ ଦିଲ୍ଲୀ ସରକାର ଦେବାକୁ ଚାହେଁ। ମନୀଷ ସିସୋଦିୟାଙ୍କ ବୟାନ ଉପରେ ଅନୁରାଗ ଠାକୁର ପଚାରିଲେ ଯେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଡିଟେଂଶନ ସେଂଟର କାହିଁକି ପ୍ରସ୍ତୁତ କରାଯାଇ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଜମ୍ମୁକାଶ୍ମୀରରେ ଅଣସ୍ଥାନୀୟ ଲୋକଙ୍କ ....

ପତାକାକୁ ମଧ ଓହ୍ଲାଇଦେବ । ସେ ଅଭିଯୋଗ କରିଛନ୍ତି, ବିଜେପି ସମସ୍ତ ନିଷ୍ପତ୍ତି ନିଜେ ନେଉଛି, ଯାହା ରାଷ୍ଟ୍ରପାଇଁ ନୁହେଁ । ବିଜେପି ଦେଶକୁ ହିନ୍ଦୁ ରାଷ୍ଟ୍ର ନୁହେଁ ଭାଜପା ରାଷ୍ଟ୍ରରେ ପରିବର୍ତ୍ତନ କରିବାକୁ ଯାଉଛି । ଅଣସ୍ଥାନୀୟ ଲୋକଙ୍କୁ ଭୋଟ ଦେବାର ଅଧିକାର ଦେବାର ଅର୍ଥ ଭାଜପା ସେମାନଙ୍କ ଜରିଆରେ ଏଠାରେ ଶାସନ କରିବା । ସେମାନେ ବୁଝିସାରିଛନ୍ତି ଜମ୍ମୁ-କାଶ୍ମୀରରେ ତିନିବର୍ଷର ଶାସନ ପରେ ସେମାନେ ବିଫଳ ହୋଇଛନ୍ତି । କେବଳ ମୁସଲମାନଙ୍କ ପାଇଁ ନୁହେଁ ବରଂ ଡୋଗରା ଏବଂ ପଣ୍ଡିତ ସମୁଦାୟ ପାଇଁ ସ୍ଥିତି ଭିନ୍ନ ରହିଛି । କାଶ୍ମୀର ପଣ୍ଡିତଙ୍କ ପାଇଁ ଢୋଲ ବାଡେଇବା ପରେ ମଧ ଭାଜପା ତାଙ୍କ ଭୋଟର ଅଧିକାର ସୁନିଶ୍ଚିତ କରିପାରୁନାହିଁ । ଫଳ ଏହା ହେଲା ଯେ କାଶ୍ମୀର ପଣ୍ଡିତ ବର୍ତ୍ତମାନ ସେମାନଙ୍କ ମତଦେବା ଅଧିକାର ବନ୍ଦ କରିଦେଇଛନ୍ତି ।

### ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ .....

ଶ୍ରୀ ନବୀନ ପଟନାୟକ ଗୁରୁବାର ଆକାଶ ମାର୍ଗରୁ କେନ୍ଦ୍ରାପଡା ଜିଲ୍ଲାର ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱୀପାଂଚଳ, ମହାନଦୀର ଶାଖା ପାଇକା ନଦୀର ଦ୍ୱୀପାଂଚଳ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ନାଉଗାଁ ଓ ପୁରୀ ଜିଲ୍ଲାର ଗୋପ, ନିମାପଡା, ଅସ୍ତରଙ୍ଗ, ଡେଲାଙ୍ଗ, ପିପିଲି, କଣାସର ତଳିଆ ଅଂଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟାରେ ବ୍ୟାପକ ଅଂଚଳ, ଜଳମଗ୍ନ ହେବା ସହିତ ଅନେକ ଚାଷ ଜମି ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଙ୍କ ସଚିବ ୫-ଟି ଭି କେ ପାଣ୍ଡିଆନ ମଧ୍ୟ ବନ୍ୟାଂଚଳ ପରିଦର୍ଶନରେ ଯାଇଥିଲେ।

### ୧୯ ଓ ୨୦ ରେ ଅତି ପ୍ରବଳ....

ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଯାଜପୁର, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଝାରସୁଗୁଡା, ବରଗଡ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି। ତେଣୁ ଏହି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୨୦ ଅଗଷ୍ଟରୁ ୨୧ ଅଗଷ୍ଟ ସକାଳ ପର୍ଯ୍ୟନ୍ତ ଝାରସୁଗୁଡା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ, ସମ୍ବଲପୁର, ବରଗଡ, ସୋନପୁର ଏବଂ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟ ମଧ୍ୟରେ ମୟୂରଭଂଜ, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ଏବଂ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅପରପକ୍ଷରେ ଏଥିସହ ରାଜ୍ୟର ଉପକୂଳରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଘଂଟାପ୍ରତି ୪୫ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଏହି ସମୟ ମଧ୍ୟରେ ସମୁଦ୍ର ମଧ୍ୟକୁ ନଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

### ବିଗିଡିଲା ରାଜୁ ଶ୍ରୀବାସ୍ତବଙ୍କ....

ରାଜୁଙ୍କ ହାର୍ଟରେ ବି ଅନେକ ଅସୁବିଧା ରହିଛି । ଏବେ କେବଳ ଭଗବାନ ଭରଶା ବୋଲି ସେ କହିଛନ୍ତି । କହିରଖୁ କି ଅଗଷ୍ଟ ୧୦ ତାରିଖରେ ରାଜୁ ଶ୍ରୀବାସ୍ତବ ଦିଲ୍ଲୀର ଏକ ଜିମ ସେଣ୍ଟରରେ ଜିମ୍ କରୁଥିବା ବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ । ଏହାପରେ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା । ଦୀର୍ଘ ୮ ଦିନ ଧରି ରାଜୁଙ୍କର ଚିକିତ୍ସା ଚାଲିଛି । ଗୁରୁବାର ସକାଳେ ରାଜୁ ଶ୍ରୀବାସ୍ତଙ୍କୁ ଭେଟିବା ପରେ ଅଭିନେତା ଶେଖର ସୁମନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସୂଚନା ଦେଇଥିଲେ । ସେ କହିଥିଲେ କି ରାଜୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ସେପଟେ ରାଜୁଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ସୂଚନା ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ରାଜୁଙ୍କ ପରିବାର ସହ ଫୋନରେ କଥା ହୋଇଥିଲେ । ସେ ରାଜୁଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ବ୍ୟତୀତ ରକ୍ଷାମନ୍ତ୍ରୀ ରାଜନାଥ ସିଂ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଅନେକ ନେତା ଓ ମନ୍ତ୍ରୀ ରାଜୁଙ୍କ ପରିବାର ସହ କଥା ହୋଇ ସମବେଦନା ଜଣାଇଥିଲେ ।

### ବିଶ୍ୱରେ ଭାରତକୁ ଏକ ନମ୍ବର....

ବିଜେପି ସାଂସଦ ଗୌତମ ଗମ୍ଭୀର । ପ୍ରଥମେ ଦିଲ୍ଲୀକୁ ସିଙ୍ଗାପୁର, ଲଣ୍ଡନ ବନାନ୍ତୁ ତା ପରେ ଦେଶ କଥା ଚିନ୍ତା କରିବାକୁ କେଜ୍ରିୱାଲଙ୍କୁ ପରାଶର୍ମ ଦେଇଛନ୍ତି ଗମ୍ଭୀର । ଆପ୍ ସରକାର ଦୁର୍ନୀତିରେ ବୁଡି ରହିଛି । ଦିନେ ନା ଦିନେ ଏହାର ମୁଖା ଖୋଲିବ ବୋଲି ସେ କହଛନ୍ତି । କ୍ରେଜିୱାଲଙ୍କ ଏହି ନୂଆ ମିଶନ କେତେ ସଫଳ ହେବ ତାହା ତ ଅଲଗା କଥା ହେଲେ ଏହି ମିଶନକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । କୁହାଯାଉଛି ୨୦୨୪ରେ ବିଜେପିକୁ ଟକ୍କର ଦେବାକୁ ଆସୁଛି ଆପ୍ ।

### ପୁଟିନଙ୍କୁ ଘାରିଛି ଦେଶର....

ତେବେ ଜନସଂଖ୍ୟା ବଢାଇବାକୁ ଋଷର ଏହି ପ୍ରୟାସ ଏବେର ନୁହେଁ, ୧୯୯୦ ମସିହାରୁ ଋଷ ଜନସଂଖ୍ୟା ବଢାଇବା ପାଇଁ ପ୍ରୟାସ ଜାରି ରଖିଛି । କିନ୍ତୁ କୋଭିଡ ମହାମାରୀ ଏବଂ ୟୁକ୍ରେନ୍ ସହ ଯୁଦ୍ଧ ଯୋଗୁ ଋଷର ଜନସଂଖ୍ୟାର ପ୍ରାପ୍ତ ବୟସ୍କ ଲୋକଙ୍କ ସଂଖ୍ୟା ଦୃତ ଗତିରେ ହ୍ରାସ ପାଇଛି । ଭବିଷ୍ୟତରେ ଯୁଦ୍ଧର ଆଶଙ୍କା ରହିଥିବାରୁ ଏହା ପୂର୍ବରୁ ନିଜକୁ ପ୍ରସ୍ତୁତ ରଖିବାକୁ ଋଷ ଏଭଳି ଯୋଜନା ଆରମ୍ଭ କରିଥିବା କୁହାଯାଉଛି ।

## 'ଷ୍ଟୋରିଜ୍ ଆଟ୍ ମାଇଁ ଡୋର୍ ଷ୍ଟେପ୍' ଲୋକାର୍ପିତ

ଭୁବନେଶ୍ୱର,୧୮/୦୮ (ନି.ପ୍ର): ସମକାଳୀନ ଇଂରାଜୀ ଲେଖାରେ ଓଡ଼ିଆ ସଂସ୍କୃତିର ଛାପ ରହିଛି। ଆମର ଜୀବନଧାରା, ପର୍ବପର୍ବାଣି, କିମ୍ବଦନ୍ତୀ ଓ ଲୋକକଥା ତଥା ଲୋକାଦର୍ଶ ଇତ୍ୟାଦି ଇଂରାଜୀ ଲେଖାମାନଙ୍କରେ ପ୍ରତିଫଳିତ ହେବା ଶୁଭଙ୍କର ବୋଲି ପ୍ରସିଦ୍ଧ କବି ଓ ସମାଲୋଚକ ଡ. ହରପ୍ରସାଦ ଦାସ ଉଲ୍ଲେଖ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀମତୀ ଦୀପ୍ତି ପାଇକରାୟଙ୍କ ପୁସ୍ତକ 'ଷ୍ଟୋରିଜ୍ ଆଟ୍ ମାଇଁ ଡୋରଷ୍ଟେପ୍'ର ଲୋକାର୍ପଣ କରି ଡ. ଦାସ ଉପରୋକ୍ତ ମର୍ମରେ ଓଡ଼ିଆ ସାହିତ୍ୟର ଗୁରୁତ୍ୱ ଉପରେ ମତ ରଖିଛନ୍ତି। ଡ. ଦାସ କହିଛନ୍ତି ଯେ ବର୍ଣ୍ଣନା ଓ ଗଳ୍ପକାରିତା ମଧ୍ୟରେ ରହିଥିବା ବ୍ୟବଧାନକୁ କେବଳ ପାଠକ ଅତିକ୍ରମ କରି ତା'ର ବାସ୍ତବ ଜୀବନର ପ୍ରତିଫଳନ ଦେଖିପାରେ। ଶ୍ରୀମତୀ ପାଇକରାୟ ତାଙ୍କ ଲେଖାରେ ବ୍ୟକ୍ତିଗତ ଜୀବନର ଅନୁଭୂତିକୁ ଅଧିକ ମନୋଜ୍ଞ ଭାବରେ ସାର୍ବଜନୀନ ଉପଲବ୍ଧିରେ ପରିଣତ କରିବାରେ ସଫଳ ହୋଇଛନ୍ତି ବୋଲି ଦର୍ଶାଇ ଡ. ଦାସ ତାଙ୍କ ଲେଖକୀୟ ଭବିଷ୍ୟତର ଉଜ୍ଜ୍ୱଳତା କାମନା କରିଛନ୍ତି । କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରଫେସର ଡ. ଅସୀମ ରଞ୍ଜନ ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏବର ଭାରତୀୟ ଇଂରାଜୀ ସାହିତ୍ୟରେ ସ୍ଥାନୀୟତା, ସାଂସ୍କୃତିକ ବିବିଧତା, ବ୍ୟକ୍ତିଗତ ଘଟନାୟନର ବିଶ୍ଳେଷଣ ବିଶେଷ ଭାବରେ ରୂପାୟିତ ହୋଇଛି ବୋଲି ଦର୍ଶାଇ ଦୀପ୍ତି ଲେଖିକାଙ୍କ କୃତିର ଅନୁକୂଳ ଦିଗଗୁଡ଼ିକ ଉପରେ ଆଲୋକପାତ କରିଥିବାବେଳେ ବିଶିଷ୍ଟ ଲେଖକ ଡ. ରାଜେନ୍ଦ୍ର ପାଢ଼ୀ ପୁସ୍ତକର ବିସ୍ତୃତ ସମୀକ୍ଷା କରିଥିଲେ । ଲେଖିକା ଦୀପ୍ତି ପାଇକରାୟ ଲିଖନକର୍ମକୁ ଏକ ଆଧ୍ୟାତ୍ମିକ ପ୍ରେରଣା ଓ ଅନ୍ତର୍ଯାତ୍ରା ଭାବରେ ଅଭିହିତ କରି ନିଜ ସୃଜନ ଅନୁଭୂତି ବର୍ଣ୍ଣନା କରିବା ସହିତ ପାଠକମାନଙ୍କ ଶୁଭେଚ୍ଛା କାମନା କରିଥିଲେ।

## ଆପ ପକ୍ଷରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ଜିଏସଟିକୁ ବିରୋଧ




ବାରିପଦା, ୧୮/୦୮ (ନି.ପ୍ର): ବାରିପଦା ଷ୍ଟେସନ ବଜାର ହାଟରୁ ଗତ ମାସ ଜୁଲାଇ ୨୮ତାରିଖରୁ ଆରମ୍ଭ ହୋଇ ସମଗ୍ର ଜିଲ୍ଲାର ହାଟ ଓ ଦୋକାନ ବଜାରକୁ ଜାଇ ଜିଏସଟି ପ୍ରତ୍ୟାହାର ପାଇଁ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଚାଲିଥିବା ଅବସର ରେ ରାଜ୍ୟ ଆବାହକ ଶ୍ରୀଯୁକ୍ତ ନିଶିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ମୋହନ ମୁର୍ମୁ ଓ କିଶୋର ପାଢ଼ୀଙ୍କ ନେତୃତ୍ୱ ରେ ମଙ୍ଗଳବାର ଦିନ ଉଦଳା ହାଟରେ ପ୍ରତିବାଦ କରାଯିବା ସହ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି । ଏହି ଦାବୀପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବେ ବୋଲି ସୁଚନା ଦେଇଛନ୍ତି ଆପର ଯୁବ ନେତା ବିଶ୍ୱ ବିଜୟୀ ପଣ୍ଡା ଏବଂ ସତ୍ୟ ସୁନ୍ଦର ଦେ । ଦର ଦାମ ନିୟନ୍ତ୍ରଣରେ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ପୁଂଜିପତି ମାନଙ୍କର କୋଟି କୋଟି ଟଙ୍କା ଛାଡ କରିଥିବା ବେଳେ ସାଧାରଣ ଲୋକଙ୍କ ମୁଢି, ଚୁଡ଼ା, ଗୁଡ଼ ଉପରେ ଜିଏସଟି ଲଗାଇ ଛନ୍ତି ସରକାର । ଆଗକୁ ଯଦି କେନ୍ଦ୍ର ସରକାର ମୁଢି, ଚୁଡ଼ା, ଗୁଡ଼ ଖାଦ୍ୟ ପେୟ ଉପରେ ଲଗାଇଥିବା ଜିଏସଟି ପ୍ରତ୍ୟାହାର ସାଙ୍ଗକୁ ଗ୍ୟାସ, ପେଟ୍ରୋଲ ଓ ଡ଼ିଜେଲ ଦର କମ୍ ନକରନ୍ତି, ତେବେ ଆମ ଆଦ୍‌ମୀ ପାର୍ଟି, ମୟୂରଭଂଜ ଏହି ବିରୋଧକୁ ଜୋରଦାର କରିବ ବୋଲି କୁହାଯାଇଛି । ବସନ୍ତ ପରିଡ଼ା, ରବିନ୍ଦ୍ର ଦଳେଇ, ମହେନ୍ଦ୍ର ବିଶ୍ୱାଳ, ସନ୍ତୋଷ ମୂର୍ମୂ, ଠାକୁରା ସୋରେନ । ଏହି ଅଭିଯାନରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପଶ୍ଚିମବଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ

ବାରୁଇପୁର/ଭୁବନେଶ୍ୱର,୧୮/୦୮ (ନି.ପ୍ର): ପଶ୍ଚିମବଙ୍ଗର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏଠାକାର ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି ୨୦୨୦କୁ ରାଜନୀତିରୁ ଦୂରରେ ରଖିବା ଉଚିତ୍ ବୋଲି ଗୁରୁବାର ପଶ୍ଚିମବଙ୍ଗର ବାରୁଇପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦକ୍ଷିଣ ୨୪ ପରଗନା ଜିଲ୍ଲାର ବାରୁଇପୁର ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଶ୍ରୀ ପ୍ରଧାନ ପଶ୍ଚିମବଙ୍ଗରେ ଶିକ୍ଷା ବ୍ୟବସ୍ଥାରେ ହୋଇଥିବା ବ୍ୟାପକ ଦୁର୍ନୀତି, ବଂଶବାଦ, ରାଜ୍ୟର ମେଧାବୀ ଯୁବକ ଯୁବତୀଙ୍କ ଅଗ୍ରାଧିକାର, ନୂଆପିଢିଙ୍କ ଉତ୍ତମ ଭବିଷ୍ୟତ ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ର କ୍ରିୟାନ୍ୱୟନ ଉପରେ ମତପ୍ରକାଶ କରିଛନ୍ତି। ସେ କହିଛନ୍ତି ପଶ୍ଚିମବଙ୍ଗର ଶିକ୍ଷକ ଏବଂ ଯୁବପିଢିଙ୍କୁ ନ୍ୟାୟ ମିଳିବା ଦରକାର। ଦକ୍ଷିଣ ୨୪ ପରଗନା ଜିଲ୍ଲାରେ ଗତ ୧୦ ବର୍ଷ ଧରି ନବୋଦୟ ବିଦ୍ୟାଳୟ- ୧ ବନ୍ଦ ପଡ଼ିଛି । ଏହାକୁ ସୁଚାରୁରୂପେ ଚଳାଇବା ଏବଂ ସ୍ଥାୟୀ ଭବନ ନିର୍ମାଣ ପାଇଁ ଜମି ଉପଲବ୍ଧ କରାଇବା ତଥା ପଶ୍ଚିମବଙ୍ଗର ଭାଷାର ଭବ୍ୟତା ବଢ଼ାଇବା ଦିଗରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ପାଇଁ ସେ ଅପିଲ୍ କରିଛନ୍ତି । ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା କେନ୍ଦ୍ର ସରକାରଙ୍କ ପ୍ରାଥମିକତାରେ ରହିଛି । ଦକ୍ଷିଣ ୨୪ ପରଗନାର ନବୋଦୟ ବିଦ୍ୟାଳୟ ୧କୁ ସୂଚାରୁରୂପେ ଚଳାଇଲେ ଜିଲ୍ଲାର ଗରିବ, ଦଳିତ, ବଞ୍ଚିତ ବର୍ଗର ବିଦ୍ୟାର୍ଥୀଙ୍କ ଶିକ୍ଷା ସହ ଯୋଡ଼ିବାର ସୁଯୋଗ ବୃଦ୍ଧି ହେବ ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଶ୍ରୀ ପ୍ରଧାନ ନରେନ୍ଦ୍ରପୁର ସ୍ଥିତ ରାମକ୍ରୀଷ୍ଣ ମିଶନ ଆଶ୍ରମ ଏବଂ ରାମକ୍ରୀଷ୍ଣ ମିଶନ ଆବାସିକ ମହାବିଦ୍ୟାଳୟ ପରିଦର୍ଶନ କରଥିଲେ । ରାମକ୍ରୀଷ୍ଣ ଆଶ୍ରମ ଆଶ୍ରମ ସମାଜର ଅବହେଳିତ ବର୍ଗର ଲୋକଙ୍କୁ ଶିକ୍ଷା ପ୍ରଦାନ କରୁଅଛି । ଆଶ୍ରମରେ ସ୍କୁଲ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି । ରାମକ୍ରୀଷ୍ଣ ମିଶନ ଆବାସିକ ମହାବିଦ୍ୟାଳୟ ଜାତୀୟ ଶିକ୍ଷା ନୀତିର ୨୦୨୨ର ପରାମର୍ଶ ଗୁଡ଼ିକ କାର୍ଯ୍ୟକାରୀ କରୁଥିବା ନେଇ କେନ୍ଦ୍ରମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ



ଜଳେଶ୍ୱର, ୧୮/୮(ନି.ପ୍ର): ଆଜି ପବିତ୍ର ଜନ୍ମାଷ୍ଟମୀ ଅବସରରେ ଜଳେଶ୍ୱରର କେତେକ ଅନୁଷ୍ଠାନ ପକ୍ଷରୁ କୃଷ୍ଣ ବେଶ ପ୍ରତିଯୋଗୀତା ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ଶିଶୁ ମନ୍ଦିର ପକ୍ଷରୁ ଆୟୋଜିତ ପ୍ରତିଯୋଗୀତାରେ କୃଷ୍ଣ ବେଶ, କୃଷ୍ଣକଥାମୃତ ପ୍ରଦର୍ଶୀତ ହୋଇଥିଲା । ଏଥିରେ ପ୍ରଧାନ ଗୁରୁଜୀ ରାଧାରଂଜନ ବାଗଙ୍କ ପୌରହିତ୍ୟରେ ସୁର୍ଯ୍ୟେନ୍ଦୁ କୁମାର ଦାସ, କୃଷ୍ଣାକୁମାରୀ ବେହେରା ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତିରେ କୃଷ୍ଣ ଚେତନା ଓ କୃଷ୍ଣଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ସଂପର୍କରେ କହିଥିଲେ । ନୃତ୍ୟଶିକ୍ଷା ଫାଉଣ୍ଡେସନ ପକ୍ଷରୁ ଜନ୍ମାଷ୍ଟମୀ ଓ କୃଷ୍ଣବେଶ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ସଭାରେ ଅନୁଷ୍ଠାନର ମୁଖ୍ୟ ସୁଶାନ୍ତ କୁମାର ବେହେରା ପୌରହିତ୍ୟ କରିଥିବା ବେଳେ ମୁଖ୍ୟଅତିଥିଭାବେ ସମାଜସେବି ପ୍ରବିର ପ୍ରଧାନ, ମୁଖ୍ୟ ଅତିଥିଭାବେ ପତିତ କୁମାର ପ୍ରଧାନ, ସମ୍ମାନୀତ ଅତିଥିଭାବେ ଜଗନ୍ନାଥ ପରିଡା ଯୋଗ ଦେଇଥିଲେ । ବିଚାରକଭାବେ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ଅଜୟ ପଣ୍ଡା, ଅମ୍ବିକା ଦାସ ଯୋଗ ଦେଇଥିବା ବେଳେ କୃତିଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁରୂପଭାବେ ଜଳେଶ୍ୱର ଇସ୍କନ୍ ମନ୍ଦିର ପକ୍ଷରୁ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଚନ୍ଦନ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ହେମହରି ଦାସ ମହାରାଜ, ମୁଖ୍ୟବକ୍ତାଭାବେ ଡ. ଅଜିତ୍ କୁମାର ମହାନ୍ତି, ଅଧ୍ୟାପକ ନିଳକଣ୍ଠ ଖଣ୍ଡା, ସଂଜୟ ଦାସ, ବ୍ରଜବଲ୍ଲଭ ସାହୁ, ଯୋଗେଶ ଚନ୍ଦ୍ର ରାଉଳ, କନକମଂଜରୀ ମହାନ୍ତି, ଦିଲ୍ଲିପ ସେଠୀ, ସୁଶାନ୍ତ ଦାସ, ସରୋଜ ପାଣିଗ୍ରାହୀ, ବଂଶୀ ବାରିକ ଓ ବିଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ । କୃତି କୃଷ୍ଣ ବେଶଧାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଦିନ ୩ ଟା ସୁଦ୍ଧା ହୀରାକୁଦର କିଛି ଗେଟ ବନ୍ଦ କରାଯାଇ ପାରେ : ଏସଆରସି

ଭୁବନେଶ୍ୱର,୧୮/୦୮ (ନି.ପ୍ର): ଆଜି ଦିନ ୩ ଟା ସୁଦ୍ଧା ହୀରାକୁଦର କିଛି ଗେଟ ବନ୍ଦ କରାଯାଇ ପାରେ ବୋଲି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା । ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ସନ୍ଧ୍ୟା ସୁଦ୍ଧା ପରିସ୍ଥିତିରେ ସୁଧାର ଆସିପାରେ । ମହାନଦୀ ସିଷ୍ଟମରେ ସାତୋଟି ସ୍ଥାନରେ ଘାଇ ହୋଇଥିବାର ସୂଚନା ମିଳିଛି । ସେ କହିଛନ୍ତି ଯେ କିଛି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି । ସର୍ବାଧିକ ୪୦ ରୁ ୫୦ ମିମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷା ନେଇ ଉତର ଓଡ଼ିଶା ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଦିଆ ଯାଇଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏବେ ହୀରାକୁଦକୁ ୪ ଲକ୍ଷ ୪୦ ହଜାର କ୍ୟୁସେକ୍ ଜଳ ପଶୁଛି । ହୀରାକୁଦରୁ ୬ ଲକ୍ଷ ୭୪ ହଜାର କ୍ୟୁସେକ୍ ଜଳ ବାହାରୁଛି । ଜଳସ୍ତର ୬୨୪.୪୩ ଫୁଟ ଅଛି, ୬୨୨କୁ ଖସାଇବାକୁ ଉଦ୍ୟମ ରହିଛି । ଆଜି ଅପରାହ୍ନ ୩ଟା ସୁଦ୍ଧା ୬୨୪ ଫୁଟ ତଳକୁ ଆସିଯିବ ବୋଲି ସେ କହିଛନ୍ତି ।

# ଦୃଷ୍ଟାନ୍ତ ପାଲଟିଛି ଭୀମତାଳିର ଗ୍ରାମସଭା



ଉଦଳା, ୧୮/୦୮ (ନି.ପ୍ର): ଗ୍ରାମର ଉନ୍ନତି ପାଇଁ ଗ୍ରାମସଭାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏବେ ଏହା ଆଉ କାହାକୁ ବୁଝାଇବାକୁ ପଡୁନାହିଁ । ବର୍ଷର ନିର୍ଦ୍ଦିଷ୍ଟ ଦିବସ ମାନଙ୍କରେ ଗ୍ରାମ ସଭା ଅନୁଷ୍ଠିତ ହୋଇଥାଏ । ତେବେ ଉଦଳା ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତ ମାନଙ୍କରେ ଚଳିତ ଅଗଷ୍ଟ ୧୫ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ଗ୍ରାମସଭାକୁ ଆମେ କିଛି ବ୍ୟକ୍ତି ପରିଦର୍ଶନରେ ଯାଇଥିଲୁ । ସେଥିରୁ ଅଧିକାଂଶ ସ୍ଥାନରେ ମଦ୍ୟପାନ କରି ଅଶ୍ଳୀଳ ଭାଷାରେ ଗର୍ଜନ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ ଥିବାର ଦେଖିଲୁ । ଏହିଭଳି ପରିବେଶ ଦେଖି ଗ୍ରାମର ଭଦ୍ରଲୋକ ମାନେ ସେଠାକୁ ଯିବାକୁ ପସନ୍ଦ କରୁନଥିବାର କଥା ଆମେ ବେଶ୍ ଅନୁଭବ କଲୁ । କିନ୍ତୁ ସେଥିମଧ୍ୟରୁ ଭୀମତାଳି ଗ୍ରାମ ପଂଚାୟତ ଥିଲା ସବୁଠାରୁ ଭିନ୍ନ । ଏଠାରେ ମଦ୍ୟପାନ କରି ଗର୍ଜନ କରୁଥିବା ଲୋକଙ୍କ ସଂଖ୍ୟା ଆଦୌ ନଥିଲା । ଲୋକେ ଭଦ୍ର ଓ ନମ୍ରତାର ସହ ଗ୍ରାମର ସମସ୍ୟା ଉପସ୍ଥାପନ କରୁଥିଲେ । ସରପଂଚ ବିଜୟା ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଗ୍ରାମ ସଭାରେ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ରତିକାନ୍ତ ସିଂ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ନାଏବ ସରପଂଚ ରଣଜିତ୍ ପଣ୍ଡା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଗ୍ରାମର ଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ମଧ୍ୟରେ କରୋନା କାଳରେ କ୍ରମାଗତ ଦୁଇ ବର୍ଷ ଧରି ବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିବା ଫଳରେ ବହୁ ପିଲା ପାଠ ପଢ଼ା ଛାଡ଼ି ଦେଇଥିବା କଥା ସରପଂଚ ବ୍ୟକ୍ତ କରିବା ସହ ଏହାର ସମାଧାନ ପାଇଁ ସମସ୍ତେ ତତ୍ପରତା ପ୍ରକାଶ କରିବାକୁ ଅନୁରୋଧ ଜଣାଇଥିଲେ । ବାସ୍ତବରେ ଭୀମତାଳି ଗ୍ରାମ ସଭାଟି ଥିଲା ସବୁଠାରୁ ଉନ୍ନତ ଓ ସୁନ୍ଦର ଗ୍ରାମ ସଭା ବୋଲି ସମସ୍ତେ ଏକସ୍ୱରରେ କହିଥିଲେ ।

## କଠୁଆରେ ଦେଖାଯାଇଛି ପାକିସ୍ଥାନୀ ଡ୍ରୋନ୍

କଠୁଆ, ୧୮/୦୮ (ନି.ପ୍ର): ଜାମ୍ମୁ ସଂଭାଗର କଠୁଆ ଜିଲ୍ଲାର ଅନ୍ତରାଷ୍ଟ୍ରୀୟ ସୀମାର ସୁଲ୍‌ତାନପୁର ଅଂଚଳରେ ବୁଧବାର ମଧ୍ୟରାତ୍ରୀରେ ଏକ ପାକିସ୍ତାନୀ ଡ୍ରୋନ୍ ସ୍ଥାନୀୟ ଲୋକମାନେ ଦେଖିଥିଲେ। ସୂଚନା ମିଳିବା ପରେ ପୋଲିସ୍ ଏବଂ ସେନାର ଏକ ଦଳ ଘଟଣାସ୍ଥଳରେ ପହଂଚି ତଲାସୀ ଅଭିଯାନ ଆରମ୍ଭ କରାଯାଇଛି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜଳେଶ୍ୱର, ୧୮/୮(ନି.ପ୍ର): ଜଳେଶ୍ୱରର ସୁଧାଶ୍ରୀ ମିନେରାଲସ୍ ଓ ରୁରାଲ ସୋ ରୁମ୍, ସେଞ୍ଚୁରିଆନ୍ ପ୍ଲାଜା ଆନୁକୂଲ୍ୟରେ ଏକ ରକ୍ତାଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ରକ୍ତଦାତା ସଂଘର ଜିଲା ସଭାପତି କମଳ ଚକ୍ରବର୍ତ୍ତୀ, ବ୍ଲକ ସଭାପତି ଡ. ଅଜିତ୍ କୁମାର ମହାନ୍ତି, ଅଶୋକ ଦାସ, ମନୋରଂଜନ ଦାସ, ରୁରାଲ ସୋ ରୁମ୍‌ର ମ୍ୟାନେଜର ବ୍ୟାସଦେବ ବେହେରା, ସୁଧାଶ୍ରୀ ମିନେରାଲ୍‌ର ମ୍ୟାନେଜର ତାପସ ପ୍ରଧାନ, କାଉନ୍‌ସିଲର ଶିବନାରାୟଣ ମହାପାତ୍ର, ସବିତା ଭୂୟାଁ ଅଭାସୀ ମାଧ୍ୟମରେ ଇଂ ଅମୀୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ରକ୍ତର ବିକଳ୍ପ ନ ଥିବାରୁ ଏବଂ ଏହାର ଆବଶ୍ୟକତା ଥିବାରୁ ସମସ୍ତେ ରକ୍ତାଦାନ କରିବା ଉଚିତ୍ ବୋଲି କହିଥିଲେ । ଡ. ଦିଲ୍ଲିପ କୁମାର ପାତ୍ର ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଜନ ଔଷଧିର ମୁଖ୍ୟ ମଧୁଛନ୍ଦା ମହାନ୍ତି ଓ ୬୦ ରାଜପଥ ପ୍ରାଧିକରଣର ତତ୍ତ୍ୱାବଧାନରେ ପ୍ରାୟ ୧୦୦ ବୃକ୍ଷ ରୋପଣ କରାଯାଇଥିବା ବେଳେ ଆଭାସୀ ମାଧ୍ୟମରେ ରେଡବୁଲର ଅଧିକାରୀ ଅଂଶୁମାନ ମହାନ୍ତି ସହଯୋଗ କରିଥିଲେ । ପ୍ରତିକୂଳ ପାଗସତ୍ତ୍ୱେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୮/୦୮ (ନି.ପ୍ର): ରାଜଧାନୀର ଖାରବେଳନଗର ଥାନା ଅଂଚଳରେ ଜଣେ ମହିଳାଙ୍କ ଅର୍ଦ୍ଧ ଦଗ୍ଧ ମୃତଦେହ ତାଙ୍କ ତାଙ୍କ ଘରୁ ଉଦ୍ଧାର ହୋଇଛି। ମହିଳା ଜଣଙ୍କ ହେଉଛନ୍ତି ବିଷ୍ଣୁ ମୋହନ ପ୍ରହରାଜଙ୍କ ସ୍ତ୍ରୀ ମିନୁଶ୍ରୀ ପ୍ରହରାଜ (୫୨)। କମିଶନରେଟ୍ ପୋଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ମହିଳା ଜଣକ କିଭଳି ମୃତ୍ୟୁବରଣ କଲେ ସେନେଇ ସ୍ୱାମୀଙ୍କୁ ପଚରା ଉଚରା ଜାରି ରହିଛି। ସୂଚନା ଅନୁସାରେ ଖାରବେଳନଗର ଥାନା ଅନ୍ତର୍ଗତ ମଧୁସୂଦନ ନଗରସ୍ଥିତ ପ୍ଲଟ ନମ୍ବର ୨୪ରେ ମିନୁଶ୍ରୀ ପ୍ରହରାଜ ତାଙ୍କ ସ୍ୱାମୀଙ୍କ ସହ ରହୁଥିଲେ। ଗୁରୁବାର ଦିନ ପ୍ରାୟ ୧୧ ଟା ବେଳେ ମିନୁଶ୍ରୀଙ୍କ ମୃତଦେହ ତାଙ୍କ ଘରେ ପଡି ରହିଥିବା ସୂଚନା ପାଇଁ ପୋଲିସ୍ ଘଟଣାସ୍ଥଳରେ ପହଂଚିଥିଲା। ପୋଲିସ୍ ମହିଳାଙ୍କ ମୃତଦେହ ଜବତ କରିଛି ଏବଂ ଏହାକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ଏହାସହ ମିନୁଶ୍ରୀଙ୍କ ସ୍ୱାମୀ ବିଷ୍ଣୁ ମୋହନଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛନ୍ତି। ତେବେ ବିଷ୍ଣୁ ମୋହନ କହିଛନ୍ତି ଯେ, ସେ ତାଙ୍କ ସ୍ତ୍ରୀଙ୍କୁ ଶେଷ ଥର ପାଇଁ ବୁଧବାର ରାତି ୯ଟା ୩୦ରେ ଦେଖିଥିଲେ। ଘଟଣାର ତଦନ୍ତ ସରିଲା ପରେ ମିନୁଶ୍ରୀଙ୍କ ମୃତ୍ୟୁ ସଂପର୍କରେ ଅଧିକ କହି ହେବ ବୋଲି ପୋଲିସ କହିଛି। ଅପରପକ୍ଷରେ ମହିଳା ଜଣକ କିରୋସିନ୍ ଢାଳି ଆତ୍ମହତ୍ୟା କରିଥିବା କୁହାଯାଉଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କ୍ଷୀରୋଦା ବିହାର ପକ୍ଷରୁ ଜନ୍ମାଷ୍ଟମୀ ପାଳିତ



ବାଲିଆପାଳ, ୧୮/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ଖପରାପଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କ୍ଷୀରୋଦା ବିହାର ପକ୍ଷରୁ ଆଜି ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ବିଦ୍ୟା ମନ୍ଦିରର କୁନି କୁନି ପିଲାମାନେ ଶ୍ରୀକୃଷ୍ଣ ଓ ରାଧା ବେଶ ଧାରଣ କରି ବିଦ୍ୟା ମନ୍ଦିରରେ ପହଞ୍ଚିବା ପରେ ସେମାନଙ୍କୁ ବନ୍ଦାପନା କରାଯାଇ ସ୍ୱାଗତ କରାଯାଇଥିଲା । ଜନ୍ମାଷ୍ଟମୀ ଅବସରରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଓ ରାଧା ବେଶ ସହିତ ନୃତ୍ୟ ଏବଂ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥି ସହିତ କୁନି କୁନି ପିଲାଙ୍କ ଦ୍ୱାରା କଂସ ବଦ୍ଧ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା । ଅତିଥି ଭାବେ ଶିଶୁ ମନ୍ଦିରର ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ସେନାଧିକାରୀ ମାନସ କୁମାର ବେହେରା, ସଂପାଦକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ପାତ୍ର, ସଚ୍ଚିଦାନନ୍ଦ ଜେନା, କୋଷାଧକ୍ଷ ବଂଶୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମଗୁଡିକୁ ପ୍ରଧାନ ଆଚାର୍ଯ୍ୟ ଦୀନକୃଷ୍ଣ ଦାସ, ଆଚାର୍ଯ୍ୟ ପ୍ରତିନିଧି ଅଞ୍ଜନା ମିଶ୍ର,ଆଚାର୍ଯ୍ୟ ଜଳଧର ଦେ, ନିର୍ମଳ କୁମାର ଧଳ, ରାଜେଶ୍ କୁମାର ଦେ, ଆଚାର୍ଯ୍ୟ ଚିନ୍ମୟୀ କର, ଝୁନାରାଣୀ ଦାସ, ସସ୍ମିତା ନାୟକ, ସେବିକା ସ୍ନେହଲତା ଦେ, ନିତ୍ୟାନନ୍ଦ ଦାସ, ଅଭିମନ୍ୟୁ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଦାର୍ଶନିକ ଦୃଷ୍ଟିଭଙ୍ଗୀ ମଣିଷର ଆଚରଣକୁ ବଦଳାଇ ଦେଇଥାଏ : ଧରିତ୍ରୀ



ଉଦଳା, ୧୮/୦୮ (ନି.ପ୍ର): ନୂଆସାହି ସ୍ଥିତ କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟର ଦର୍ଶନ ବିଭାଗର ଛାତ୍ରୀ ଧରିତ୍ରୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ଚଳିତ ବର୍ଷ ଦର୍ଶନ ଶାସ୍ତ୍ର ବିଷୟରେ ଟପ୍ପର ହୋଇ ସମଗ୍ର କପ୍ତିପଦା ଅଂଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଧରିତ୍ରୀଙ୍କ ପିତା ଚିତରଂଜନ ବିନୋଟ ଓ ମାତା ସୁମତି କପ୍ତିପଦା ଅଚଂଳର ଆମ୍ବପିଛୁଳା ଗ୍ରାମର ବାସିନ୍ଦା ଅଟନ୍ତି । ଧରିତ୍ରୀ ତାଙ୍କର ଏହି ସଫଳତା ପଛରେ ମହାବିଦ୍ୟାଳୟର ଅଧକ୍ଷା ଡଃ. ଲିପିକା ବେହେରା, ଉଚ୍ଚମାଧମିକ ବିଦ୍ୟାଳୟର ଅଧକ୍ଷ ଡ଼. ଚନ୍ଦ୍ର କୁମାର ପଟ୍ଟନାୟକ, ବିଭାଗୀୟ ଅଧାପିକା ମଂଚନା ମହାପାତ୍ର ଙ୍କୁ ଶ୍ରେୟ ଦେଇଛନ୍ତି । ଶେଷରେ ଧରିତ୍ରୀ କହିଛନ୍ତି ଦାର୍ଶନିକ ଦୃଷ୍ଟିଭଙ୍ଗୀ ମଣିଷ ଆଚରଣକୁ ବଦଳାଇ ଦେଇଥାଏ । ଯାହାକି ଦେଶ ଗଠନ ପାଇଁ ବର୍ତ୍ତମାନ ଜରୁରୀ ହୋଇପଡ଼ିଛି । ସମଗ୍ର ବିଶ୍ୱ ବାସୀ ଏହାର ଆବଶ୍ୟକତାକୁ ଏବେ ଅନୁଭବ କଲେଣି ବୋଲି ବ୍ୟକ୍ତ କରିଥିଲେ ।

# ବିଭିନ୍ନ ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରୟ ମେଳା




ବାରିପଦା, ୧୮/୦୮ (ନି.ପ୍ର): ସ୍ଥାନୀୟ ଛଉପଡିଆ ନିକଟ କଲେଜ ଫିଲ୍ଡ ଠାରେ ନିୟୁ ରାଜସ୍ଥାନ କଟନ ଫେବ ପକ୍ଷରୁ ଆୟୋଜିତ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ଆଜି ଠାରୁ ଆରମ୍ଭ ହୋଇ ଯାଇଛି । ଏହି ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟର ମୋଟ ୪୦ ଟି ଷ୍ଟଲ ଲାଗିଥିବା ବେଳେ ପ୍ରତିଦିନ ଦିବା ୧୧ଘ. ରୁ ରାତ୍ର ୧୦ ଘ. ପର୍ଯ୍ୟନ୍ତ ଖୋଲାରହିବ । ଗୋଟିଏ ଛାତ ତଳେ ସାରା ଭାରତ ବର୍ଷର ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଲୋକମାନଙ୍କୁ ଯୋଗାଇ ଦେବା ସହ ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗର ମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ଲକ୍ଷ୍ୟରେ ଆୟୋଜିତ ହୋଇଥିବା ଏହି ମେଳାରେ ରାଜସ୍ଥାନୀ କୋଟା ଶାଢ଼ୀ, ରାଜସ୍ଥାନୀ ଡୋରିଆ ଶାଢ଼ୀ, ବଙ୍ଗାଲୀ କାନ୍ଥା ଶାଢ଼ୀ, ଯୋଧପୁର ବାନ୍ଧଣୀ ଶାଢ଼ୀ, ବନାରସୀ ଶାଢ଼ୀ, ଭାଗଲପୁରୀ ଟସର ସିଲ୍କ ଶାଢ଼ୀ, ପଂଜାବୀ ଫୁଲକାରୀ ଡ୍ରେସ, ଖଦୀ ସେଟ, ଲକ୍ଷ୍ନୌର ଚିକେନ ୱାର୍କ ଡ୍ରେସ, ସାଙ୍ଗନେରୀ ବ୍ଲକ ପ୍ରିନ୍ଟ ଫ୍ରକ, ଜୟପୁରୀ ପ୍ରିନ୍ଟ ବେଡସିଟ, ଡ୍ରେସ ମେଟ୍ରିଆଲ, ପଂଜାବୀ ଧୋତୀ, ଦୁପଟା ସୁଟ, ପଣ୍ଡିଚେରୀ କର୍ଟନ ବେଡସିଟ, ଲେଡିଜ ନାଇଟ, ରାଜସ୍ଥାନୀ ଚାନିୟା ଚୋଲି, ଡିନର ସେଟ, ଖୋଡଜାକୀ କକ୍ରି ଏବଂ ହାତତିଆରି ନାନା ଉପକରଣ ସହଜ ଓ ସୁବିଧା ଦରରେ ପ୍ରଦର୍ଶନୀରେ ଉପଲବ୍ଧ ହେବା ସହ ଗ୍ରାହକ ମାନଙ୍କ ପାଇଁ ସମସ୍ତ ଜିନିଷ ଉପରେ ୨୦% ବିଶେଷ ରିହାତି ମଧ୍ୟ ପ୍ରଦାନ କରାଯାଉ ଛି ବୋଲି ମେଳା ର ମେନେଜର ବିରେନ୍ଦ୍ର ଶର୍ମା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ତେବେ ମେଳାରେ ଆକର୍ଷଣୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ଦ୍ରବ୍ୟ ସହ ଆକର୍ଷଣୀୟ ରିହାତି ମିଳୁଥିବାରୁ ପ୍ରଥମ ଦିନରୁ ଗ୍ରାହକଙ୍କ ଭିଡ ପରିଲକ୍ଷିତ ହୋଇଛି ।

# ବ୍ରହ୍ମଗିରି ରୁ ୧୦୫ଗ୍ରାମ ବ୍ରାଉନ ସୁଗାର ଜବତ : ଜଣେ ଗିରଫ

ପୁରୀ,୧୮/୦୮ (ନି.ପ୍ର): ପୁରୀ ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ସାତପଡ଼ା ଅବକାରୀ ଥାନା ଅଧିକାରୀ ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏକ ଟିମ ବ୍ରହ୍ମଗିରି ଥାନା ଅଧୀନ ବିଜିପୁର ଛକରେ ଚଢ଼ାଉକରୀ ଜଣେ ଅସାମୀଙ୍କୁ ବେଆଇନ ଚୋରା ବ୍ରାଉନ ସୁଗାର ବିକ୍ରି କରିବା ଅଭିଯୋଗରେ ଗିରଫ କରିଛନ୍ତି । ଅଭିଯୁକ୍ତ ଜନକ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ର ସୁଦର୍ଶନ ବେହେରା, ବୟସ ୨୮ । ତାଙ୍କ ପାଖରୁ ୧୦୫ ଗ୍ରାମ ବ୍ରାଉନ ସୁଗାର ଜବତ କରି ସାତପଡ଼ା ଅବକାରୀ ଥାନା କେସ ନଂ-୬୧/୨୨ ରେ କୋର୍ଟ ଚାଲାଣ କରା ଯାଇଛି । ଜାମିନ ନାମଞ୍ଜୁର ହେବାରୁ ପୁରୀ କକ୍ଷରାଗରକୁ ପଠାଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୧୦,୫୦,୦୦୦ ଦଶ ଲକ୍ଷ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ ହେବ।

# ପ୍ରଧାନ ଶିକ୍ଷକଙ୍କ ପରଲୋକ : ଓଷ୍ଟା ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଜଳେଶ୍ୱର, ୧୮/୮(ନି.ପ୍ର): ଜଳେଶ୍ୱର ବ୍ଲକର ଖୁଆଡସ୍ଥିତ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଓଷ୍ଟା ରାଇବଣିଆ ମଣ୍ଡଳର ପୂର୍ବତନ ସଭାପତି ଦୀନବନ୍ଧୁ ଦାସଙ୍କ ପରଲୋକ ହୋଇଛି । ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଘରୋଇ ଚିକିସ୍ତାଳୟର ଚିକିତ୍ସିତ ହେଉଥିବା ବେଳେ ତାଙ୍କର ୫୯ ବର୍ଷ ବୟସରେ ମୃତ୍ୟୁ ଘଟିଛି । ସେ ଜଣେ ସରଳ, ନିଷ୍କପଟ, ଛାତ୍ରବତ୍ସଳ ଥିବା ବେଳେ ତାଙ୍କର ମୃତ୍ୟୁ ଶର୍ଯ୍ୟାନିକଟରେ ପତ୍ନୀ, ପୁଅ, ପରିବାରବର୍ଗ ଓ ବଂଧୁବାନ୍ଧବ ଉପସ୍ଥିତ ଥିଲେ । ତାଙ୍କ ଘର ଶିଖରପୁର ପଂଚାୟତର ରାଜନଗର ଗ୍ରାମରେ ହୋଇଥିବାରୁ ଗାଁ ଶ୍ମଶାନରେ ପୁଅ ଓଁକାର ଦାସ ମୁଖାଗ୍ନି ଦେଇଥିଲେ । ତାଙ୍କ ମର ଶରୀରକୁ ଓଷ୍ଟା ପକ୍ଷରୁ ଏକ ଶୋଭାଯାତ୍ରାରେ ଖୁଆଡ ପର୍ଯ୍ୟନ୍ତ ନିଆଯାଇ ଶ୍ରଦ୍ଧାଞ୍ଜଳି ଦୀଅଯାଇଛି । ଏଥିରେ ଓଷ୍ଟାର ଜିଲ୍ଲା ସମ୍ପାଦକ ମନୋରଂଜନ ଦାସ, ଜଳେଶ୍ୱର ସଂପାଦକ ଡ. ଅଜିତ୍ ମହାନ୍ତି, ରାଇବଣିଆ ସଂପାଦକ ବଂଶୀଧର ବାରିକ, ହରମୋହନ ମହାନ୍ତ, ହରିପଦ ସିଂହ, ପ୍ରାଣକୃଷ୍ଣ ଗିରି, ବିପିନ ବିହାରୀ ବିଶ୍ୱାଳ, ସରପଂଚ ଅରୁଣ ସେନାପତି, ଅକ୍ଷୟ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ‘ସୃଜନୀ’ ଆନୁକୂଲ୍ୟରେ ଜାତୀୟ ସ୍ତରୀୟ ‘ସ୍ୱାଧୀନତାର ଅମୃତ ମହୋତ୍ସବ’ ପାଠଚକ୍ର

ଭୁବନେଶ୍ୱର, ୧୮/୦୮ (ନି.ପ୍ର): ୭୫ତମ ସ୍ୱାଧୀନର ପୂର୍ତ୍ତି ଅବସରରେ ସୃଜନୀ ପରିବାର, ଚେନ୍ନାଇ ଆନୁକୂଲ୍ୟରେ ଭାରତର ଜାତୀୟତାବୋଧକୁ ଆଧାରକରି ଗତ ଅଗଷ୍ଟ ୦୬ -୨୦୨୨ ଆରମ୍ଭ କରି ଅଗଷ୍ଟ ୧୭ -୨୦୨୨ ଯାଏଁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରିବା ସହ ସାରସ୍ୱତ ଆସର ‘ଉନ୍ମେଷ ‘ ଆଭାସୀ ମାଧ୍ୟମରେ ପ୍ରତେକ ଦିନ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସର୍ବଭାରତୀୟ ସ୍ତରୀୟ ସାରସ୍ୱତ ଆସରରେ ଭାରତର ବିଭିନ୍ନ ରାଜ୍ୟରୁ କବି, ନାରୀକବି, ସାହିତ୍ୟ ସାଧକ ତଥା ଅନେକ ବାଗ୍ମୀ ଯୋଗଦେଇ ବିଭିନ୍ନ ଆଲୋଚ୍ୟ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ ଓ ସୃଜନୀ ପରିବାରର ଜାତୀୟ ସ୍ତରୀୟ ସାରସ୍ୱତ ଆସରରେ ଅନେକ ସାହିତ୍ୟିକ ଓ ସାହିତ୍ୟିକା ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଜାତୀୟତାବୋଧରେ ଅନୁପ୍ରାଣିତ କବି ନିଜ ସାରସ୍ୱତ ସୃଷ୍ଟି ମାଧ୍ୟମରେ ଉପସ୍ଥିତ ସମସ୍ତ ଶ୍ରୋତା ମଣ୍ଡଳୀକୁ ବିମୋହିତ କରିବା ସହ ସ୍ୱାଧୀନଚେତା ଜାତିର ଉତ୍‌ଥାନ ନିମନ୍ତେ ସଂକଳ୍ପବୋଧ ହେ୍ୱା ପାଇଁ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲେ । ନାରୀକବି ଶ୍ୟାମଳୀ ସେନଗୁପ୍ତ(ବଙ୍ଗଳା),ନାରୀକବି ଲତା ତେଜେଶ୍ୱର ରେଣୁକା (ତେଲୁଗୁ), ନାରୀକବି ହିନା ମୋଦି (ଗୁଜୁରାଟି),ନାରୀକବି ମୈତ୍ରେୟୀ କାମିଲା (ହିନ୍ଦୀ) ସହ କବି ହରିନାଥ ଶୁକ୍ଲା(ହିନ୍ଦୀ ), କବି ଭୁଦତ୍ତ ଶର୍ମା (ହିନ୍ଦୀ ), ବିଶିଷ୍ଟ କବି ତଥା ପୂର୍ବତଟ ରେଳପଥର ବରିଷ୍ଠ ପ୍ରଶାସକ ନିରାକାର ଦାସ (ଓଡ଼ିଆ) ଡ଼ଃ କମଳାକୃଷ୍ଣ ତ୍ରିପାଠୀ (ଓଡ଼ିଆ) ଅନେକ ବରିଷ୍ଠ ସାରସ୍ୱତ ସାଧିକା ଓ ସାଧକ ଆଦି ‘ଉନ୍ମେଷ ‘ ଆଭାସୀ ସାରସ୍ୱତ ଆସରରେ ଯୋଗ ଦେଇଥିଲେ ଏବଂ ଶ୍ରୀଯୁକ୍ତ ଚନ୍ଦ୍ରବିଜୟୀ ମିଶ୍ର,(ବରିଷ୍ଠ ସାହିତ୍ୟିକ) ,ପ୍ରଫେସର୍ ଅନନ୍ତ କୁମାର ଗିରି,ଶ୍ରୀ ମନୋରଞ୍ଜନ ତ୍ରିପାଠୀ,ଅଧକ୍ଷ, ରାଜ୍ୟ ଶହୀଦ ସ୍ମୃତି ସମିତି,ଶିକ୍ଷାବିତ୍ ଓ ସାହିତ୍ୟିକ , ଡ଼.ପ୍ରଦୀପ କୁମାର ମିଶ୍ର,ବରିଷ୍ଠ ବକ୍ତା ତଥା ସାହିତ୍ୟିକ ଶ୍ରୀମାନ ସୁଭାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଆଭାସୀ ଆଲୋଚନାଚକ୍ରରେ ଉପସ୍ଥିତ ରହି ସ୍ୱାଧୀନ ଭାରତର ସଂଗ୍ରାମ ଇତିହାସ ସହ ବର୍ତ୍ତମାନ ଓ ଭବିଷ୍ୟତ କୁ ପର୍ଯ୍ୟବେସିତ କରି ବିଭିଧ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ । ଭାରତର ମୁକ୍ତି ସଂଗ୍ରାମ ଓ ଜାତୀୟ ଜାଗରଣର ଉନ୍ମେଷ- ଏକ ବିଶେଷ ପ୍ରସଙ୍ଗକୁ ନେଇ ଶ୍ରୀମତୀ କୃଷ୍ଣା ମହାନ୍ତି, ସଭାପତି, ଗାନ୍ଧୀ ସ୍ମାରକୀ ନିଧି (ଉତ୍କଳ), ଶ୍ରୀମତୀ ବିରଜା ଦେବୀ, ଗାନ୍ଧିବାଦୀ ତଥା ସମାଜସ୍ୱେୀ, ଶ୍ରୀମତୀ ଝରଣା ପଟ୍ଟନାୟକ,ଶିକ୍ଷାବିତ ତଥା ସାହିତ୍ୟ ସାଧିକା ଓ ଡ଼କ୍ଟର ଲୋପାମୁଦ୍ରା ମହାନ୍ତି, ସମାଜସେବୀ ଓ ପ୍ରାକ୍ତନ -ଅଧକ୍ଷା-ଓଡିଶା ମହିଳା କମିଶନ ଆଦି ଆଭାସୀ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ସାଫଲ୍ୟ ମାଣ୍ଡିତ୍ୟ କରିଥିଲେ । ସୃଜନୀ ପରିବାରର ଉପଦେଷ୍ଟା ମଣ୍ଡଳୀ ଶ୍ରୀଯୁକ୍ତ ଆଶୁତୋଷ ସାମନ୍ତସିଂହାର (ଆଇ ଏଫ୍ ଏସ୍ - ଅବସରପ୍ରାପ୍ତ), ସାହିତ୍ୟ ସାଧିକା ଡ଼.ବାସନ୍ତୀ ମହାନ୍ତି ଏବଂ ପ୍ରଫେସର୍ ଗୋଦାବରୀଶ ମିଶ୍ର,ଦର୍ଶନ ଶାସ୍ତ୍ର ବିଶାରଦ ତଥା ଶିକ୍ଷାବିତ୍ ନିଜସ୍ୱ ଅଭିଭାଷଣ ପ୍ରତେକ ଦିନ ସଭାରେ ରଖିବା ସହ ସୃଜନୀ ପରିବାରର ସଂପାଦକ ଶ୍ରୀଯୁକ୍ତ ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରୁଥିଲେ । ଉପସ୍ଥାପିକା ତଥା ସଂଯୋଜିକା କବୀ ଶ୍ରୀମତୀ ସୁମତି ମୁଣ୍ଡ ଓ ସାରସ୍ୱତ ସାଧିକା ଶ୍ରୀମତୀ ପାରମିତା ଷଡ଼ଙ୍ଗୀଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଗତିଶୀଳ ହୋଇଥିଲା । ଏହି ଅବସରରେ ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ଶ୍ରୀମତୀ ବିଦ୍ୟୁତପ୍ରଭା ପଟ୍ଟନାୟକ ,ଶ୍ରୀମତୀ ଆନନ୍ଦିନୀ ମିଶ୍ର, ଶ୍ରୀମତୀ ମହାଶ୍ୱେତା ପଟ୍ଟନାୟକ, ଇଂ.ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ଓ ଅନେକ କଣ୍ଠଶିଳ୍ପୀ ସଭାରେ ସଙ୍ଗୀତ ପରିବେଷଣ କରିଥିବା ସହ ସୃଜନୀପରିବାରର ମୁଖ୍ୟ ଉପଦେଷ୍ଟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଗୁଣୀଜନଙ୍କ ସମାବେଶ ହୋଇଥିଲା। ସଂଚାଳକ ରମେଶ ଚନ୍ଦ୍ର ପସାଏତ୍‌ଙ୍କ ମଙ୍ଗଳାଚରଣ, ଉପସ୍ଥାପନା, ଧନ୍ୟବାଦାର୍ପଣ ଓ ଶାନ୍ତିପାଠରେ ସଭାସାଙ୍ଗ ହେଉଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo